ମୋ ସ୍ୱପ୍ନର ସ୍ୱରାଜ୍ୟ

ଗାଁଧୀଜୀ

Digitized by srujanika@gmail.com

ମୋ ସ୍ୱପ୍ନର ସ୍ୱରାଜ୍ୟ

ଗାଂଧୀଜୀ

ଉତ୍କଳ ଗାନ୍ଧୀ ସ୍ମାରକ ନିଧି

Digitized by srujanika@gmail.com

ପ୍ରକାଶକୀୟ ନିବେଦନ

ଉତ୍କଳ ଗାନ୍ଧୀ ସ୍ମାରକ ନିଧି ଦ୍ୱାରା ପ୍ରକାଶିତ ଗାନ୍ଧୀ ରଚନାବଳୀ ଏବଂ ସର୍ବୋଦୟ ସାହିତ୍ୟର ଜିଜ୍ଞାସୁ ପାଠକମାନଙ୍କ ନିମନ୍ତେ ଗାନ୍ଧୀ ରଚନାବଳୀରୁ ସଂଗୃହୀତ ଗ୍ରାମସ୍ୱରାଜ୍ୟ, ସମ୍ବନ୍ଧରେ ଗାନ୍ଧୀଜୀଙ୍କ ବିଚାରକୁ ସଙ୍କଳିତ କରି ପ୍ରକାଶ କରାଯାଇଛି ।

ଏହି ସଙ୍କଳନରେ ଗାନ୍ଧୀଜୀଙ୍କର ସ୍ୱାଧୀନତା ଓ ସ୍ୱରାଜ୍ୟ ସମ୍ବନ୍ଧୀୟ ଯଥାର୍ଥ ଅବଧାରଣାକୁ ଯଥାସମ୍ଭବ ସଂକ୍ଷିପ୍ତ ଅଥଚ ପୂର୍ଣ୍ଣାଙ୍ଗ ଭାବରେ ଉପସ୍ଥାପନ କରିବାକୁ ଆମେ ଉଦ୍ୟମ କରିଛୁ । ଏଠାରେ ସ୍ପଷ୍ଟ କରି ଦେବା ଉଚିତ ହେବ ଯେ, ଗାନ୍ଧୀଜୀ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ନିଜର ପୂର୍ବମତକୁ ସଂଶୋଧନ କରିଥିଲେ ଏବଂ ନିଜର ଏହି ପରିବର୍ତ୍ତିତ ମତକୁ ଗ୍ରହଣ କରିବାକୁ ପାଠକମାନଙ୍କୁ ପରାମର୍ଶ ଦେଇଥିଲେ ମଧ୍ୟ ହିନ୍ଦ୍‌ସ୍ୱରାଜ୍ୟ ସମ୍ବନ୍ଧରେ ନିଜର ମୂଳ ସିଦ୍ଧାନ୍ତ ପ୍ରତି ଜୀବନର ଶେଷ ସମୟ ପର୍ଯ୍ୟନ୍ତ ଅବିଚଳ ରୂପେ ପ୍ରତିବଦ୍ଧ ରହିଥିଲେ । ତେଣୁ ହିନ୍ଦ୍‌ସ୍ୱରାଜ୍ୟ ସମ୍ବନ୍ଧରେ ୧୯୪୫ରେ ଜବାହରଲାଲ୍ ନେହେରୁଙ୍କୁ ଲିଖିତ ପତ୍ର ଓ ନେହେରୁଙ୍କ ଉତ୍ତରକୁ ମଧ୍ୟ ଏଥିରେ ସନ୍ନିବେଶ କରିଅଛୁ । ଏହାଦ୍ୱାରା ଗାନ୍ଧୀଜୀ ଏବଂ ନେହେରୁଙ୍କଠାରୁ ଆଜି ପର୍ଯ୍ୟନ୍ତ ଦେଶ ଶାସନ କରିଆସିଥିବା ଭାରତର ଶାସକଶ୍ରେଣୀ ମଧ୍ୟରେ ରାଷ୍ଟ୍ରୀୟ ଆନ୍ଦୋଳନର ମୂଳ ବୈପ୍ଳବିକ ଆଧାର ସ୍ୱରାଜ୍ୟ ଓ ଗ୍ରାମସ୍ୱରାଜ୍ୟକୁ ନେଇ ଯେଉଁ ବିରୋଧ ରହି ଆସିଛି ସେ ବିଷୟରେ ସ୍ପଷ୍ଟ ଧାରଣା ମିଳିବ ।

ଦେଶ ସ୍ୱାଧୀନ ହେବାର ପଚାଶ ବର୍ଷ ପରେ ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀ ବର୍ଷରେ ଗାନ୍ଧୀଙ୍କର ଓ ଗାନ୍ଧୀ ବିଚାରର ଭାରତର ଶାସକଶ୍ରେଣୀ ଦ୍ୱାରା ଅହରହ ସ୍ତୁତି କରାଯାଉଛି କିନ୍ତୁ ସ୍ୱରାଜ୍ୟ, ପଞ୍ଚାୟତରାଜ ଓ ଗ୍ରାମସ୍ୱରାଜ୍ୟ ସମ୍ବନ୍ଧୀୟ ଗାନ୍ଧୀଜୀଙ୍କ ଅବଧାରଣା ଏବଂ ଆଜିର ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ଗ୍ରାମସ୍ୱରାଜ୍ୟ, ଗ୍ରାମସଭା, ଲୋକଶାସନ କିମ୍ବା ପଞ୍ଚାୟତରାଜ ଯେ ଏକା ଜିନିଷ ନୁହେଁ ତାହା ବହୁସଂଖ୍ୟକ ଜନସାଧାରଣ ବୁଝିପାରୁ ନାହାନ୍ତି ।

ଉତ୍କଳ ଗାନ୍ଧୀ ସ୍ମାରକ ନିଧି ପକ୍ଷରୁ ପ୍ରକାଶିତ ମୌଳିକ ଗାନ୍ଧୀ ସାହିତ୍ୟ ରଚନାବଳୀ ଓ ଗାନ୍ଧୀଜୀଙ୍କ ବିଚାର ଓ କର୍ମ ଦର୍ଶନ ସମ୍ବନ୍ଧୀୟ ବିବେଚନା, ସଂକଳନ ଆଦି ପୁସ୍ତକଗୁଡ଼ିକ ପ୍ରତି ପାଠକ, ଶୁଭେଚ୍ଛୁମାନେ ଯଥେଷ୍ଟ ଉତ୍ସାହ ଓ ସହଯୋଗ ପ୍ରଦର୍ଶନ କରି ଆସିଛନ୍ତି ।

ଆମେ ଆଶା କରୁଛୁ ଆମର ଏ ନୂତନ ଉଦ୍ୟମ ପ୍ରତି ଆପଣଙ୍କର ସାହାଯ୍ୟ ଓ ସହଯୋଗ ଅବ୍ୟାହତ ରହିବ ।

ଉତ୍କଳ ଗାନ୍ଧୀ ସ୍ମାରକ ନିଧି

Digitized by srujanika@gmail.com

ମୋ ସ୍ୱପ୍ନର ସ୍ୱରାଜ୍ୟ

ଗାନ୍ଧୀଜୀ

ପ୍ରକାଶକ :
ଉତ୍କଳ ଗାନ୍ଧୀ ସ୍ମାରକ ନିଧି
ବାଖରାବାଦ, କଟକ-୨

ମୁଦ୍ରକ :
ଗ୍ରାମସେବକ ସମବାୟ ପ୍ରକାଶନ ଲି:
ବାଖରାବାଦ, କଟକ-୨

ପ୍ରଥମ ସଂସ୍କରଣ : ୧୯୯୮

ଛପା ସଂଖ୍ୟା : ୨୧୦୦

ମୂଲ୍ୟ : ଦଶଟଙ୍କା ମାତ୍ର

Digitized by srujanika@gmail.com

ପ୍ରକାଶକୀୟ ନିବେଦନ

ଉତ୍କଳ ଗାନ୍ଧୀ ସ୍ମାରକ ନିଧି ଦ୍ୱାରା ପ୍ରକାଶିତ ଗାନ୍ଧୀ ରଚନାବଳୀ ଏବଂ ସର୍ବୋଦୟ ସାହିତ୍ୟର ଜିଜ୍ଞାସୁ ପାଠକମାନଙ୍କ ନିମନ୍ତେ ଗାନ୍ଧୀ ରଚନାବଳୀରୁ ସଂଗୃହୀତ ଗ୍ରାମସ୍ୱରାଜ୍ୟ, ସମ୍ବନ୍ଧରେ ଗାନ୍ଧୀଜୀଙ୍କ ବିଚାରକୁ ସଂକଳିତ କରି ପ୍ରକାଶ କରାଯାଇଛି ।

ଏହି ସଂକଳନରେ ଗାନ୍ଧୀଜୀଙ୍କର ସ୍ୱାଧୀନତା ଓ ସ୍ୱରାଜ୍ୟ ସମ୍ବନ୍ଧୀୟ ଯଥାର୍ଥ ଅବଧାରଣାକୁ ଯଥାସମ୍ଭବ ସଂକ୍ଷିପ୍ତ ଅଥଚ ପୂର୍ଣ୍ଣାଙ୍ଗ ଭାବରେ ଉପସ୍ଥାପନ କରିବାକୁ ଆମେ ଉଦ୍ୟମ କରିଛୁ । ଏଠାରେ ସ୍ପଷ୍ଟ କରି ଦେବା ଉଚିତ ହେବ ଯେ, ଗାନ୍ଧୀଜୀ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ନିଜର ପୂର୍ବମତକୁ ସଂଶୋଧନ କରିଥିଲେ ଏବଂ ନିଜର ଏହି ପରିବର୍ତ୍ତିତ ମତକୁ ଗ୍ରହଣ କରିବାକୁ ପାଠକମାନଙ୍କୁ ପରାମର୍ଶ ଦେଇଥିଲେ ମଧ୍ୟ ହିନ୍ଦ୍ ସ୍ୱରାଜ୍ୟ ସମ୍ବନ୍ଧରେ ନିଜର ମୂଳ ସିଦ୍ଧାନ୍ତ ପ୍ରତି ଜୀବନର ଶେଷ ସମୟ ପର୍ଯ୍ୟନ୍ତ ଅବିଚଳ ରୂପେ ପ୍ରତିବଦ୍ଧ ରହିଥିଲେ । ତେଣୁ ହିନ୍ଦ୍ ସ୍ୱରାଜ୍ୟ ସମ୍ବନ୍ଧରେ ୧୯୪୫ରେ ଜବାହରଲାଲ୍ ନେହେରୁଙ୍କୁ ଲିଖିତ ପତ୍ର ଓ ନେହେରୁଙ୍କ ଉତ୍ତରକୁ ମଧ୍ୟ ଏଥିରେ ସନ୍ନିବେଶ କରିଅଛୁ । ଏହାଦ୍ୱାରା ଗାନ୍ଧୀଜୀ ଏବଂ ନେହେରୁଙ୍କଠାରୁ ଆଜି ପର୍ଯ୍ୟନ୍ତ ଦେଶ ଶାସନ କରିଆସିଥିବା ଭାରତର ଶାସକଶ୍ରେଣୀ ମଧ୍ୟରେ ରାଷ୍ଟ୍ରୀୟ ଆନ୍ଦୋଳନର ମୂଳ ବୈପ୍ଳବିକ ଆଧାର ସ୍ୱରାଜ୍ୟ ଓ ଗ୍ରାମସ୍ୱରାଜ୍ୟକୁ ନେଇ ଯେଉଁ ବିରୋଧ ରହି ଆସିଛି ସେ ବିଷୟରେ ସ୍ପଷ୍ଟ ଧାରଣା ମିଳିବ ।

ଦେଶ ସ୍ୱାଧୀନ ହେବାର ପଚାଶ ବର୍ଷ ପରେ ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀ ବର୍ଷରେ ଗାନ୍ଧୀଙ୍କର ଓ ଗାନ୍ଧୀ ବିଚାରର ଭାରତର ଶାସକଶ୍ରେଣୀ ଦ୍ୱାରା ଅହରହ ସ୍ତୁତି କରାଯାଉଛି କିନ୍ତୁ ସ୍ୱରାଜ୍ୟ, ପଞ୍ଚାୟତରାଜ ଓ ଗ୍ରାମସ୍ୱରାଜ୍ୟ ସମ୍ବନ୍ଧୀୟ ଗାନ୍ଧୀଜୀଙ୍କ ଅବଧାରଣା ଏବଂ ଆଜିର ସରକାରଙ୍କ ଦ୍ୱାରା ପ୍ରଚାରିତ ଗ୍ରାମସ୍ୱରାଜ୍ୟ, ଗ୍ରାମସଭା, ଲୋକଶାସନ କିମ୍ବା ପଞ୍ଚାୟତରାଜ ଯେ ଏକା ଜିନିଷ ନୁହେଁ ତାହା ବହୁସଂଖ୍ୟକ ଜନସାଧାରଣ ବୁଝିପାରୁ ନାହାନ୍ତି ।

ଉତ୍କଳ ଗାନ୍ଧୀ ସ୍ମାରକ ନିଧି ପକ୍ଷରୁ ପ୍ରକାଶିତ ମୌଳିକ ଗାନ୍ଧୀ ସାହିତ୍ୟ ରଚନାବଳୀ ଓ ଗାନ୍ଧୀଜୀଙ୍କ ବିଚାର ଓ କର୍ମ ଦର୍ଶନ ସମ୍ବନ୍ଧୀୟ ବିବେଚନା, ସଂକଳନ ଆଦି ପୁସ୍ତକଗୁଡ଼ିକ ପ୍ରତି ପାଠକ, ଶୁଭେଚ୍ଛୁମାନେ ଯଥେଷ୍ଟ ଉତ୍ସାହ ଓ ସହଯୋଗ ପ୍ରଦର୍ଶନ କରି ଆସିଛନ୍ତି ।

ଆମେ ଆଶା କରୁଛୁ ଆମର ଏ ନୂତନ ଉଦ୍ୟମ ପ୍ରତି ଆପଣଙ୍କର ସାହାଯ୍ୟ ଓ ସହଯୋଗ ଅବ୍ୟାହତ ରହିବ ।

ଉତ୍କଳ ଗାନ୍ଧୀ ସ୍ମାରକ ନିଧି

Digitized by srujanika@gmail.com

ସୂଚୀପତ୍ର

କ୍ର.ନଂ.	ବିଷୟ	ପୃଷ୍ଠା
୧ ।	ପାଠକଙ୍କ ପ୍ରତି	୧
୨ ।	ବର୍ତ୍ତକରେ ସ୍ୱରାଜ୍ୟ	୨
୩ ।	ସ୍ୱରାଜ୍ୟ	୫
	ସ୍ୱରାଜ୍ୟର ବ୍ୟାଖ୍ୟା	
	ମୃତ୍ୟୁ ଭୟ	
୪ ।	ଟିପଣୀ	୧୨
	ଭବିଷ୍ୟତରେ କ'ଣ ହେବ	
	ରେଲ ଓ ତାର	
୫ ।	'ଗାଂଧୀ-ରାଜ' ଲୁହେଁ	୧୩
୬ ।	ସ୍ୱରାଜ ସମ୍ବନ୍ଧରେ କେତେକ ଚିନ୍ତା	୧୫
୭ ।	ଗ୍ରାମ-ସ୍ୱରାଜ୍ୟ	୧୭
୮ ।	ଆମ ଗାଁ	୧୮
୯ ।	ଦ୍ୱିତୀୟ ସତ୍ତା	୨୧
	ଗ୍ରାମ-ସଂସ୍କୃତି ବନାମ ସହରୀ-ସଭ୍ୟତା	
	ଆମେ କିଜେ ସତ୍ତ୍ୱ ହେବା	
	ବସ୍ତ୍ର ସ୍ୱାବଲମ୍ବନ ଆମର ଲକ୍ଷ୍ୟ	
	ତାହା ହିଁ ପ୍ରକୃତ ସ୍ୱରାଜ୍ୟ	
	କେତେକ ଗୁରୁତର ପ୍ରଶ୍ନ	
୧୦ ।	ଗ୍ରାମରେ ବେକାର ସମସ୍ୟାର ସମାଧାନ	୨୬
	ଗ୍ରାମବାସୀମାନଙ୍କ ପ୍ରତି କର୍ତ୍ତବ୍ୟ	
	ଯୋଡ଼ିଏ ସଭ୍ୟତା	
୧୧ ।	ଗ୍ରାମୋଦ୍ୟୋଗ ଆନ୍ଦୋଳନ	୨୯
	ଗ୍ରାମ ପୁନର୍ଗଠନ କାର୍ଯ୍ୟ	
୧୨ ।	ଗ୍ରାମ ଶିଳ୍ପ	୩୨
୧୩ ।	ସ୍ୱାଧୀନତା	୩୬
୧୪ ।	ନେହେରୁଙ୍କୁ ଗାନ୍ଧୀଜୀଙ୍କ ପତ୍ର	୩୯
୧୫ ।	ନେହେରୁଙ୍କର ଉତ୍ତର	୪୨

Digitized by srujanika@gmail.com

ପାଠକଙ୍କ ପ୍ରତି

ଗାନ୍ଧୀଜୀ

ମୋର ଲେଖାଗୁଡ଼ିକର ମନୋଯୋଗୀ ପାଠକମାନଙ୍କୁ ଓ ସେଥିରେ ଆଗ୍ରହୀ ବ୍ୟକ୍ତିମାନଙ୍କୁ ମୁଁ କହିବାକୁ ଚାହେଁ ଯେ ମୋର ଲେଖାଗୁଡ଼ିକ ମଧ୍ୟରେ ସର୍ବଦା ସାମଞ୍ଜସ୍ୟ ରକ୍ଷା କରିବାକୁ ମୁଁ ଆଦୌ ଚିନ୍ତିତ ନୁହେଁ । ସତ୍ୟର ଅନୁସନ୍ଧାନରେ ମୁଁ ଅନେକ ଧାରଣାକୁ ତ୍ୟାଗ କରିଛି ଏବଂ ଅନେକ ନୂଆ କଥା ଶିଖିଛି । ମୁଁ ବୟସରେ ବୃଢ଼ା ହୋଇଗଲେ ସୁଦ୍ଧା ମୋର ଅନ୍ତରର ବିକାଶ ବନ୍ଦ ହୋଇଗଲାଣି କିମ୍ବା ଏ ଶରୀରର ବିନାଶ ସଙ୍ଗେ ସଙ୍ଗେ ଏହି ବିକାଶ ଶେଷ ପାଇଯିବ ବୋଲି ମୁଁ ଅନୁଭବ କରୁନାହିଁ । ମୁଁ ଯେଉଁଥିପାଇଁ ଚିନ୍ତିତ ତାହା ହେଉଛି—ମୋର ସତ୍ୟରୂପୀ ଭଗବାନଙ୍କ ଆହ୍ୱାନକୁ ପ୍ରତି ମୁହୂର୍ତ୍ତରେ ମାନିବାକୁ ପ୍ରସ୍ତୁତ ରହିବା । ତେଣୁ ମୋର କୌଣସି ଦୁଇଟି ଲେଖା ମଧ୍ୟରେ କେହି ଯଦି କୌଣସି ଅସାମଞ୍ଜସ୍ୟ ବା ପରସ୍ପର ବିରୁଦ୍ଧଭାବ ଲକ୍ଷ୍ୟ କରନ୍ତି ଓ ତାହା ସତ୍ତ୍ୱେ ଯଦି ମୋର ମାନସିକ ସୁସ୍ଥତା ଉପରେ ତାଙ୍କର ଆସ୍ଥା ଥାଏ, ତାହା ହେଲେ ସେହି ଏକା ବିଷୟରେ ସମୟର କ୍ରମ ଅନୁସାରେ ସେ ମୋର ପରବର୍ତ୍ତୀ ଲେଖାଟିକୁ ବାଛିଲେ ଠିକ୍ ହେବ ।

—ହରିଜନ, ତା ୨୯-୪-୧୯୩୩, ପୃଷ୍ଠା ୨

ଖେଡ଼ା ଜିଲ୍ଲାର କାପଡ଼ଓ୍ୱାଞ୍ଜର ଜଣେ ବନ୍ଧୁ ଗାନ୍ଧୀଜୀଙ୍କୁ କହିଲେ, "ଆପଣ କେତେକ ନିର୍ଦ୍ଦିଷ୍ଟ ବିଷୟରେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଅଭିମତ ପ୍ରକାଶ କରିଛନ୍ତି । ଆମର ବିରୋଧ କରିବାପାଇଁ ସମୟେ ସମୟେ ବିରୋଧୀ ଲୋକେ ଆପଣଙ୍କର ଏହି ପରସ୍ପର ବିରୁଦ୍ଧ ଅଭିମତର ସୁଯୋଗ ନେଇଥାନ୍ତି । ଏପରି ଅବସ୍ଥାରେ ଆମେ କଅଣ କରିବୁଁ ?"

ଗାନ୍ଧୀଜୀ ଉତ୍ତର ଦେଲେ, "ଏସବୁ ପ୍ରସଙ୍ଗରେ ଯେଉଁ ବିରୋଧାଭାସ ବା ଅସାମଞ୍ଜସ୍ୟ ଦେଖାଯାଉଛି, ତାହା ସେହିଭଳି କେବଳ ବାହାରକୁ ଦିଶୁଛି ଏବଂ ତାକୁ ସହଜରେ ସମାଧାନ କରାଯାଇପାରେ । ଯେଉଁ ନିୟମ ନିରାପଦରେ ଅନୁସରଣ କରି ଯାଇପାରେ ତାହା ହେଉଛି—କାଳାନୁକ୍ରମରେ ମୁଁ ଯାହା ସବା ପଛରେ କହିଥିବି, ତାହାକୁ ମୋର ପୂର୍ବର ସମସ୍ତ ମତ ଅପେକ୍ଷା ଅଗ୍ରମାନ୍ୟତା ଦେବାକୁ ହେବ । କିନ୍ତୁ ମୋର କୌଣସି ଉକ୍ତି—ମୁଁ ଆଗେ କହିଥାଏଁ ବା ପରେ କହିଥାଏଁ—ଯଦି ଆପଣଙ୍କର ହୃଦୟ ଓ ବୁଦ୍ଧିକୁ ରୁଚୁ ନ ଥାଏ, ତେବେ ଆପଣଙ୍କ ପାଇଁ ତାହା ବାଧ୍ୟତାମୂଳକ ହୋଇ ନ ପାରେ । ଏହାର ଅର୍ଥ ନୁହେଁ ଯେ ମୋର ଦୃଷ୍ଟିକୋଣ ବା ସିଦ୍ଧାନ୍ତ ଭୁଲ । ମାତ୍ର ଆପଣ ଯେଉଁ ଦୃଷ୍ଟିକୋଣ ପସନ୍ଦ କରିପାରୁ ନାହାନ୍ତି ବା ଯାହାକୁ ନିଜର ଚିନ୍ତାଧାରା ସହି ମିଶାଇ ପାରୁନାହାନ୍ତି, ତାହାକୁ ଗ୍ରହଣ କରିବା ଭୁଲ ହେବ ।

—ହରିଜନ, ତା ୨୮-୨-୧୯୩୯

Digitized by srujanika@gmail.com

ବର୍ଷକରେ ସ୍ୱରାଜ୍ୟ

ମୁଁ କଲିକତାର କଂଗ୍ରେସ ଅଧିବେଶନରେ କହିଥିଲି ଯେ ମୋର ଅସହଯୋଗ କାର୍ଯ୍ୟକ୍ରମ ପ୍ରତି ଲୋକେ ଯଦି ଭଲଭାବରେ ଉତ୍ସାହ ଦେଖାଇବେ ତେବେ ବର୍ଷକରେ ସ୍ୱରାଜ୍ୟ ମିଳିଯିବ । ଏଥିପାଇଁ ମୋତେ ବହୁତ ବ୍ୟଙ୍ଗ କରାଯାଇଥିଲା । କେତେକ ଲୋକ ଏହି କାରଣରୁ ମୋର ସର୍ତ୍ତଗୁଡ଼ିକୁ ଉପେକ୍ଷା କରିଦେଲେ ଏବଂ ମୋ କଥାକୁ ପରିହାସ କଲେ ଯେ କୌଣସି ପ୍ରକାରେ ବର୍ଷକ ମଧ୍ୟରେ ସ୍ୱରାଜ୍ୟ ଆଣିବା ଅସମ୍ଭବ କଥା । ଆଜି କେତେକ ଲୋକ 'ଯଦି'' ଉପରେ ଜୋର ଦେଇ କହିଛନ୍ତି ଯେ ଯୁକ୍ତିରେ ଏ ପ୍ରକାରର "ଯଦି" ଯୋଡ଼ି ଦିଆଗଲେ ଯେ କୌଣସି ବିତଣ୍ଡାକୁ ସମ୍ଭବପର ବୋଲି ପ୍ରମାଣ କରାଯାଇ ପାରିବ । କିନ୍ତୁ ମୋର ମାନ୍ୟତା ଗଣିତର ହିସାବ ଉପରେ ଆଧାରିତ ଏବଂ ମୁଁ କହିବି ଯେ ମୋ ସର୍ତ୍ତଗୁଡ଼ିକ ଯଥାର୍ଥ ଭାବରେ କାର୍ଯ୍ୟାନ୍ୱିତ ନ କଲେ, ପ୍ରକୃତ ସ୍ୱରାଜ୍ୟ ମିଳିବା ପ୍ରାୟ ଅସମ୍ଭବ । ସ୍ୱରାଜ୍ୟର ଅର୍ଥ ହେଉଛି ଏପରି ଏକ ଅବସ୍ଥା, ଯେଉଁ ଅବସ୍ଥାରେ କି ଇଂରେଜମାନଙ୍କ ଅନୁପସ୍ଥିତିରେ ଆମେ ଆମର ପୃଥକ ଅସ୍ତିତ୍ୱ ପ୍ରତିଷ୍ଠା କରିପାରିବା । ଯଦି ଆମେ ସାମ୍ରାଜ୍ୟର ଅଂଶୀଦାର ହେବାର କଥା ହେବ, ତାହା ମଧ୍ୟ ସ୍ୱେଚ୍ଛା-ପ୍ରଣୋଦିତ ହେବା ଉଚିତ । ଆମେ ଯେଉଁ ପର୍ଯ୍ୟନ୍ତ ଇଂରେଜଙ୍କ ସଙ୍ଗେ ସମାନ ଶ୍ରେଣୀକୁ ନ ଯାଉଛୁଁ ଏବଂ ନିଜକୁ ସେମାନଙ୍କ ସମକକ୍ଷ ନ ମଣିଛୁ, ସେ ପର୍ଯ୍ୟନ୍ତ ସ୍ୱରାଜ୍ୟ ମିଳିପାରିବ ନାହିଁ । ବର୍ତ୍ତମାନ ଆମେ ଉପଲବ୍ଧି କରୁଛୁଁ ଯେ କେବଳ ଆମର ଆଭ୍ୟନ୍ତରୀଣ ଓ ବାହ୍ୟ ସୁରକ୍ଷା ପାଇଁ, ଅସ୍ତ୍ରବଳ ଦ୍ୱାରା ହିନ୍ଦୁ ମୁସଲମାନଙ୍କ ମଧ୍ୟରେ ଶାନ୍ତି ରକ୍ଷା ପାଇଁ, ନିଜର ଶିକ୍ଷା ପାଇଁ, ଓ ଦୈନନ୍ଦିନ ଆବଶ୍ୟକତା ପୂରଣ କରିବା ପାଇଁ ନୁହେଁ, ଉପରନ୍ତୁ ନିଜର ଧାର୍ମିକ ଗଣ୍ଡଗୋଳ ତୁଟାଇବା ପାଇଁ ମଧ୍ୟ ଆମେ ଇଂରେଜଙ୍କର ଆଶ୍ରିତ ହୋଇ ରହିଛୁ । ରାଜାମାନେ ନିଜ ନିଜ ରାଜ୍ୟ ପାଇଁ ଓ ଲକ୍ଷପତିମାନେ ଲକ୍ଷ ଲକ୍ଷ ଟଙ୍କା ପାଇଁ ଇଂରେଜଙ୍କ ଉପରେ ନିର୍ଭର କରୁଛନ୍ତି । ଇଂରେଜମାନେ ଆମର ଏ ଅସହାୟ ଅବସ୍ଥାକୁ ଜାଣନ୍ତି ଏବଂ ସାର୍ ଟମାସ ହାଲେଣ୍ଡ ଯେ ଅସହଯୋଗୀମାନଙ୍କୁ ବ୍ୟଙ୍ଗ କରିଛନ୍ତି, ତାହା ସମୁଚିତ ହିଁ ହୋଇଛି । ଏଣୁ ସ୍ୱରାଜ୍ୟ ଲାଭର ଅର୍ଥ ହେଲା, ନିଜର ଅସହାୟ ଅବସ୍ଥାରୁ ମୁକ୍ତି ପାଇବା । ସମସ୍ୟା ବହୁତ ବଡ଼, ଏଥିରେ କୌଣସି ସନ୍ଦେହ ନାହିଁ । ପୁଣି ଆମ ଅବସ୍ଥା ହୋଇଛି ଠିକ୍ ସେହି ବାଘ ପରି ଯିଏ ଛେଳି ପଲ ଭିତରେ ବଢ଼ିଥିବା ହେତୁ ନିଜେ ଯେ ପ୍ରକୃତରେ ଛେଳି ନୁହେଁ, ମାତ୍ର ବାଘ ଅଟେ, ତାହା ବୁଝି ପାରେ ନାହିଁ, ଟଲଷ୍ଟୟ କହିଛନ୍ତି ଯେ ମଣିଷ ଅନେକ ସମୟରେ ସମ୍ମୋହନଶକ୍ତିର ବଶୀଭୂତ ହୋଇ କାମ କରେ । ସେହି କୁହୁକର ପ୍ରଭାବରେ ଆମେ ବରାବର ଅସହାୟ ଅବସ୍ଥା ଅନୁଭବ କରୁଛୁଁ । ସ୍ୱୟଂ ଇଂରେଜମାନେ ଆମକୁ ଏହି

Digitized by srujanika@gmail.com

ଅବସ୍ଥାକୁ ଅବ୍ୟାହତ ପାଇବାପାଇଁ ସାହାଯ୍ୟ କରିବେ ବୋଲି ସେମାନଙ୍କଠାରୁ ଆଶା କରାଯାଇ ନ ପାରେ । ଏହାର ଓଲଟା, ସେମାନେ ଆମ କାନରେ ମନ୍ତ୍ର ଫୁଙ୍କୁଛନ୍ତି ଯେ ଆମେ ଧୀରେ ଧୀରେ ତାଲିମ ନେବାର ଉପାୟ ଦ୍ୱାରା ସ୍ୱଶାସନ-ପାଇଁ ଉପଯୁକ୍ତ ହୋଇପାରିବା । "ଟାଇମ୍‌ସ୍‌ର" ବକ୍ତବ୍ୟ ହେଉଛି ଆମେ କାଉନ୍‌ସିଲ ବର୍ଜନ କଲେ ସ୍ୱରାଜ୍ୟ ପାଇଁ ତାଲିମ ପାଇବାର ଗୋଟିଏ ସୁଯୋଗକୁ ହରାଇ ବସିବା । "ଟାଇମସ୍"ର ଏହି ଅଭିମତକୁ ଯେ ବହୁଲୋକ ସ୍ୱୀକାର କରନ୍ତି, ଏଥିରେ ମୋର ଟିକିଏ ହେଲେ ସନ୍ଦେହ ନାହିଁ । ସେହି ଯୁକ୍ତିରେ ଗୋଟିଏ ମିଥ୍ୟାର ମଧ୍ୟ ଆଶ୍ରୟ ନିଆଯାଇଛି । ତାହା ହେଉଛି ମିଶରବାସୀ କାଉନ୍‌ସିଲ-ବର୍ଜନ ବନ୍ଦ କରି ଦେବାକୁ ପ୍ରସ୍ତୁତ ହେବା ପରେ ଲର୍ଡ ମିଲ୍‌ନରଙ୍କ ମିଶନ ମିଶରବାସୀଙ୍କ କଥା ଶୁଣିଲେ । ମୋ ବିଶ୍ୱାସରେ ସ୍ୱରାଜ୍ୟ ସମ୍ବନ୍ଧରେ ଆମର ଗୋଟିଏ ମାତ୍ର ତାଲିମ ନେବାର ଆବଶ୍ୟକତା ଅଛି । ତାହା ହେଉଛି, ସମଗ୍ର ପୃଥିବୀ ଆମ ବିରୋଧରେ ଛିଡ଼ା ହେଲେ ସୁଦ୍ଧା ଆମେ ନିଜେ ନିଜକୁ ରକ୍ଷା କରି ପାରିବା ଏବଂ ଆମ ଜୀବନରେ ଯାହା ଯେତେ ଦୋଷ ଥାଉ ପଛକେ, ଆମେ ପୁରାପୁରି ସ୍ୱାଧୀନ ଭାବରେ ସ୍ୱାଭାବିକ ଜୀବନ ବିତାଇ ପାରିବା । ସୁଶାସନ ସ୍ୱଶାସନର ସ୍ଥାନ ନେଇ ନ ପାରେ । ଆଫଗାନିସ୍ଥାନର ସରକାର ଖରାପ, କିନ୍ତୁ ତାହା ସ୍ୱଦେଶୀ ସରକାର । ମୁଁ ସେମାନଙ୍କର ଭାଗ୍ୟକୁ ଈର୍ଷା କରୁଛି । ଜାପାନୀମାନେ ରକ୍ତ ନଦୀ ବୁହାଇଦେଇ ସ୍ୱଶାସନ-କଳା ଶିଖିଲେ । ଆଜି ଯଦି ଆମେ ପଶୁ-ବଳରେ ଇଂରେଜଙ୍କଠାରୁ ଶ୍ରେଷ୍ଠ ହୋଇଥାନ୍ତୁ ଓ ସେହି ପଶୁବଳ ଦ୍ୱାରା ଏଠାରୁ ଇଂରେଜମାନଙ୍କୁ ବାହାର କରି ଦଅନ୍ତୁ, ତେବେ ତ ଆମେ ଇଂରେଜଙ୍କଠାରୁ ଶ୍ରେଷ୍ଠ ପ୍ରମାଣିତ ହୋଇ ଯାଆନ୍ତୁ, ଏବଂ କାଉନସିଲରେ ଟେବୁଲ ପାଖରେ ଯୁକ୍ତି ବାଢ଼ିବାର ବା ଶାସନ ସମ୍ବନ୍ଧୀୟ ଦାୟିତ୍ୱକୁ ନିଜର ଅଭିଜ୍ଞତା ଅର୍ଜନ ନ କରି ସୁଦ୍ଧା ସ୍ୱଶାସନ ପାଇଁ ଯୋଗ୍ୟ ବିବେଚିତ ହୁଅନ୍ତେ ।

ପାଶ୍ଚାତ୍ୟ ଜଗତ୍ ଏପର୍ଯ୍ୟନ୍ତ କେବଳ ପଶୁବଳକୁ ହିଁ କଷୋଟିରେ କଷୁଛି । ଜର୍ମାନ ଜାତି ଯେ ପରାଜିତ ହେଲେ ତାହାର କାରଣ ନୁହେଁ ଯେ, ସେମାନେ ନିଶ୍ଚିତରୂପେ ଭୁଲ ବାଟରେ ଯାଉଥିଲେ । ତାହାର କାରଣ ହେଉଛି, ମିତ୍ରରାଷ୍ଟ୍ର ପଶୁବଳରେ ଜର୍ମାନ ଗୋଷ୍ଠୀଠାରୁ ଶ୍ରେଷ୍ଠ ପ୍ରମାଣିତ ହେଲେ । ତାହାହେଲେ ଶେଷକୁ ଏଥିରୁ ସାରକଥା ବାହାରୁଛି ଯେ ଭାରତ ଯୁଦ୍ଧକଳା ଶିଖୁ ଅଥଚ ଇଂରେଜ ତାଙ୍କୁ ଏହା ଶିଖାଇବ ନାହିଁ । ନଚେତ୍ ସେ ଅସହଯୋଗ ଦ୍ୱାରା ଅନୁଶାସନ ଓ ଆତ୍ମବଳିଦାନର ପନ୍ଥା ଅନୁସରଣ କରୁ । ଏତ ଲକ୍ଷରୁ ସୁଦ୍ଧା ଅଳ୍ପସଂଖ୍ୟକ ଇଂରେଜ ଯେ ସାଢ଼େ ଏକତିରିଶ କୋଟି ଭାରତୀୟଙ୍କୁ ଶାସନ କରୁଛନ୍ତି, ଏହା ଯେତିକି ଅପମାନଜନକ ସେତିକି ଆଶ୍ଚର୍ଯ୍ୟଜନକ କଥା ।

Digitized by srujanika@gmail.com

ସେମାନେ ଯେ କେତେକାଂଶରେ ନିଜ ବାହୁବଳରେ ଏପରି ଶାସନ ଚଳାଉଛନ୍ତି, ଏଥିରେ ସନ୍ଦେହ ନାହିଁ, ମାତ୍ର ଆମଠାରୁ ସହସ୍ର ପ୍ରକାରରେ ସହଯୋଗ ପାଉଛନ୍ତି ବୋଲି ତାହାଠାରୁ ବହୁଗୁଣରେ ସେମାନେ ଶାସନ କରି ପାରୁଛନ୍ତି । ପୁଣି ଦିନ ବଢିବା ସଙ୍ଗେ ସଙ୍ଗେ ଆମକୁ ଅଧିକରୁ ଅଧିକ ଅସହାୟ ଓ ସେମାନଙ୍କ ଉପରେ ନିର୍ଭରଶୀଳ କରାଇ ଏ ଶାସନ ଚଳାଉଛନ୍ତି । ନୂଆ କାଉନ୍‌ସିଲ୍, ଅଧିକ ଅଦାଲତ, ଉଚ୍ଚପଦ ପୁରସ୍କାରକୁ ସୁଦ୍ଧା ଭୁଲବଶତଃ ପ୍ରକୃତ ସ୍ୱାଧୀନତା ବା କ୍ଷମତା ବୋଲି ବିଚାରିବା ଆମ ପକ୍ଷରେ ଆଦୌ ଉଚିତ ନୁହେଁ । ଏଗୁଡ଼ିକ ହେଉଛି ଆମକୁ ପୁରୁଷାର୍ଥହୀନ କରିଦେବାର ଗୂଢ଼ ଉପାୟ । ଇଂରେଜମାନେ କେବଳ ପଶୁବଳ ସାହାଯ୍ୟରେ ଆମକୁ ଶାସନ କରୁନାହାନ୍ତି । ସେଥିପାଇଁ ଭାରତ ଉପରେ ନିଜର ପ୍ରଭୁତ୍ୱ ରକ୍ଷା କରିବାପାଇଁ ସେମାନେ ଭଲ ମନ୍ଦ ସବୁ ଉପାୟ ଅବଲମ୍ବନ କରନ୍ତି । ସେମାନେ ନିଜର ସାମ୍ରାଜ୍ୟବାଦର କ୍ଷୁଧା ମେଣ୍ଟାଇବା ପାଇଁ ଧାରାବାହିକ ଭାବରେ ଭାରତରୁ ସୁନାରୂପା ଓ ଲୋକବଳ ପାଇବାକୁ ଚାହାନ୍ତି । ଆମେ ଯଦି ସେମାନଙ୍କୁ ଧନଜନ ଯୋଗାଇବାକୁ ମନା କରିଦେବା ତେବେ ତାହାର ଅର୍ଥ ହେବ ଆମେ ଆମର ଲକ୍ଷ୍ୟ ସ୍ୱରାଜ୍ୟ ସମାନତା ଓ ପୁରୁଷାର୍ଥ ଅର୍ଜନ କରିଗଲୁଁ ।

ଭାଇସ୍‌ରାୟଙ୍କ କାଉନ୍‌ସିଲର ବୈଠକର ଶେଷ ଦୃଶ୍ୟରେ ଯାହା ଘଟିଲା, ତାହା ଆମର ଅପମାନର ମାତ୍ରାକୁ ପରିପୂର୍ଣ୍ଣ କରିଦେଲା । ସେତେବେଳେ ଶ୍ରୀ ଶାସ୍ତ୍ରୀ ପଞ୍ଜାବ ସମ୍ବନ୍ଧୀୟ ପ୍ରସ୍ତାବଟି ଉପସ୍ଥାପିତ କରିପାରିଲେ ନାହିଁ । ଜାଲିୟାନାୱାଲାବାଗର ବର୍ବରତାର ଶିକାର ହୋଇଥିବା ଭାରତୀୟମାନଙ୍କୁ ଟ ୧୨୫୦ ଙ୍କା ମିଳିବା ସ୍ଥଳେ ନିର୍ବିଘ୍ନର ଜନମେଳରେ ଶିକାର ହୋଇଥିବା ଇଂରେଜକୁ ଲକ୍ଷ ଲକ୍ଷ ଟଙ୍କା ମିଳିଲା । ଅଫିସରମାନେ ହେଉଛନ୍ତି ଜନ-ସାଧାରଣଙ୍କ ସେବକ । କିନ୍ତୁ ଯେଉଁ ଅଫିସରମାନେ ନିଜ ମାଲିକ, ଅର୍ଥାତ୍ ଜନସାଧାରଣଙ୍କ ବିରୋଧରେ ଅପରାଧ କରିଥିଲେ, ସେମାନଙ୍କୁ କେବଳ ଭର୍ତ୍ସନା କରି ଛାଡ଼ି ଦିଆଗଲା । କାଉନ୍‌ସିଲର ସଦସ୍ୟମାନେ ସେଥିକରେ ସନ୍ତୁଷ୍ଟ ହୋଇ-ଗଲେ । ଭାରତ ଶକ୍ତିସମ୍ପନ୍ନ ହୋଇଥିଲେ ସେ ନିଜ ଘାଆ ଉପରେ ଲୁଣ ଛିଞ୍ଚିବାକୁ ବରଦାସ୍ତ କରି ନ ଥାନ୍ତା ।

ମୁଁ ଇଂରେଜଙ୍କୁ ଦୋଷ ଦେଉନାହିଁ । ଆମେ ଯଦି ସେମାନଙ୍କ ପରି ସଂଖ୍ୟାରେ ଅଳ୍ପ ହୋଇଥାନ୍ତୁ, ତେବେ ସେମାନେ ଆଜି ଯେଉଁ ଉପାୟ ଅବଲମ୍ବନ କରୁଛନ୍ତି, ଆମେ ମଧ୍ୟ ସେହି ଉପାୟ ଅବଲମ୍ବନ କରିଥାନ୍ତୁ । ଆତଙ୍କ ସୃଷ୍ଟି କରିବା ଓ କପଟାଚାର ବଳବାନର ଅସ୍ତ୍ର ନୁହେଁ, ଏହା ଦୁର୍ବଳର ଅସ୍ତ୍ର । ଫଳହେଲା ଯେ ଦୁହେଁ ପରସ୍ପରକୁ ତଳକୁ ଖସାଇବା ପାଇଁ ଚେଷ୍ଟା କରୁଛନ୍ତି । ସାଧାରଣତଃ ଦେଖାଯାଇଥାଏ ଯେ ଇଂରେଜ ଲୋକ ଭାରତରେ ରହିବା ପରେ

Digitized by srujanika@gmail.com

ଚରିତ୍ର ଦୃଷ୍ଟିରୁ ଦୁର୍ବଳ ହୋଇଯାଆନ୍ତି, ଏବଂ ଭାରତୀୟମାନେ ଇଂରେଜମାନଙ୍କ ସମ୍ପର୍କରେ ଆସି ସାହସ ଓ ପୌରୁଷ ହରାଇ ବସନ୍ତି । ଏପରି ଦୁର୍ବଳତା ଲାଗି ରହିଥିବାର ଫଳ ଆମ ଦୁଇ (ବିଲାତ ଓ ଭାରତ) ରାଷ୍ଟ୍ର ପକ୍ଷରେ ଓ ପୃଥିବୀପାଇଁ ମଧ୍ୟ ଭଲ ନୁହେଁ ।

କିନ୍ତୁ, ଯଦି ଆମେ ଭାରତୀୟମାନେ ନିଜେ ନିଜ ପ୍ରତି ଦୃଷ୍ଟି ଦେବା, ତେବେ ଇଂରେଜ ଓ ପୃଥିବୀ ମଧ୍ୟ ନିଜ ପ୍ରତି ଦୃଷ୍ଟି ଦେବେ । ସେଥିପାଇଁ ଆମେ ନିଜ ଘର ସଜାଡିବା ଦ୍ୱାରା ହିଁ ଆମେ ପୃଥିବୀର ପ୍ରଗତିରେ ଯଥାର୍ଥରେ ଅଂଶ ଗ୍ରହଣ କରିପାରିବା ।

ବର୍ତ୍ତମାନ ଅସ୍ତ୍ରଶସ୍ତ୍ର ତାଲିମ ନେବା ପ୍ରଶ୍ନ ଉଠୁନାହିଁ । ମୁଁ ପାଦେ ଆଗକୁ ଯାଇ କହୁଛି ଯେ ପୃଥିବୀକୁ ଏକ ଉଚ୍ଚତର ସନ୍ଦେଶ ଦେବା ଭାରତର କର୍ତ୍ତବ୍ୟ । ଶୁଦ୍ଧ ଆତ୍ମ ବଳିଦାନ, ଅର୍ଥାତ୍ ଆତ୍ମଶୁଦ୍ଧି ଦ୍ୱାରା ନିଜର ଲକ୍ଷ୍ୟ ଲାଭ କରିପାରେ, ଏ କଥା ଦେଖେଇ ଦେବାର କ୍ଷମତା ଭାରତଠାରେ ଅଛି । ଏହା କେବଳ ଅସହଯୋଗ ଦ୍ୱାରା କରାଯାଇପାରେ । ପୁଣି ଅସହଯୋଗ ସମ୍ଭବ ହେବ ସେତିକି-ବେଳେ, ଯେତେବେଳେ ସହଯୋଗ କରିବାକୁ ଆରମ୍ଭ କରିଥିବା ଲୋକେ ସହଯୋଗ କରିବା ବନ୍ଦ କରିଦେବେ । ଆମେ ଯଦି କେବଳ ସରକାରର ତିନୋଟି ମାୟା, ଅର୍ଥାତ୍ ସରକାର ନିୟନ୍ତ୍ରିତ ସ୍କୁଲ କଲେଜ, ସରକାରୀ ଅଦାଲତ ଓ ବିଧାନ-ସଭାରୁ ମୁକ୍ତ ହୋଇଯିବା ଏବଂ ଯଥାର୍ଥରେ ଆମ ଶିକ୍ଷାକୁ ଆମ ନିୟନ୍ତ୍ରଣାଧୀନ କରି ଦେଇପାରିବା, ନିଜ କଳିକଜିଆ ନିଜେ ତୁଟାଇ ପାରିବା ଓ ସରକାରୀ ଆଇନକାନୁନ ପ୍ରତି ଉଦାସୀନ ହୋଇଯିବା, ତେବେ ଆମ୍ଭେମାନେ ସ୍ୱଶାସନ ପାଇଁ ଉପଯୁକ୍ତ ହୋଇଗଲେ ବୋଲି ବୁଝିବାକୁ ହେବ । ପୁଣି ଏସବୁ କରିସାରିବା ପରେ ଆମେ ସରକାରୀ ଚାକିରିଆମାନଙ୍କୁ-ସେ ସୈନ୍ୟ ବିଭାଗର ହୁଅନ୍ତୁ ବା ଶାସନ ବିଭାଗର ହୁଅନ୍ତୁ—ଚାକିରି ଛାଡ଼ିବାକୁ ଓ କରଦାତାମାନଙ୍କୁ ଖଜଣା ବନ୍ଦ କରିବାକୁ କହିପାରିବା । × × ×

—ୟଙ୍ଗ୍ ଇଣ୍ଡିଆ, ତା ୨୨-୯-୧୯୨୦

ସ୍ୱରାଜ୍ୟ

ମୁଁ ଅତି ସୁସ୍ପଷ୍ଟ ଭାଷାରେ କହୁଛି ଯେ, ଆମମଧ୍ୟରୁ ଅସ୍ପୃଶ୍ୟତା ଉଚ୍ଛେଦ ନହେଲେ ସ୍ୱରାଜ-ପ୍ରାପ୍ତି ଅସମ୍ଭବ ଅଟେ । ସାରା ବିଶ୍ୱରେ ଯେ ଆମେ ସାମାଜିକ କୁଷ୍ଠରୋଗୀ ବୋଲି ବିବେଚିତ ହେଉଛୁଁ, ତାହାର କାରଣ ହେଉଛି ଯେ, ଆମେ ନିଜ ଦେଶର ଏକ ପଞ୍ଚମାଂଶ ଲୋକଙ୍କୁ ସେହିଭଳି ବିବେଚନା କରୁଛୁଁ । ଅସହଯୋଗର ଲକ୍ଷ୍ୟ ହେଉଛି ହୃଦୟ-ପରିବର୍ତ୍ତନ । କେବଳ

Digitized by srujanika@gmail.com

ଇଂରେଜଙ୍କ ହୃଦୟ-ପରିବର୍ତ୍ତନ ବୁଝେଁ, କିନ୍ତୁ ସମାନ ଭାବରେ ଆମର ମଧ୍ୟ ହୃଦୟ-ପରିବର୍ତ୍ତନ । ପ୍ରକୃତପକ୍ଷେ କହିବାକୁ ଗଲେ, ମୁଁ ଆଶା କରେ ଯେ, ହୃଦୟ-ପରିବର୍ତ୍ତନ ପ୍ରଥମେ ଆମର ହେଉ ଏବଂ ତାହା ପରେ ଆପଣା ଛାଏଁ ଇଂରେଜଙ୍କର ହେବ । ଯେଉଁ ଜାତି ଯୁଗ ଯୁଗ ବ୍ୟାପୀ ଏକ ଜନଙ୍କୁ ଯଦି ଦର୍ଶକ ମଧ୍ୟରେ ଚିହ୍ନି ଦେଇପାରେ, ଆମେ ପୋଷାକ ବଦଳାଇଲା ପରି ଯଦି ମଦ୍ୟପାନ ଅଭ୍ୟାସକୁ ବଦଳାଇ ଦେଇପାରୁଁ ଏବଂ ଯେଉଁ ଗୃହ ଗୋଟିଏ ବର୍ଷ ମଧ୍ୟରେ ନିଜର ଆଦିମ ଶିଳ୍ପ ଧନ୍ଦାକୁ ଫେରି ଆସିପାରେ ଏବଂ ନିଜର ବଳକା ସମୟର ସଦୁପଯୋଗ କରି ଷାଠିଏ କୋଟି ଟଙ୍କା ମୂଲ୍ୟରେ ଲୁଗାପଟା ଉତ୍ପାଦନ କରିପାରେ, ସେହି ଗୃହ ଏକ ପରିବର୍ତ୍ତିତ ଗୃହ ଅଟେ । ଏହି ପରିବର୍ତ୍ତନ ସାମ୍ରାଜ୍ୟରେ ନିଶ୍ଚୟ ପ୍ରତିକ୍ରିୟା ଘଟାଇବ । ଈଶ୍ୱରଙ୍କ ଯେ ଅସ୍ତିତ୍ୱ ଅଛି ଓ ତାଙ୍କର ଅନୁଗ୍ରହ ଅଛି, ଏହାର ବିଶ୍ୱାସଯୋଗ୍ୟ ନିଦର୍ଶନ ଅଛୁଆପରିହାର କରୁଥିବା ବ୍ୟକ୍ତିଙ୍କ ଏତଦ୍ୱାରା ମିଳିଯିବ । ସେହିହେତୁରୁ ମୁଁ କହୁଛି ଯେ, ଯଦି ଭାରତ ଏହିପରି (ଆପଣାର ସାଧନାରେ) ପରିବର୍ତ୍ତିତ ହୋଇଯାଏ, ତେବେ ସ୍ୱରାଜ୍ୟ ଅର୍ଜନ କରିବାପାଇଁ ଭାରତର ଅଧିକାରକୁ ପୃଥିବୀର କୌଣସି ଶକ୍ତି ଅସ୍ୱୀକାର କରିପାରିବ ନାହିଁ । ଭାରତର ଦିଗ୍‌ବଳୟରେ ମେଘମାଳା ଘନୀଭୂତ ହୋଇଥିଲେ ସୁଦ୍ଧା ମୁଁ ସାହସ କରି ଭବିଷ୍ୟତ୍-ବାଣୀ କରୁଛି ଯେ ଯେଉଁ ମୁହୂର୍ତ୍ତରେ ଭାରତ ଅସ୍ପୃଶ୍ୟମାନଙ୍କ ପ୍ରତି ବ୍ୟବହାର ପାଇଁ ଅନୁତାପ କରିବ ଏବଂ ବିଦେଶୀ ବସ୍ତ୍ର ବର୍ଜନ କରିବ, ସେହି ମୁହୂର୍ତ୍ତରେ ନିଜ ହୃଦୟକୁ କଠିନ କରିଦେଇଥିବା ଇଂରେଜ ସରକାରୀ କର୍ମଚାରୀ-ଗୋଷ୍ଠୀ ଭାରତକୁ ଏକ ସ୍ୱାଧୀନ ଓ ସାହସୀ ଜାତି ବୋଲି ଅଭିନନ୍ଦନ କରିବେ ।

ୟଙ୍ଗ୍ ଇଣ୍ଡିଆ, ତା ୨୯। ୯। ୧୯୨୧

ସ୍ୱରାଜ୍ୟର ବ୍ୟାଖ୍ୟା

ସ୍ୱରାଜ୍ୟର ବ୍ୟାଖ୍ୟା ସମ୍ବନ୍ଧରେ ମୁଁ ତ ମନେ ମନେ ବହୁତ ଚିନ୍ତା କରୁଛି, ବର୍ତ୍ତମାନ ତାହା ପାଠକଙ୍କ ଆଗରେ ମଧ୍ୟ ଉପସ୍ଥାପିତ କରୁଛି ।

୧ । ସ୍ୱରାଜ୍ୟର ଅର୍ଥ ହେଉଛି—ସ୍ୱୟଂ ନିଜ ଉପରେ ଲାଭ କରିଥିବା ରାଜ୍ୟ । ଯେଉଁ ବ୍ୟକ୍ତି ଏହା ଲାଭ କରି ସାରିଛି, ସେ ନିଜର ବ୍ୟକ୍ତିଗତ ପ୍ରତିଜ୍ଞା ପାଳନ କରି ସାରିଛି ।

୨ । କିନ୍ତୁ ଆମେ ତାହାର କେତେକ ଲକ୍ଷଣ ଓ ରୂପରେଖ କଳ୍ପନା କରିବୁ । ଅତଏବ, ସ୍ୱରାଜ୍ୟର ଅର୍ଥ ହେଉଛି—ଦେଶର ରାଜସ୍ୱ ଓ ଆମଦାନୀ ଉପରେ, ସେନା ଓ ବିଚାର-ବିଭାଗ ଉପରେ ଜନସାଧାରଣଙ୍କର ପୂର୍ଣ୍ଣ ନିୟନ୍ତ୍ରଣ ।

Digitized by srujanika@gmail.com

ଡିସେମ୍ବର ମାସର ପ୍ରତିଜ୍ଞାର ଅର୍ଥ ଏହା କି ଏଥିରେ ବ୍ରିଟିଶ ସାମ୍ରାଜ୍ୟ ସହିତ ସମ୍ବନ୍ଧ ରଖିବାର ଅବକାଶ ରହିଛି, ପୁଣି ଅବକାଶ ନାହିଁ ମଧ୍ୟ ।

୩ । କିନ୍ତୁ ବ୍ୟକ୍ତିଗତ ସ୍ୱରାଜ୍ୟ ତ ସାଧୁଲୋକେ ଆଜି ବି ଉପଭୋଗ କରୁଥିବେ ଏବଂ ଆମର ପାର୍ଲାମେଣ୍ଟ ସ୍ଥାପିତ ହେବା ପରେ ମଧ୍ୟ ଲୋକମାନଙ୍କର ଦୃଷ୍ଟିରେ ସ୍ୱରାଜ୍ୟ ନ ଆସି ପାରେ । ତେଣୁ, ସ୍ୱରାଜ୍ୟର ଅର୍ଥ ହେଉଛି ଅନ୍ନ ବସ୍ତ୍ରର ପ୍ରାଚୁର୍ଯ୍ୟ । ଏ ଦୁଇଟିର ଅଭାବରେ କେହି ଯେପରି ଭୋକିଲା ଓ ଲଙ୍ଗଳା ନ ରହନ୍ତି ।

୪ । ଏପରି ପରିସ୍ଥିତି ସୃଷ୍ଟି ହେବା ପରେ ସୁଦ୍ଧା ଗୋଟିଏ ଜାତି ବା ଶ୍ରେଣୀର ଲୋକେ ଅନ୍ୟ ଲୋକଙ୍କୁ ଦବେଇ ଦେଇ ପାରନ୍ତି । ତେଣୁ, ସ୍ୱରାଜ୍ୟର ଅର୍ଥ ହେଉଛି--ଏପରି ପରିସ୍ଥିତି, ଯେଉଁଥିରେ ଗୋଟିଏ ବାଳିକା ସୁଦ୍ଧା ଘୋର ଅନ୍ଧକାରରେ ନିର୍ଭୟରେ ବୁଲିଚାଲି କରି ପାରିବ ।

୫ । ଉପର୍ଯ୍ୟୁକ୍ତ ସ୍ୱରେଜି ବ୍ୟାଖ୍ୟାରେ ଅନେକଗୁଡ଼ିଏ ବିଷୟର ସମାବେଶ ଦେଖା ପଡ଼ିବ । ତଥାପି ରାଷ୍ଟ୍ରୀୟ ସ୍ୱରାଜ୍ୟରେ ଯଦି ପ୍ରତ୍ୟେକ ଅଙ୍ଗ ସଜୀବ ଓ ଉନ୍ନତ ହୋଇଯାଏ ଓ ହେବା ଉଚିତ, ତାହାହେଲେ ସେ ଦୃଷ୍ଟିରେ ସ୍ୱରାଜ୍ୟର ଅର୍ଥ ହେବ ଅନ୍ତ୍ୟଜମାନଙ୍କ ପ୍ରତି (ଉଚ୍ଚ ଜାତିମାନଙ୍କର) ଅସ୍ପୃଶ୍ୟତା ମନୋଭାବକୁ ସମ୍ପୂର୍ଣ୍ଣ ତ୍ୟାଗକରିବା ।

୬ । ବ୍ରାହ୍ମଣ-ଅବ୍ରାହ୍ମଣ-କଳିର ସମାପ୍ତି ।

୭ । ହିନ୍ଦୁ-ମୁସଲମାନ ମନୋମାଳିନ୍ୟକୁ ସବୁ ପ୍ରକାରେ ନାଶ କରିବା । ଏହାର ଅର୍ଥ ହେଉଛି, ହିନ୍ଦୁମାନେ ମୁସଲମାନଙ୍କ ଭାବନା ପ୍ରତି ଲକ୍ଷ୍ୟ ରଖିବେ ଓ ସେଥିପାଇଁ ଜୀବନ୍ତ ପର୍ଯ୍ୟନ୍ତ ଦେଇଦେବେ । ସେହିପରି ମୁସଲମାନମାନେ ମଧ୍ୟ ହିନ୍ଦୁମାନଙ୍କ ଭାବନା ପ୍ରତି ଲକ୍ଷ୍ୟ ରଖିବେ । ମୁସଲମାନ ଗୋହତ୍ୟା କରି ହିନ୍ଦୁମାନଙ୍କ ମନରେ ଦୁଃଖ ଦେବେ ନାହିଁ, ଅଧିକନ୍ତୁ ସେମାନେ ସ୍ୱୟଂ ଗୋହତ୍ୟା ବନ୍ଦ କରିଦେବେ ଏବଂ ନିଜର ହିନ୍ଦୁଭାଇମାନଙ୍କ ହୃଦୟରେ ଆଘାତ ଦେବେ ନାହିଁ । ହିନ୍ଦୁମାନେ କୌଣସି ପ୍ରକାର ପ୍ରତିଶୋଧର ଇଚ୍ଛା ନ ରଖି ମସଜିଦ୍ ଆଗରେ ବାଜା ବଜାଇ ମୁସଲମାନଙ୍କ ମନରେ ଦୁଃଖ ଦେବେ ନାହିଁ ଉପରନ୍ତୁ ମସଜିଦ୍ ପାଖ ଦେଇ ଗଲାବେଳେ ବାଜାବଜାଇବା ବନ୍ଦ କରିବାକୁ ବଡ଼ପଣିଆ ମଣିବେ ।

୮ । ସ୍ୱରାଜ୍ୟର ଅର୍ଥ ହେଉଛି—ହିନ୍ଦୁ, ମୁସଲମାନ, ଶିଖ୍, ପାରସୀ, ଖ୍ରୀଷ୍ଟିଆନ୍, ଇହୁଦୀ ସବୁ ଧର୍ମର ଲୋକେ ନିଜ ନିଜର ଧର୍ମାଚରଣ କରି ପାରିବେ ଏବଂ ଏପରି କରିବା ସଙ୍ଗେ ସଙ୍ଗେ ପରସ୍ପରକୁ ରକ୍ଷା କରିବେ ଓ ଅପରର ଧର୍ମକୁ ଶ୍ରଦ୍ଧା କରିବେ ।

Digitized by srujanika@gmail.com

୯ । ସ୍ୱରାଜ୍ୟର ଅର୍ଥ ହେଉଛି—ପ୍ରତ୍ୟେକ ଗାଁ ଶତ୍ରୁର ଆକ୍ରମଣରୁ ନିଜକୁ ରକ୍ଷା କରିବା ପାଇଁ ସମର୍ଥ ହୋଇପାରିବେ ଓ ପ୍ରତ୍ୟେକ ଗାଁ ନିଜ ପାଇଁ ଆବଶ୍ୟକ ଅନ୍ନବସ୍ତ୍ର ଉତ୍ପାଦନ କରିବେ ।

୧୦ । ସ୍ୱରାଜ୍ୟର ଅର୍ଥ ହେଉଛି—ଦେଶୀୟ ରାଜ୍ୟ (ଗଡ଼ଜାତ), ଜମିଦାର ଓ ପ୍ରଜାମାନଙ୍କ ମଧ୍ୟରେ ବନ୍ଧୁତା ରହିବ । ଗଡଜାତର ରାଜାମାନେ ବା ଜମିଦାରମାନେ ପ୍ରଜାମାନଙ୍କୁ ହଇରାଣ କରିବେ ନାହିଁ ଏବଂ ପ୍ରଜା ମଧ୍ୟ ରାଜା ଓ ଜମିଦାରଙ୍କୁ ହଇରାଣ କରିବେ ନାହିଁ ।

୧୧ । ସ୍ୱରାଜ୍ୟର ଅର୍ଥ ହେଉଛି—ଧନୀ ଓ ଶ୍ରମିକମାନଙ୍କ ମଧ୍ୟରେ ପରସ୍ପର ବନ୍ଧୁତା । ଶ୍ରମିକ ଉଚିତ ପାରିଶ୍ରମିକ ନେଇ ଧନୀଲୋକଙ୍କ ପାଖରେ ଆନନ୍ଦରେ ମଜୁରି ଖଟିବେ ।

୧୨ । ସ୍ୱରାଜ୍ୟରେ ମହିଳାମାନଙ୍କୁ ମାଆ ଭଉଣୀଙ୍କ ଦୃଷ୍ଟିରେ ଦେଖିବାକୁ ହେବ ଏବଂ ସେମାନଙ୍କୁ ସମ୍ମାନ ଦିଆଯିବ । ଉଚ୍ଚନୀଚ ଭେଦଭାବ ଦୂର ହୋଇ ସମସ୍ତେ ପରସ୍ପରକୁ ଭାଇ ଭଉଣୀ ବିଚାରି ଚଳିବେ ।

ଏହି ବ୍ୟାଖ୍ୟାରୁ ଏହା ହିଁ ସିଦ୍ଧ ହେଉଛି ଯେ—

୧ । ସ୍ୱରାଜ୍ୟରେ ସରକାର ମଦ, ଅଫିମ ଆଦି ମାଦକ ଦ୍ରବ୍ୟର ବେପାର କରିବ ନାହିଁ ।

୨ । ସ୍ୱରାଜ୍ୟରେ ଖାଦ୍ୟଶସ୍ୟ ଓ ତୁଳାର ଦଲାଲି କାରବାର (ଫାଟକା ବଜାର) ଚଳିବ ନାହିଁ ।

୩ । ସ୍ୱରାଜ୍ୟରେ କେହି ଆଇନ୍ ଭାଙ୍ଗିବେ ନାହିଁ ।

୪ । ସ୍ୱରାଜ୍ୟରେ ସ୍ୱେଚ୍ଛାଚାରର ସ୍ଥାନ ଆଦୌ ରହିବ ନାହିଁ । କାହାରି ବିରୋଧରେ କୌଣସି ଅଭିଯୋଗକୁ ନିଜେ ବିଚାରକର୍ତ୍ତା ପାଲଟି କେହି ବିଚାର କରିବେ ନାହିଁ, ବରଂ ଦେଶରେ ଗଢ଼ା ଯାଇଥିବା ଅଦାଲତରେ ତାଙ୍କ ବିପକ୍ଷରେ କରାଯାଇଥିବା ଅଭିଯୋଗର ବିଚାର ହେବାକୁ ଦେବେ ।

ନବଜୀବନ, ତା ୧୪।୮।୧୯୨୧

ମୃତ୍ୟୁ ଭୟ

ମୁଁ ସ୍ୱରାଜ୍ୟର ବ୍ୟାଖ୍ୟାକୁ ଏକାଠି କରୁଛି । ତହିଁରୁ ଗୋଟିଏ ବ୍ୟାଖ୍ୟା ହେଉଛି—ମୃତ୍ୟୁ ଭୟ ଛାଡ଼ିବା । ଯେଉଁ ଦେଶର ଲୋକେ ମୃତ୍ୟୁ ଭୟରେ ଭୀତ ରହନ୍ତି, ସେମାନେ ସ୍ୱରାଜ୍ୟ ଅର୍ଜନ କରିପାରନ୍ତି ନାହିଁ କିମ୍ବା ସ୍ୱରାଜ୍ୟକୁ ରଖିପାରନ୍ତି ନାହିଁ । ଇଂରେଜମାନେ ତ ମୃତ୍ୟୁକୁ ପକେଟ୍‌ରେ ପୂରେଇ ବୁଲନ୍ତି, ଆରବ ଓ କାବୁଲମାନେ ମଧ୍ୟ ମୃତ୍ୟୁକୁ ଗୋଟାଏ ସାଧାରଣ ପରିଣତି ମନେ ମନେ କରନ୍ତି । ସେମାନଙ୍କ ଘରେ କେହି ମରଗଲେ, ସେମାନେ ବାହୁନିଇପିଟି

Digitized by srujanika@gmail.com

ହୋଇ ଜାଣନ୍ତି ନାହିଁ । ବୃଅର ମହିଳାମାନେ ମୃତ୍ୟୁ ଭୟ କ ଜିନିଷ, ଆଦୌ ଜାଣନ୍ତି ନାହିଁ । ବୃଅର୍ ଯୁଦ୍ଧ ବେଳେ ହଜାର ହଜାର ବୃଅର୍ ଯୁବତୀ ବିଧବା ହୋଇଗଲେ । କିନ୍ତୁ ସେମାନେ ସେଥିକୁ ପରବାଏ କଲେ ନାହିଁ । ସେମାନେ ନିଜ ନିଜ ମନକୁ ବୋଧ ଦେଲେ ଯେ ମୋ ସ୍ୱାମୀ ବା ପୁଅ ମରିଗଲେ କଅଣ ହେଲା, ମୋ ଦେଶର ମାନ ତ ରହିଗଲା ! ଦେଶ ଯଦି ପରାଧୀନ ହୋଇ ଯାଇଥାନ୍ତା, ତେବେ ଯେ ସ୍ୱାମୀ ବଞ୍ଚି ରହିଥିଲେ ମଧ୍ୟ କଅଣ ହୋଇଥାନ୍ତା ? ନିଜର ଗୋଲାମ ପୁଅକୁ ପାଳିବା ଅପେକ୍ଷା ତାହାର ଶବକୁ କବର ଦେଇ ତାହାର ଆତ୍ମାକୁ ମନେ ପକେଇବା ହିଁ ଭଲ । ଏହି ରୂପେ ଧୈର୍ଯ୍ୟ ଧରି ଅସଂଖ୍ୟ ବୃଅର ରମଣୀ ନିଜ ପ୍ରିୟଜନଙ୍କ ବିୟୋଗ ବରଦାସ୍ତ କରିଥିଲେ ।

ଯେଉଁମାନେ ନିଜେ ମରନ୍ତି ଓ ଅନ୍ୟମାନଙ୍କୁ ମଧ୍ୟ ମାରନ୍ତି, ଏ ସେହିମାନଙ୍କର ଉଦାହରଣ । ମାତ୍ର, ଯେଉଁମାନେ ମାରନ୍ତି ନାହିଁ, କେବଳ ମରନ୍ତି, ସେମାନଙ୍କ କଥା କଅଣ ବା କହିବା ? ସେପରି ଲୋକଙ୍କୁ ତ ସଂସାର ପୂଜା କରେ । ଏମାନଙ୍କ ସକାଶେ ଦେଶର ଉତ୍କର୍ଷ ସାଧିତ ହୁଏ । ଇଂରେଜ ଓ ଓ ଜର୍ମାନ ଦୁହେଁ ଏକ ଅପର ସହିତ ଲଢ଼ିଲେ, ଦୁହେଁ ଦୁହିଁଙ୍କୁ ମାଡ଼ ଦେଲେ ଓ ମାଡ଼ ଖାଇଲେ । ଫଳ ହେଲା ଯେ ଶତ୍ରୁତା ବଢ଼ିଗଲା, ଅଶାନ୍ତି ବଢ଼ିଲା ଓ ଆଜି ୟୁରୋପର ଦଶା ଦୟନୀୟ ହୋଇଛି । କପଟାଚରଣ ବଢ଼ିଲା ଏବଂ ସେମାନେ ଏକ ଅପରକୁ ଫାନ୍ଦରେ ପକାଇବା ଉଦ୍ୟମରେ ଲାଗିଛନ୍ତି । କିନ୍ତୁ ଯେଉଁ ମୃତ୍ୟୁ ଭୟକୁ ଛାଡ଼ିବା ପାଇଁ ଆମେ ଅକ୍ଲାନ୍ତ ଉଦ୍ୟମ କରୁଥାଉଁ, ତାହା ଏକ ଶୁଦ୍ଧ ଯଜ୍ଞ ଏବଂ ତଦ୍ୱାରା ଆମେ ଅଳ୍ପ ସମୟ ମଧ୍ୟରେ ଗୋଟାଏ ବଡ଼ ବିଜୟ ଲାଭ କରିବାର ଆଶା ରଖିଛୁଁ ।

ଆମକୁ ସ୍ୱରାଜ୍ୟ ମିଳିଗଲା ବେଳକୁ ଆମ ମଧ୍ୟରୁ ଅଧିକାଂଶ ଲୋକେ ମୃତ୍ୟୁ ଭୟକୁ ଛାଡ଼ି ଦେଇ ସାରିଥିବେ କିମ୍ବା ଆମକୁ ଆଦୌ ସ୍ୱରାଜ୍ୟ ମିଳିବ ନାହିଁ । ଏ ପର୍ଯ୍ୟନ୍ତ ଦେଶର ଯୁବକମାନେ ହିଁ ଅଧିକ ସଂଖ୍ୟାରେ ମରିଛନ୍ତି । ଆଲିଗଡ଼ରେ ଯେତେ ଲୋକଙ୍କ ପ୍ରାଣ ଗଲା, ସେମାନେ ସମସ୍ତେ ଏକୋଇଶ ବର୍ଷରୁ ଅଳ୍ପ ବୟସର ଥିଲେ । ସେମାନଙ୍କୁ ଲୋକେ ମୂଳରୁ ଚିହ୍ନି ନ ଥିଲେ । ମାତ୍ର ବର୍ତ୍ତମାନ ମଧ୍ୟ ଯଦି ସରକାର ହାଣକାଟ କରିବାକୁ ଦୃଢ଼ ସଂକଳ୍ପ, ତେବେ ମୁଁ ବିଶ୍ୱାସ କରୁଛି ଯେ ସେତେବେଳେ ଦେଶର କୌଣସି ପ୍ରଥମ ଶ୍ରେଣୀସ୍ଥ ବ୍ୟକ୍ତି ହିଁ ବଳି ପଡ଼ିବେ ।

ବାଳକ, ଯୁବକ ବା ବୃଦ୍ଧ ମରିଗଲେ ଆମେ ଭୟଭୀତ ହେବୁଁ କାହିଁକି ? ଏପରି ଗୋଟିଏ ସୁଦ୍ଧା ମୁହୂର୍ତ୍ତ ଏ ଜଗତରେ କଟୁନାହିଁ, ଯେତେବେଳେ କେଉଁଠି ହେଲେ କେହି ନ ଜନ୍ମୁଛି ବା ନ ମରୁଛି । ଜନ୍ମ

Digitized by srujanika@gmail.com

ହେଲେ ଖୁସି ହେବା ଓ ମୃତ୍ୟୁକୁ ଏଡ଼ିବା ଯେ ଗୋଟାଏ ବଡ଼ ମୂର୍ଖତା, ଏ କଥା ସଦାବେଳେ ଅନୁଭବ କରିବା ଆମର ଉଚିତ । ଯେଉଁମାନେ ଆତ୍ମବାଦୀ—ପୁଣି ଆମ ମଧ୍ୟରେ କେଉଁ ହିନ୍ଦୁ, ମୁସଲମାନ ବା ପାରସୀ ଅଛନ୍ତି, ଯେ ଆତ୍ମାର ଅସ୍ତିତ୍ୱ ମାନନ୍ତି ନାହିଁ—ସେମାନେ ଜାଣନ୍ତି ଯେ ଆତ୍ମା କେବେହେଁ ମରେ ନାହିଁ । କେବଳ ଏତିକି ନୁହେଁ, ଉପରନ୍ତୁ ଜୀବିତ, ମୃତ ସବୁ ପ୍ରାଣୀ ଏକ, ସେମାନଙ୍କ ଗୁଣ ମଧ୍ୟ ଏକ । ଏପରି ସ୍ଥଳେ ଜଗତରେ ପ୍ରତି ମୁହୂର୍ତ୍ତରେ ଉତ୍ପତ୍ତି ଓ ବିଲୟ ଲାଗିଥିବା ବେଳେ ଆମେ ଖୁସି ହେଉ କାହିଁକି ଓ ଶୋକ କରୁଁ ବା କାହିଁକି । ସମଗ୍ର ଦେଶକୁ ଯଦି ଆମେ ନିଜର ପରିବାର ମଣିବା, ଆମର ଭାବନା ଯଦି ଏତେ ବ୍ୟାପକ ହୋଇ ପାରିବ, ଆମ ଦେଶରେ ଯେ କୌଣସିଠାରେ କେହି ଜନ୍ମ ହେଲେ ତାକୁ ଯଦି ଆମେ ନିଜର ମଣିବା, ତେବେ ଆପଣ କେତେ ଜନ୍ମୋତ୍ସବ ପାଳିବେ ? ଦେଶରେ ଯେଉଁଠି ଯେତେ ମୃତ୍ୟୁ ହେବ, ସେ ସମସ୍ତଙ୍କ ପାଇଁ ଯଦି ଆମେ କାନ୍ଦିବୁ, ତେବେ ଆମ ଆଖିରୁ ଲୁହ ଆଦୌ ଶୁଖିବ ନାହିଁ । ଏ କଥା ଭାବି ମୃତ୍ୟୁ ଭୟକୁ ଛାଡ଼ି ଦେବା ହିଁ ଆମର ଉଚିତ ।

ପ୍ରତ୍ୟେକ ଭାରତବାସୀ ଅଧିକ ଜ୍ଞାନୀ, ଅଧିକ ଆତ୍ମବାଦୀ ବୋଲି ଦାବି କରେ । ତତ୍ସତ୍ତ୍ୱେ ମୃତ୍ୟୁ ଆଗରେ ଆମେ ଯେତେ ଦୀନ ହୋଇଯାଉଁ, ସେପରି ଆଉ କେହି ହୁଅନ୍ତି କି ନାହିଁ ସନ୍ଦେହ । ତହିଁରେ ପୁଣି ମୋର ଧାରଣା ହିନ୍ଦୁମାନେ ଯେତେ ଅଧୀର ହୋଇ ପଡ଼ନ୍ତି, ଭାରତର ଅନ୍ୟମାନେ ସେତେ ହୁଅନ୍ତି ନାହିଁ । ଆମ ଦେଶରେ କେହି ଜନ୍ମ ହେବା ମାତ୍ରେ ଆମ ଘର ଆନନ୍ଦ ଉତ୍ସବରେ ଉଚ୍ଛୁଳି ପଡ଼େ, ପୁଣି କେହି ମରିଗଲେ ଏତେ କନ୍ଦାକଟା ଆରମ୍ଭ ହୋଇଯାଏ ଯେ ଆଖପାଖର ଲୋକେ ଆବାକାବା ହୋଇ ଯାଆନ୍ତି । ଆମେ ଯଦି ସ୍ୱରାଜ୍ୟ ହାସଲ କରିବାକୁ ଚାହୁଁଥାଉଁ, ଏବଂ ନିଜକୁ ସେଥିପାଇଁ ଉପଯୁକ୍ତ ପ୍ରମାଣିତ କରିବାକୁ ଚାହୁଁଥାଉଁ, ତେବେ ମୃତ୍ୟୁଭୟକୁ ପୁରାପୁରି ଛାଡ଼ିଦେବା ଆମ ପକ୍ଷରେ ଉଚିତ ହେବ ।

ପୁଣି ଯେଉଁ ମଣିଷ ମୃତ୍ୟୁଭୟ ଛାଡ଼ିଦେବ, ତାହାର ଜେଲ ଭୟ ହେବ କାହିଁକି ? ପାଠକ ବିଚାର କଲେ ଜାଣି ପାରିବେ ଯେ ସ୍ୱରାଜ୍ୟ ଅର୍ଜନ କରିବାରେ ଆମର ଯେଉଁ ବିଳମ୍ବ ଘଟୁଛି, ତାହାର ଏକମାତ୍ର କାରଣ ହେଉଛି, ଆମମାନଙ୍କ ମଧ୍ୟରେ ମୃତ୍ୟୁ ଓ ତାହାଠାରୁ ଛୋଟିଆ ଦୁଃଖଗୁଡ଼ିକୁ ସହନ-ଶକ୍ତିର ଅଭାବ ।

ଅଧିକରୁ ଅଧିକ ନିରପରାଧ ମନୁଷ୍ୟ ଯେତେ ଯେତେ ବୁଦ୍ଧିବିଚାର ମୃତ୍ୟୁକୁ ଆଲିଙ୍ଗନ କରିବାପାଇଁ ପ୍ରସ୍ତୁତ ହେବ, ସେତେ ସେତେ ଅନ୍ୟମାନେ

Digitized by srujanika@gmail.com

ରକ୍ଷା ପାଇଯିବେ ଓ ଦୁଃଖ ମଧ୍ୟ ସେତେ କମିଯିବ । ଯେଉଁ ଦୁଃଖ ଆନନ୍ଦରେ ସହ୍ୟ କରାଯାଏ, ତାହା ଆଉ ଦୁଃଖ ହୋଇ ରହେନାହିଁ, ତାହା ସୁଖ ପାଲଟିଯାଏ । ଯେ ଦୁଃଖରୁ ଦୂରେଇ ହୋଇ ରହିବାକୁ ଚାହେଁ, ସେ ବହୁତ କଷ୍ଟ ସହେ ଓ ସଙ୍କଟରେ ପଡ଼ିଲେ ନିର୍ଜୀବ ହୋଇଯାଏ । ଯେ ଆନନ୍ଦର ସହିତ ଦୁଃଖକୁ ସ୍ୱାଗତ କରିବାପାଇଁ ଗୋଡ଼ ବଢ଼େଇ ଦିଏ ସେ ଲୋକ, ଦୁଃଖର କଳ୍ପନା ମାତ୍ରକୁ ଯେଉଁ ଦୁଃଖ ଜନ୍ମେ, ହେଲା ପ୍ରାରମ୍ଭିକ ଦୁଃଖକୁ ଭୋଗିବ କିପରି ? ବେଦନାର ଆନନ୍ଦ କ୍ଲୋରୋଫର୍ମର କାମ କରେ ।

ଏ ବେଳରେ ଏହି ବିଷୟରେ ମୋତେ ଯେ ଏତେଗୁଡ଼ାଏ ଲେଖିବାକୁ ପଡ଼ିଲା, ତାହା ଏଇଥିପାଇଁ ଯେ ଯଦି ଆମକୁ ଏହି ବର୍ଷ ସ୍ୱରାଜ୍ୟ ଅର୍ଜନ କରିବାକୁ ହେବ, ତେବେ ମୃତ୍ୟୁ କଥା ମଧ୍ୟ ବିଚାରକୁ ଆଣିବାକୁ ହେବ । ଯେଉଁମାନେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥାନ୍ତି, ସେମାନେ ଆପଦରୁ ରକ୍ଷା ପାଇ ଯାଆନ୍ତି । ଆମ ବିଷୟରେ ମଧ୍ୟ ଏହି କଥା ପ୍ରଯୁଜ୍ୟ ହେବ । ମୋର ଦୃଢ଼ ବିଶ୍ୱାସ ଯେ ସ୍ୱଦେଶୀ ଆନ୍ଦୋଳନ ଆମର ଏହିପରି ଏକ ପୂର୍ବ ପ୍ରସ୍ତୁତି । ଏଥିରେ ଯଦି ଆମର ବିଜୟ ହେବ, ତେବେ ମୋ ବୁଝିବାରେ ସରକାର ପାଖରେ ବା ଆଉ କାହାର ପାଖରେ ଆମ ଅଗ୍ନି-ପରୀକ୍ଷାର ଆବଶ୍ୟକତା ଆଦୌ ରହିବ ନାହିଁ ।

କିନ୍ତୁ ଏତକ ହେବା ସତ୍ତ୍ୱେ ଆମେ ଅସାବଧାନତା ନ ରଖିବା ଆବଶ୍ୟକ । ଶାସନତନ୍ତ୍ର ଅନ୍ଧ ଓ କାଲ ହୋଇଥାଏ । ସେ ତାହାର ଅତି ନିକଟରେ ଘଟୁଥିବା ଘଟଣାଗୁଡ଼ିକୁ ସୁଦ୍ଧା ଦେଖି ପାରେନାହିଁ, ନିଜ କାନ ପାଖର କୋଳାହଳକୁ ସୁଦ୍ଧା ସେ ଶୁଣି ପାରେ ନାହିଁ । ଅତଏବ, ମଦୋନ୍ମତ୍ତ ସରକାର କଅଣ ନ କରିବ, ତାହା କହି ହେବ ନାହିଁ । ସେଥିପାଇଁ ମୋ ମନକୁ ଏ ବିଚାର ଆସିଲା ଯେ ବର୍ତ୍ତମାନ ମୃତ୍ୟୁ, ଜେଲ୍ ବା ଅନ୍ୟାନ୍ୟ ଦୁଃଖ କଷ୍ଟକୁ ବନ୍ଧୁଭଳି ସ୍ୱାଗତ କରିବାକୁ ପ୍ରସ୍ତୁତ ହୋଇ ରହିବା ଦେଶସେବକମାନଙ୍କର ଉଚିତ ।

ଜଣେ ବୀର ଯେପରି ହସି ହସି ମୃତ୍ୟୁକୁ ସ୍ୱାଗତ କରେ, ସେହିପରି ସେ ସାବଧାନ ମଧ୍ୟ ରହିଥାଏ । ଶାନ୍ତିପୂର୍ଣ୍ଣ ସଂଗ୍ରାମରେ ଅସାବଧାନତାର ଅବକାଶ ନାହିଁ । ନୀତି ଓ ସଦାଚାରର ବିରୋଧୀ ଅପରାଧ କରି ଆମେ ଜେଲ ଯିବାକୁ ଚାହୁଁ ନାହୁଁ କିମ୍ବା ଫାଶି ଖୁଣ୍ଟରେ ଝୁଲିବାକୁ ଚାହୁଁ ନାହୁଁ । ଆମକୁ ତ ସରକାରଙ୍କର ଅନ୍ୟାୟପୂର୍ଣ୍ଣ ଆଇନ୍‌ର ସମ୍ମୁଖୀନ ହୋଇ ନିଜକୁ ବଳି ଦେବାକୁ ହେବ ।

—ନବଜୀବନ ତା ୧୪।୮।୧୯୨୧

Digitized by srujanika@gmail.com

ଟିପ୍ପଣୀ

ଭବିଷ୍ୟତରେ କଅଣ ହେବ ?

ଏଥିରୁ ଆଉ ଗୋଟିଏ ପ୍ରଶ୍ନ ମୋ ଆଗରେ ଦେଖାଦେଉଛି । ମୋ ସ୍ୱପ୍ନର ସ୍ୱରାଜ୍ୟରେ ତ ଅସ୍ତ୍ରଶସ୍ତ୍ରର ଆବଶ୍ୟକତା ଆଦୌ ନାହିଁ । କିନ୍ତୁ ଆଜିର ଏ ପ୍ରୟାସ ଫଳରେ ମୋର ସେ ସ୍ୱପ୍ନ ଷୋଳ ଅଣା ସତ୍ୟ ହୋଇଯିବ ବୋଲି ମୁଁ ଆଶା କରୁନାହିଁ । ଏହାର ପ୍ରଥମ କାରଣ ହେଉଛି, ଏହି ଲକ୍ଷ୍ୟକୁ ତାତ୍କାଳିକ ଲକ୍ଷ୍ୟ କରି ଏ ଆନ୍ଦୋଳନ କରାଯାଉ ନାହିଁ । ଦ୍ୱିତୀୟତଃ ଲୋକେ ପ୍ରସ୍ତୁତ ହେବା ଭଳି ରାଷ୍ଟ୍ର ଆଗରେ ଏପରି ଏକ ବିସ୍ତୃତ ଆଚରଣ-କ୍ରମ ଉପସ୍ଥାପିତ କରି ପାରିବା ପାଇଁ ମୁଁ ଏତେ ଦୂର ଅଗ୍ରସର ହୋଇଛି ବୋଲି ବିଚାରୁ ନାହିଁ । ମୁଁ ନିଜେ ମଧ୍ୟ ଏପରି ବିକାର-ଗ୍ରସ୍ତ ଅଟେଁ ଏବଂ ମୋ ମଧ୍ୟରେ ମନୁଷ୍ୟ ସ୍ୱଭାବର ଏତେ ଦୁର୍ବଳତା ଅଛି, ଯାହା ଫଳରେ ମୁଁ ଏପରି ପ୍ରେରଣା ବା କ୍ଷମତା ଉପଲବ୍ଧି କରିପାରୁ ନାହିଁ । ନିଜ ପାଇଁ ଯଦି ମୁଁ କିଛି ଦାବି କରି ପାରିବି, ତେବେ ତାହା ଏତିକି ଯେ ମୁଁ ମୋର ଦୁର୍ବଳତାଗୁଡ଼ିକୁ ଦୂର କରିବା ପାଇଁ ନିରନ୍ତର ପ୍ରଯତ୍ନ କରୁଛି । ମୋର ବିଶ୍ୱାସ, ମୁଁ ନିଜର ଇନ୍ଦ୍ରିୟଗୁଡ଼ିକୁ ଦମନ କରିବା ଓ ଆୟତରେ ରଖିବାର କ୍ଷମତା ଅନେକାଂଶରେ ଲାଭ କରି ପାରିଛି । କିନ୍ତୁ ମୋ ଦ୍ୱାରା ଆଦୌ କୌଣସି ପାପ ନ ହେବା ଭଳି ଯୋଗ୍ୟତା, ଅର୍ଥାତ୍ ଇନ୍ଦ୍ରିୟମାନଙ୍କ ଦ୍ୱାରା ପ୍ରଭାବିତ ନ ହେବାର ଶକ୍ତି ମୁଁ ଅର୍ଜନ କରିପାରି ନାହିଁ । ହଁ, ମୁଁ ଏକଥା ବିଶ୍ୱାସ କରେ ଯେ ପ୍ରତ୍ୟେକ ମନୁଷ୍ୟ ଏପରି ମଙ୍ଗଳମୟ ବର୍ଣ୍ଣନାତୀତ ପାପଶୂନ୍ୟ ଅବସ୍ଥାରେ ପହଞ୍ଚିପାରେ ଏବଂ ସେହି ଅବସ୍ଥାରେ ନିଜର ଅନ୍ତଃକରଣରେ ଅନ୍ୟ କାହାରି ନୁହେଁ, କେବଳ ପରମେଶ୍ୱର-ଙ୍କର ଉପସ୍ଥିତି ଅନୁଭବ କରିପାରେ । ସେହି ଅବସ୍ଥାଠାରୁ ମୁଁ ବର୍ତ୍ତମାନ ଯେ ବହୁତ ଦୂରରେ ଅଛି, ତାହା ମୋତେ ମାନିବାକୁ ପଡ଼ିବ । ତେଣୁକରି ଦେଶକୁ ପୂର୍ଣ୍ଣ ଅହିଂସାତ୍ମକ ଆଚରଣର କୌଣସି ବାଟ ବତାଇବା ବର୍ତ୍ତମାନ ମୋ ପକ୍ଷରେ ସମ୍ଭବ ନୁହେଁ ।

ରେଲ ଓ ତାର

ଯେଉଁ ମହାନ୍ ସିଦ୍ଧାନ୍ତର ବିଶ୍ଳେଷଣ ମୁଁ ଉପରେ କରିଛି, ତାହା ତୁଳନାରେ ଏ ରେଲ ଓ ତାର (ଟେଲିଗ୍ରାଫ୍)ର ପ୍ରଶ୍ନ ଅତି ନଗଣ୍ୟ । ମୁଁ ନିଜେ ଆପଣା ପାଇଁ ଏ ସୁବିଧାପ୍ରଦ ସାଧନଗୁଡ଼ିକ ବାରଣ କରୁନାହିଁ । ରାଷ୍ଟ୍ର ଏହାର ଉପଯୋଗ ଛାଡ଼ିଦେବାର ଆଶା ମଧ୍ୟ ମୁଁ କରୁନାହିଁ ଏବଂ ସ୍ୱରାଜ୍ୟ ହେବା ପରେ ଏହା ବନ୍ଦ ହୋଇଯିବାର ପ୍ରତ୍ୟାଶା କରୁନାହିଁ । କିନ୍ତୁ ସ୍ୱରାଜ୍ୟ ଅନ୍ତର୍ଗତ ରାଷ୍ଟ୍ରଠାରୁ ମୁଁ ନିଶ୍ଚିତରୂପେ ଏତିକି ପ୍ରତ୍ୟାଶା କରୁଛି ଯେ ଏହି ସୁବିଧାପ୍ରଦ

Digitized by srujanika@gmail.com

ସାଧନଗୁଡ଼ିକ ଦ୍ୱାରା ଯେ ଆମର ନୈତିକ ଉନ୍ନତି ଅବଶ୍ୟ ହୋଇଥାଏ ବା ଆମର ଭୌତିକ ଉନ୍ନତି ପାଇଁ ଏଗୁଡ଼ିକ ଅନିବାର୍ଯ୍ୟ ବୋଲି ସେମାନେ ବିଶ୍ୱାସ ନ କରନ୍ତୁ । ଏହି ସାଧନଗୁଡ଼ିକର ବିନିଯୋଗ କମ୍‌ମାତ୍ରାରେ କରିବା ପାଇଁ ଏବଂ ଭାରତର ସାଢ଼େ ସାତ ଲକ୍ଷ (ସେତେବେଳେ ଭାରତ ଅଖଣ୍ଡ ଥିଲା) ଗାଁରେ ରେଳ ଓ ଟେଲିଗ୍ରାଫ୍‌ର ଜାଲ ବିଛେଇ ଦେବାକୁ ମନ୍ଦ ଗତିରେ ଚଳାୟିତ ନ ହେବା ପାଇଁ ମୁଁ ରାଷ୍ଟ୍ରକୁ ପରାମର୍ଶ ଦେଉଛି । ରାଷ୍ଟ୍ର ଯେତେବେଳେ ସ୍ୱାଧୀନତାର ଜ୍ୟୋତିରେ ଉଦ୍‌ଭାସିତ ହୋଇଉଠିବ, ସେତେବେଳେ ଜାଣିପାରିବ ଯେ ଆମର ଅଜ୍ଞାନ ଅନ୍ଧକାରକୁ ଦୂର କରିବା ଅପେକ୍ଷା ଆମକୁ ଗୋଲାମ କରି ରଖିବା ପାଇଁ ଶାସକମାନେ ଏଗୁଡ଼ିକ ବେଶୀ ଆବଶ୍ୟକ କରୁଥିଲେ । ପ୍ରଗତି (ବେଗ) ତ ଶ୍ରେଣୀ, ସେ ଶ୍ଳେଟେଇ ଶ୍ରେଟେଇ, ଡେଇଁ ଡେଇଁ ଆସେ । ଆପଣ ତାକୁ ତାର ବା ରେଳଦ୍ୱାରା ପଠେଇ ପାରିବେ ନାହିଁ ।

× × × ×

—ୟଙ୍ଗ୍ ଇଣ୍ଡିଆ, ତା ୧୨ । ୧୧ । ୧୯୨୧

'ଗାଂଧୀ-ରାଜ' ନୁହେଁ

ଡବ୍‌ଲ୍ୟୁ.ଆଇ.ଏନ୍. ଲିବରାଲ୍ ଆସୋସିଏସନ୍ ପକ୍ଷରୁ ଇସ୍ତାହାର ବଣ୍ଟା ଯାଇଅଛି । ଇସ୍ତିହାରର ଷଷ୍ଠ ପରିଚ୍ଛେଦରେ ଅଛି :

ଗାଂଧୀରାଜ ଆସିବା ପରେ ଭାରତର ରୂପ କଅଣ ହେବ ? ରେଲ୍ ରହିବ ନାହିଁ, ଡାକ୍ତରଖାନା ରହିବ ନାହିଁ, ମେଶିନ୍ ରହିବ ନାହିଁ । ସ୍ଥଳ ସୈନ୍ୟ ଓ ନୌସେନାର ଆବଶ୍ୟକତା ହେବ ନାହିଁ । କାରଣ, ଗାଂଧୀ ଅନ୍ୟ ରାଷ୍ଟ୍ରଗୁଡ଼ିକ ଠାରେ ବିଶ୍ୱାସ ଜନ୍ମାଇ ଦେବେ ଯେ ଭାରତ ସେମାନଙ୍କର ମାମଲାରେ ଅନଧିକାର ହସ୍ତକ୍ଷେପ କରିବ ନାହିଁ ଏବଂ ସେହି ହେତୁରୁ ଭାରତର ମାମଲାରେ ସେମାନେ ମଧ୍ୟ ଅନଧିକାର ହସ୍ତକ୍ଷେପ କରିବେ ନାହିଁ ।

ଆଇନକାନୁନର ଆବଶ୍ୟକତା ପଡ଼ିବ ନାହିଁ, ନ୍ୟାୟାଳୟ ଆବଶ୍ୟକ ହେବ ନାହିଁ, କାରଣ ପ୍ରତ୍ୟେକ ଲୋକ ନିଜ ପାଇଁ ଆଇନ ହେବ । ଯେ ଯାହା ଚାହିଁବ, ତାହା କରିବାର ପ୍ରତ୍ୟେକ ଲୋକର ସ୍ୱାଧୀନତା ରହିବ । ଜୀବନ ବହୁ ପରିମାଣରେ ସରଳ ହୋଇଯିବ, କାରଣ ପ୍ରତ୍ୟେକ ଲୋକ ପାଇଁ ଖଦଡ଼ର ନେଙ୍ଗୋଟି-ପିନ୍ଧି ବୁଲିବା ଓ ଖୋଲା ଜାଗାରେ ଶୋଇବା ବାଧ୍ୟତାମୂଳକ ହେବ ।

ମୁଁ ଏହାକୁ ଅତିଶୟୋକ୍ତିପୂର୍ଣ୍ଣ କି ଅତିରଞ୍ଜିତ ବୋଲି କହିପାରିବ ନାହିଁ । ପାଶ୍ଚାତ୍ୟ ବାଦବିବାଦରେ ଏଭଳି ଚାତୁର୍ଯ୍ୟଭରା ବିଦ୍ରୂପ ଚଳଣୀସ୍ଥ ହୋଇ ଅଛି । ଏହା କେବଳ ଏକ ଅସତ୍ୟର ଆଭାସ ଦେଉଛି । ମୁଁ ଯାହା କହିବାକୁ ଚାହେଁ ଏଥର ମୋତେ କହିବାକୁ ଦିଅନ୍ତୁ । ପ୍ରଥମତଃ 'ଗାନ୍ଧୀରାଜ' ପ୍ରତିଷ୍ଠା କରିବା ପାଇଁ

Digitized by srujanika@gmail.com

ଭାରତ ପ୍ରବଳ ଉଦ୍ୟମ କରୁନାହିଁ । ଭାରତର ପ୍ରାଣାନ୍ତକ ବ୍ୟାକୁଳତା ହେଲେ କପର ସ୍ୱରାଜ୍ୟ ପ୍ରତିଷ୍ଠିତ ହେବ ଏବଂ ଏହି ସ୍ୱରାଜ୍ୟ ଜିଣିବାକୁ ଯାଇ ଆବଶ୍ୟକ ହେଲେ ଗାନ୍ଧୀଙ୍କୁ ମଧ୍ୟ ଆନନ୍ଦରେ ବଳି ଦେଇ ଦେବାକୁ ଉଚିତ ମଣିବ । "ଗାନ୍ଧୀରାଜ" ଏକ ଆଦର୍ଶବାଦୀ ଅବସ୍ଥା ଓ ଏହି ଅବସ୍ଥା ଭିତରେ ଚର୍ଚ୍ଚିତ 'ପାଞ୍ଚଗୋଟି ନାକାରାତ୍ମକ' ବିଷୟ ଏକ ପ୍ରକୃତ ଚିତ୍ର ଉପସ୍ଥାପିତ କରେ । ମାତ୍ର ଏପରି କଳ୍ପନା କେହି କେବେ କରିବେ ନାହିଁ, ମୁଁ ନିଶ୍ଚିତ ରୂପରେ କରୁନାହିଁ ଯେ ସ୍ୱରାଜ୍ୟରେ ରେଳ (ଗାଡ଼ି) ରହି ବ ନାହିଁ, ହସପିଟାଲ ରହିବ ନାହିଁ, ମେସିନ୍ ରହିବ ନାହିଁ, ସ୍ଥଳ ସୈନ୍ୟ ଓ ନୌସେନା ରହିବେ ନାହିଁ, ଆଇନକାନୁନ ରହିବ ନାହିଁ ଓ ନ୍ୟାୟାଳୟ ରହିବ ନାହିଁ । ଏହାର ବିପରୀତ, ରେଳ ରହିବ, ଏତିକି ପାର୍ଥକ୍ୟ ହେବ ଯେ ଏହାକୁ ଭାରତକୁ ସାମରିକ ଶକ୍ତି ଦ୍ୱାରା ବା ଆର୍ଥିକ ଦିଗରୁ ଶୋଷଣ ପାଇଁ ବ୍ୟବହାର କରାଯିବ ନାହିଁ । ଦେଶ ଭିତରର ବ୍ୟବସାୟ-ବାଣିଜ୍ୟକୁ ବଢ଼ାଇବା ପାଇଁ ଏହାକୁ ବ୍ୟବହାର କରାଯିବ ଏବଂ ତୃତୀୟ ଶ୍ରେଣୀର ଯାତ୍ରୀ-ମାନଙ୍କୁ ଯଥେଷ୍ଟ ଆରାମ ଦିଆଯିବ । ତୃତୀୟ ଶ୍ରେଣୀର ଯାତ୍ରୀମାନେ ଯେଉଁ ଭଡ଼ା ଦେଉଛନ୍ତି ତାହା ବଦଳରେ ସେମାନଙ୍କୁ କିଛି ଅଧିକ ସୁବିଧା ମିଳିବ । କେହି ଆଶା କରୁନାହିଁ, ଯେ ସ୍ୱରାଜ୍ୟ ହେଲେ ରୋଗ ଆଦୌ ହେବ ନାହିଁ; ଅତଏବ ଡାକ୍ତରଖାନା ନିଶ୍ଚୟ ରହିବ । ମାତ୍ର ଏହା ନିଶ୍ଚୟ ଆଶା କରାଯାଉଛି ଯେ ସେତେବେଳେ ଭୋଗବିଳାସ ହେତୁ ରୋଗରେ ପଡ଼ୁଥିବା ଲୋକମାନଙ୍କ ନିମିତ୍ତ ଡାକ୍ତରଖାନା ନ ହୋଇ, ଦୈବାତ୍ ରୋଗରେ ପଡ଼ୁଥିବା ଅନ୍ୟ ଲୋକଙ୍କପାଇଁ ତାହା ରହିବ । ଅବଶ୍ୟ ରୂପରେ ମେସିନ ବି ନିଶ୍ଚିତ ଭାବରେ ରହିବ । ତାହା ତ ଶେଷରେ ଏରଳା ଡିଙ୍ଗର ଗୋଟିଏ ଯନ୍ତ୍ର । କିନ୍ତୁ ଏଥିରେ ମୋର ସନ୍ଦେହ ନାହିଁ ଯେ ଭାରତରେ ଅନେକ କାରଖାନା ଗଢ଼ି ଉଠିବ । ସେଗୁଡ଼ିକ ଆଜିକାଲି ପରି ଲୋକମାନଙ୍କର ରକ୍ତ ଶୋଷଣ କରିବାକୁ ରହିବ ନାହିଁ, ମାତ୍ର ଜନସାଧାରଣଙ୍କର ମଙ୍ଗଳ ପାଇଁ ରହିବ । ମୁଁ ନୌସେନାର କଥା ଜାଣେ ନାହିଁ; ମାତ୍ର ଭାବୀ ଭାରତର ସେନା ଭଡ଼ାଟିଆ ସୈନ୍ୟ ହେବେ ନାହିଁ ଏବଂ ଭାରତକୁ ପରାଧୀନ କରି ରଖିବା ଓ ଅନ୍ୟ ଦେଶଗୁଡ଼ିକୁ ସେମାନଙ୍କର ସ୍ୱାଧୀନତାରୁ ବଞ୍ଚିତ କରିବା ଉଦ୍ଦେଶ୍ୟରେ ସେମାନଙ୍କୁ ବ୍ୟବହାର କରାଯିବ ନାହିଁ । ସୈନ୍ୟ ସଂଖ୍ୟା ବହୁତ ଊଣା କରି ଦିଆଯିବ ଏବଂ ସେଥିରେ ଅଧିକ ଭାଗ ସ୍ୱେଚ୍ଛାସେବକ ରହିବେ ଏବଂ ଭାରତର ସୁରକ୍ଷା ଓ ପହରା ଦେବା କାର୍ଯ୍ୟରେ ସେମାନଙ୍କୁ ବ୍ୟବହାର କରାଯିବ । ସ୍ୱରାଜ୍ୟରେ ଆଇନକାନୁନ ଓ ନ୍ୟାୟାଳୟ ମଧ୍ୟ ରହିବ । ସେଗୁଡ଼ିକ ଲୋକ-ମାନଙ୍କର ସ୍ୱାଧୀନତାର ସଂରକ୍ଷକ ହେବ । ଯେଉଁ ନୌକରଶାହୀ ଆମ ଦେଶକୁ ନପୁଂସକ କରି ଦେଇଅଛି ଏବଂ ଆହୁରି ଅଧିକ ନପୁଂସକ କରିବାରେ ଲାଗିଛି,

Digitized by srujanika@gmail.com

ତାହା ସେହି ନୌକରଶାହୀର ହାତବାରମୀ ହେବ ନାହିଁ । ଶେଷରେ ଯଦି କୌଣସି ବ୍ୟକ୍ତି କେବଳ ଗୋଟିଏ ମାତ୍ର ବୁଲିବାକୁ ଓ ଖୋଲା ଜାଗାରେ ଶୋଇବାକୁ ଚାହିଁବ, ତାକୁ ସେ ସ୍ୱାଧୀନତା ମଧ୍ୟ ମିଳିବ । କିନ୍ତୁ ମୁଁ ଏହା ମଧ୍ୟ ଆଶା କରୁଛି ଯେ ଆଜି ଯେପରି କୋଟି କୋଟି ଲୋକ ଯଥେଷ୍ଟ ଲୁଗାପଟା କିଣିବାକୁ ଅସମର୍ଥ ହୋଇ ଚିରାଫଟା ଲୁଗା ପିନ୍ଧି ବୁଲିବା ପାଇଁ ବାଧ୍ୟ ହେଉଛନ୍ତି, ସେପରି ବାଧ୍ୟ ହେବେ ନାହିଁ । ଆଜି ତ ସେମାନଙ୍କର ଦେହକୁ ଘୋଡ଼ାଇବା ପାଇଁ ସେମାନଙ୍କ-ଠାରେ ସେହି କେବଳ ଗୋଟିଏ ମାତ୍ର ଅଛି ଏବଂ ସେମାନଙ୍କର କ୍ଳାନ୍ତ କ୍ଷୁଧାତୁର ଶରୀରକୁ ବିଶ୍ରାମ ଦେବା ପାଇଁ ସେମାନଙ୍କ ଭାଗ୍ୟରେ କେବଳ ପଡ଼ିଆ ମାତ୍ର ରହିଛି । ଏଥିପାଇଁ 'ହିନ୍ଦ-ସ୍ୱରାଜ୍ୟ'ରେ ମୁଁ ବ୍ୟକ୍ତ କରିଥିବା କେତେକ ବିଚାରକୁ ତାହାର ଉଚିତ ସନ୍ଦର୍ଭରୁ ପୃଥକ କରି ବିକୃତ ରୂପରେ ଲୋକମାନଙ୍କ ଆଗରେ ଏପରି ଉପସ୍ଥାପିତ କରିବା ଏବଂ ମୁଁ ସମସ୍ତଙ୍କୁ ସେହି ବିଚାରଗୁଡ଼ିକ ଅନୁସାରେ ଚଳିବାକୁ କହୁଛି ବୋଲି ଭ୍ରାନ୍ତ ଧାରଣା ଦେବା (ସମାଲୋଚକମାନଙ୍କ ପକ୍ଷରେ) ଉଚିତ ହେଉ ନାହିଁ ।

× × × ×

—ୟଙ୍ଗ୍ ଇଣ୍ଡିଆ, ତା ୧ । ୩ । ୧୯୨୧

ସ୍ୱରାଜ ସମ୍ବନ୍ଧରେ କେତେକ ଚିନ୍ତା

(ସ୍ୱାଧୀନତା ଆନ୍ଦୋଳନରେ ଗାନ୍ଧୀଜୀ ହିଂସା-ପ୍ରୟୋଗର ବିରୋଧୀ ଥିଲେ । କାହିଁକି ଯୁଦ୍ଧ ମାଧ୍ୟମରେ ସ୍ୱରାଜ୍ୟପ୍ରାପ୍ତିର ସେ ବିରୋଧୀ ଥିଲେ, ତାହା ନିମ୍ନଲିଖିତ ଲେଖାଗୁଡ଼ିକରୁ ଜଣାଯିବ) ।

୧—ଯଦି ଲୁହା ବା ଇସ୍ପାତରେ ତିଆରି ଅସ୍ତ୍ରଶସ୍ତ୍ର ସବୁ ନିଷ୍ପତ୍ତି କରିଦେବ ବୋଲି ଧରି ନିଆଯାଏ, ତେବେ ତାହାକୁ କେବଳ ଗୁର୍ଖା ବା ଶିଖ୍‌ମାନେ ବ୍ୟବହାର ନ କରି, ତାକୁ ସମସ୍ତ ଭାରତବାସୀ ବ୍ୟବହାର କରିବା ଆବଶ୍ୟକ । ଯଦି ଧରିନିଆଯାଏ ଯେ ପଶୁଶକ୍ତି ହିଁ ଶାସନ କରିବ, ତେବେ ଭାରତର ଲକ୍ଷ ଲକ୍ଷ ଲୋକେ ଯୁଦ୍ଧବିଦ୍ୟା ଶିଖିବା ଆବଶ୍ୟକ । ତାହା ନ ହେଲେ ଯେ ଅସ୍ତ୍ରଶସ୍ତ୍ର ବ୍ୟବହାର କରିବ, ସେହି ଅସ୍ତ୍ରଧାରୀ ବିଦେଶୀ ହେଉ ବା ସ୍ୱଦେଶୀ ହେଉ, ତାହାର ଗୋଡ଼ତଳେ ଭାରତବାସୀମାନେ ଚିରଦିନ ପାଇଁ ପଡ଼ି ରହିବେ । ଲକ୍ଷ ଲକ୍ଷ ଲୋକ ମୂକ ଭାରବାହୀ ପଶୁ ହୋଇ ରହିଥିବେ ହିଁ ରହିବେ । ଜନସାଧାରଣଙ୍କ ମନରେ ସେମାନଙ୍କର ଶକ୍ତି ଓ ମର୍ଯ୍ୟାଦା ଜ୍ଞାନ ଜାଗ୍ରତ କରାଇବା ଦିଗରେ ଅସହଯୋଗ ଏକ ପ୍ରୟାସ । ପଶୁଶକ୍ତିକୁ ତରବାରି ଆବଶ୍ୟକତା ନାହିଁ ବୋଲି ସେମାନେ ବୁଝି ପାରିଲେ ହିଁ ଏହି ଶକ୍ତି ଓ ଜ୍ଞାନ ମିଳିବା ସମ୍ଭବ ହେବ ।

—ୟଙ୍ଗ୍ ଇଣ୍ଡିଆ, ତା୧-୧୨-୧୯୨୦

Digitized by srujanika@gmail.com

୨—ମୋର ଯୁକ୍ତି ହେଉଛି ଯେ ହିଂସାତ୍ମକ ବିପ୍ଳବ ଭାରତରେ ସଫଳ ହୋଇ ପାରିବ ନାହିଁ । ଖୋଲଖୋଲି ଯୁଦ୍ଧ ସମ୍ଭବପର ହୋଇଥିଲେ ମୁଁ ମାନି ନିଅନ୍ତି ଯେ ଯେଉଁ ହିଂସାକୁ ଅନ୍ୟ ଦେଶଗୁଡ଼ିକ ମାନି ନେଇଛନ୍ତି, ସେହି ହିଂସାର ପନ୍ଥାକୁ ଆମେ ଅବଲମ୍ବନ କରିବା କିମ୍ବା ଯୁଦ୍ଧକ୍ଷେତ୍ରରେ ସାହସିକତା ବୋଇଲେ ଯାହା ବୁଝାଯାଏ, ଆମେ ସେହି ସାହସ ଅର୍ଜନ କରନ୍ତେ । ସେତେ ସମସ୍ତ ଭିତରେ ମୁଁ ଯେତେ ଦୂର ଭବିଷ୍ୟତକୁ ଦେଖି ପାରୁଛି ସେହି ସମସ୍ତ ଭିତରେ ଯୁଦ୍ଧ ମାଧ୍ୟମରେ ସ୍ୱରାଜ୍ୟ ପ୍ରାପ୍ତି ଅସମ୍ଭବ ବୋଲି ମୁଁ କହୁଛି । ଯୁଦ୍ଧ କଲେ ବ୍ରିଟିଶ ଶାସନ ବଦଳରେ ଅନ୍ୟ ଶାସନ ଆମକୁ ମିଳିପାରେ କିନ୍ତୁ ଜନସାଧାରଣଙ୍କ ହିତ ହେଲା ଭଳି ସ୍ୱାୟତ୍ତ ଶାସନ ମିଳିବ ନାହିଁ । ସ୍ୱରାଜ୍ୟ ତୀର୍ଥରେ ପହଞ୍ଚିବାକୁ ହେଲେ ବଡ଼ ଦୁଃଖ କଷ୍ଟରେ ଅନ୍ୱେଷଣ କରିବାକୁ ପଡ଼ିବ । ସେ ବିଦ୍ୟାର ଟିକିନିଖି ବିଷୟ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ । ତାହାର ଅର୍ଥ ହେଉଛି ବିରାଟ ସଗଠନର ସାମର୍ଥ୍ୟ । ତାହାର ଅର୍ଥ ଗ୍ରାମବାସୀମାନଙ୍କର ସେବା କରିବାପାଇଁ ଗ୍ରାମଗୁଡ଼ିକର ଭିତରକୁ-ଭିତରକୁ ଯିବା । ଅନ୍ୟ ଭାଷାରେ କହିବାକୁ ଗଲେ, ଏହାର ଅର୍ଥ ରାଷ୍ଟ୍ରୀୟ ଶିକ୍ଷା, ଅର୍ଥାତ୍ ଜନସାଧାରଣଙ୍କ ଶିକ୍ଷା । ଏହା ଅର୍ଥ ଜନ-ସାଧାରଣଙ୍କ ମଧ୍ୟରେ ଜାତୀୟ ବା ରାଷ୍ଟ୍ରୀୟ ଚେତନାର ଜାଗରଣ । ଯାଦୁକରର ଆମ୍ବଗଛ ଭଳି ଏହା ହଠାତ୍ ଦେଖା ଦେବ ନାହିଁ । ବରଗଛ ପରି ଏହା ଅଲକ୍ଷିତ ଭାବରେ ଗଢ଼ି ଉଠିବ । ଏକ ରକ୍ତାକ୍ତ ବିପ୍ଳବ ଦ୍ୱାରା ଏହା କଦାପି ସମ୍ଭବ ନୁହେଁ ।

—ୟଙ୍ଗ୍ ଇଣ୍ଡିଆ, ତା ୨୧-୫-୧୯୨୫

(ଭାରତ ହାତକୁ ରାଜନୈତିକ କ୍ଷମତା ହସ୍ତାନ୍ତର ହେବା ଗାନ୍ଧୀଜୀ ଅତ୍ୟନ୍ତ ଆବଶ୍ୟକ ବିବେଚନା କରୁଥିଲେ ହେଁ ସେ କେବଳ ଏଭଳି ହସ୍ତାନ୍ତରରେ ସନ୍ତୁଷ୍ଟ ହେବାର ବ୍ୟକ୍ତି ନ ଥିଲେ । ତାଙ୍କ ସ୍ୱରାଜ୍ୟ-ଯୋଜନାରେ ସେ ଜନସାଧାରଣଙ୍କ ଶୋଷଣର ସବୁ ଚକ୍ରାନ୍ତର ଅବସାନ ଚାହୁଁଥିଲେ) ।

× × ×

୩—ଜନସାଧାରଣଙ୍କୁ ହିଁ ସ୍ୱରାଜ୍ୟ ହାସଲ କରିବାକୁ ହେବ । ଏହି ଦାରିଦ୍ର୍ୟ ପୁରପୂର ଧନୀକ ଶ୍ରେଣୀ କିମ୍ବା ଶିକ୍ଷିତ ଶ୍ରେଣୀଙ୍କର ନୁହେଁ । ଯେ କୌଣସି ସ୍ୱରାଜ୍ୟ ଯୋଜନାରେ ଉଭୟଙ୍କର ହିଁ ସ୍ୱାର୍ଥ ସାଧିତ ହେବା ଆବଶ୍ୟକ ।

—ୟଙ୍ଗ୍ ଇଣ୍ଡିଆ, ତା ୨୦-୪-୧୯୨୧

୪—ମୁଁ ଆପଣମାନଙ୍କୁ କହୁଛି ଯେ, କଂଗ୍ରେସ ନିର୍ଦ୍ଦିଷ୍ଟ କୌଣସି ଏକ ଶ୍ରେଣୀର ସଂସ୍ଥା ନୁହେଁ । ଏହା ସମସ୍ତଙ୍କର ସଂସ୍ଥା । କିନ୍ତୁ ଆମ ଦେଶରେ ଯେଉଁ କୃଷକମାନେ ସଂଖ୍ୟାଗରିଷ୍ଠ ଅଟନ୍ତି ସେହି ଗରିବ କୃଷକ ଶ୍ରେଣୀର ଲୋକଙ୍କର

Digitized by srujanika@gmail.com

ସ୍ୱାର୍ଥ ରକ୍ଷା କରିବା ହେଉଛି କଂଗ୍ରେସର ମୌଳିକ କାର୍ଯ୍ୟ । ତେଣୁ ଗରିବଲୋକ-ମାନଙ୍କର ପ୍ରକୃତ ପ୍ରତିନିଧି ହେଉଛି କଂଗ୍ରେସ । କିନ୍ତୁ ତାହାର ଅର୍ଥ ଏହା ନୁହେଁ ଯେ ଅନ୍ୟାନ୍ୟ ଶ୍ରେଣୀ, ଯଥା—ମଧ୍ୟବିତ୍ତ ଶ୍ରେଣୀ, ପୁଞ୍ଜିପତି କିମ୍ବା ଜମିଦାର ଶ୍ରେଣୀ ଲୋପ ପାଇଯିବେ । ଏହାର ଅର୍ଥ ହେଉଛି ଯେ ଗରିବ ଲୋକଙ୍କର ସ୍ୱାର୍ଥ ରକ୍ଷା କରିବା ଅନ୍ୟାନ୍ୟ ଶ୍ରେଣୀମାନଙ୍କର କର୍ତ୍ତବ୍ୟ ।

—ୟଙ୍ଗ୍ ଇଣ୍ଡିଆ, ତା ୧୭-୪-୧୯୩୧

୫—ଅତଏବ, ମୋର ଲେଖାର ଅର୍ଥ ହେଉଛି ଯେ ବୈଦେଶିକ ଶକ୍ତି କହିଲେ ଯାହା ବୁଝାଏ, ସେଥିରୁ ପୁରାପୁରି ମୁକ୍ତି । ଗରିବଲୋକଙ୍କ ସ୍ୱାର୍ଥର ଯାହା କିଛି ପରିପନ୍ଥୀ, ସେସବୁକୁ ବଦଳାଇବାକୁ ପଡ଼ିବ କିମ୍ବା ଯଦି ବଦଳା ଯାଇ ନ ପାରିବ, ତେବେ ଲୋପ କରିବାକୁ ହେବ ।

ୟଙ୍ଗ୍ ଇଣ୍ଡିଆ, ତା ୧୭-୯-୧୯୩୧

୬—ମୋ ମତରେ ରାଜନୈତିକ କ୍ଷମତା ଏକ ଲକ୍ଷ୍ୟ ନୁହେଁ, ମାତ୍ର ଜୀବନର ପ୍ରତ୍ୟେକ ବିଭାଗରେ ଲୋକେ ଯେପରି ନିଜ ଅବସ୍ଥାକୁ ଅଧିକ ଭଲ କରି ପାରିବେ ଏହା ତାହାର ଉପାୟ । ରାଜନୈତିକ କ୍ଷମତାର ଅର୍ଥ ହେଉଛି ରାଷ୍ଟ୍ରୀୟ ପ୍ରତିନିଧିଙ୍କ ଜରିଆରେ ରାଷ୍ଟ୍ରୀୟ ଜୀବନକୁ ନିୟନ୍ତ୍ରିତ କରିବାର ଶକ୍ତି । ଯଦି ରାଷ୍ଟ୍ରୀୟ ଜୀବନ ଏପରି ପରିଶୁଦ୍ଧ ହୋଇଯିବ ଯେ ତାହା ସ୍ୱୟଂ ନିୟନ୍ତ୍ରିତ ହୋଇ-ଯିବ, ତେବେ ପ୍ରତିନିଧିତ୍ୱ ଆଉ ଆବଶ୍ୟକ ହେବ ନାହିଁ । ସେ କ୍ଷେତ୍ରରେ ଏକ ସୁସଭ୍ୟ ଅରାଜକ ରାଜ୍ୟର ଉଦ୍ଭବ ହେବ । ସେଭଳି ରାଜ୍ୟରେ ପ୍ରତ୍ୟେକ ବ୍ୟକ୍ତି ନିଜର ଶାସକ ପାଲଟି ଯିବେ । ପ୍ରତ୍ୟେକ ନିଜକୁ ଏପରି ଶାସନ କରିବେ ଯେ, ତଦ୍ଦ୍ୱାରା ସେ ତାଙ୍କର ପ୍ରତିବେଶୀଙ୍କର ଆଦୌ ପ୍ରତିବନ୍ଧକ ହେବେ ନାହିଁ । ଅତଏବ, ଏକ ଆଦର୍ଶ ରାଜ୍ୟରେ ରାଜନୈତିକ କ୍ଷମତା ରହିବ ନାହିଁ କାରଣ, ସେଥିରେ ରାଜ୍ୟ ବା ସରକାର ହିଁ ନଥିବ । କିନ୍ତୁ ଜୀବନରେ କୌଣସି ଆଦର୍ଶ ପୂର୍ଣ୍ଣ ମାତ୍ରାରେ ସାଧିତ ହୁଏ ନାହିଁ । ସେହି ହେତୁରୁ ଥୋରୋଙ୍କର ସେହି ପୁରାଣ ପ୍ରସିଦ୍ଧ ଉକ୍ତି ହେଉଛି ଯେ, ଯେଉଁ ଶାସନ ସଂସ୍ଥା ବା ସରକାର ସବୁଠାରୁ ଊଣା ଶାସନ କରେ, ତାହା ହିଁ ହେଉଛି ସର୍ବୋତ୍କୃଷ୍ଟ ।

—ୟଙ୍ଗ୍ ଇଣ୍ଡିଆ, ତା ୨-୭-୧୯୩୧

ଗ୍ରାମ-ସ୍ୱରାଜ

ଗ୍ରାମସ୍ୱରାଜ ସମ୍ବନ୍ଧରେ ମୋର କଳ୍ପନା ହେଉଛି ଯେ, ଏଭଳି ଗ୍ରାମ ଗୋଟିଏ ପରିପୂର୍ଣ୍ଣ ଗଣତନ୍ତ୍ରିକ ବା ଗଣ ରାଜ୍ୟ ହେବ । ଏହାର ଅତ୍ୟନ୍ତ ଗୁରୁତ୍ୱ-ପୂର୍ଣ୍ଣ ଆବଶ୍ୟକତା ପାଇଁ ଏହା ପଡ଼ୋଶୀ ଗ୍ରାମମାନଙ୍କ ଉପରେ ଯୁକ୍ତ ନିର୍ଭରଶୀଳ

Digitized by srujanika@gmail.com

ହେବ ନାହିଁ, ଏବଂ ତଥାପି ଯେଉଁସବୁ ଆବଶ୍ୟକତା ପାଇଁ ଅନ୍ୟ ଉପରେ ନିର୍ଭର କରିବା ଆବଶ୍ୟକ, ସେଗୁଡ଼ିକରେ ଗାଁମାନ ପରସ୍ପର-ନିର୍ଭରଶୀଳ ହେବେ । ଏହିରୂପେ ପ୍ରତ୍ୟେକ ଗାଁର ସର୍ବପ୍ରଥମ ଚିନ୍ତା ହେବ ନିଜର ଖାଦ୍ୟଶସ୍ୟ ଓ ବସ୍ତ୍ର ପାଇଁ କପା ଉତ୍ପାଦନ କରିବା । ସେଥିରେ ଗାଈଗୋରୁଙ୍କ ପାଇଁ ରକ୍ଷିତ ଗୋଚର ପ୍ରୌଢ଼ ଓ ପିଲାମାନଙ୍କ ମନୋରଞ୍ଜନ ଓ ଖେଳ ପାଇଁ ନିଜର ଖେଳ ପଡ଼ିଆ ରହିବ । ଯଦି ଅଧିକ ଜମି ଥାଏ ତେବେ ଗଞ୍ଜା, ଧୂଆଁପତ୍ର ଅଫିମ ଓ ତଦ୍ରୂପ ମାଦକ ଦ୍ରବ୍ୟକୁ ଛାଡ଼ି, କଞ୍ଚା ପଇସା ପାଇବାର ଫସଲ ଗ୍ରାମବାସୀମାନେ ଉତ୍ପନ୍ନ କରିବେ । ଗୋଟିଏ ଗ୍ରାମ୍ୟ ନାଟ୍ୟଶାଳା, ବିଦ୍ୟାଳୟ ଓ ସର୍ବସାଧାରଣ ସଭା ଗୃହ ଗ୍ରାମରେ ରହିବ । ଶୁଦ୍ଧ ପାନୀୟଜଳ ନିଶ୍ଚିତ ଭାବରେ ଯୋଗାଇବା ଉଦ୍ଦେଶ୍ୟରେ ଗ୍ରାମର ନିଜ ଜଳ ସରବରାହ କେନ୍ଦ୍ର ରହିବ । କୂଅ ବା ପୁଷ୍କରଣୀର ବ୍ୟବହାରକୁ ନିୟନ୍ତ୍ରିତ କରି ଉତ୍ତମ ବୁନିୟାଦିର ଶିକ୍ଷାନ୍ତର ପର୍ଯ୍ୟନ୍ତ ଶିକ୍ଷା ବାଧ୍ୟତାମୂଳକ ହେବ । ଯେତେଦୂର ସମ୍ଭବ, ପ୍ରତ୍ୟେକ କାର୍ଯ୍ୟ ସମବାୟ ଭିତ୍ତିରେ ପରିଚାଳିତ ହେବ । ଆଜକାଲି ଯେପରି କ୍ରମିକ ସ୍ତରରେ ଅସ୍ପୃଶ୍ୟତା ଥାଇ ବିଭିନ୍ନ ଜାତି ରହିଛି, ସେପରି ଜାତି ରହିବ ନାହିଁ । ଗ୍ରାମସମାଜରେ ଅନୁଶାସନ ରକ୍ଷା ଓ ଅନ୍ୟାୟର ପ୍ରତିକାର ନିମନ୍ତେ ସତ୍ୟାଗ୍ରହ ଓ ଅସହଯୋଗର ଅହିଂସ ପନ୍ଥା ବ୍ୟବହୃତ ହେବ । ଗ୍ରାମରେ ଗୋଟିଏ ବାଧ୍ୟତାମୂଳକ ଗ୍ରାମରକ୍ଷୀ ଦଳ ରହିବ । ଗ୍ରାମରେ ରଖାଯାଇଥିବା ତାଲିକା ମଧ୍ୟରୁ ପର୍ଯ୍ୟାୟ କ୍ରମେ ଏହି ଲୋକମାନଙ୍କୁ ବଛାଯିବ । ପାଞ୍ଚ ଜଣଙ୍କୁ ନେଇ ଗଠିତ ପଞ୍ଚାୟତ ଦ୍ୱାରା ଗ୍ରାମର ଶାସନ ଚାଲିବ । ସର୍ବନିମ୍ନ ଓ ନିର୍ଦ୍ଧାରିତ ଯୋଗ୍ୟତା ଥିବା ସାବାଳକ ପୁରୁଷ ଓ ନାରୀମାନଙ୍କ ଦ୍ୱାରା ପ୍ରତିବର୍ଷ ଏହି ପଞ୍ଚାୟତ ନିର୍ବାଚିତ ହେବ । ଏହାର ସମସ୍ତ ଆବଶ୍ୟକୀୟ କ୍ଷମତା ଓ ବିଚାର କରିବାର ଅଧିକାର ରହିବ । ଯେହେତୁ ପ୍ରଚଳିତ ଅର୍ଥରେ ଦଣ୍ଡ ଦେବାର ପ୍ରଥା ଏକାଧାରରେ ବିଧାନସଭା, ବିଚାର ବିଭାଗ ଓ ପ୍ରଶାସନ ସଂସ୍ଥାର କାମ ତୁଲାଇବେ ଏବଂ ବର୍ଷକ ପାଇଁ କାମ କରିବେ ।

—ହରିଜନ, ତା ୨୬।୭।୧୯୪୨

ଆମ ଗାଁ

ଗୋଟିଏ ଗାଁରେ ରହି ନିଜର ଜୀବିକା ଅର୍ଜନ କରିବା ପାଇଁ ଉଦ୍ୟମ କରୁଥିବା ଜଣେ ଯୁବକ ମୋତେ ଗୋଟିଏ ଦୁଃଖଜନକ ପତ୍ର ଲେଖିଛି । ସେ ଅଧିକ ଇଂରାଜୀ ଜାଣେ ନାହିଁ । ତେଣୁ ତାହାର ପତ୍ରର ସଂକ୍ଷିପ୍ତ ସାର ହେଉଛି :—

Digitized by srujanika@gmail.com

"୧୫ ବର୍ଷ ଗୋଟିଏ ଶ୍ରେଷ୍ଠ ସହରରେ ବିତେଇ କୋଡ଼ିଏ ବର୍ଷ ବୟସରେ ମୁଁ ଏହି ଗ୍ରାମ-ଜୀବନରେ ପ୍ରବେଶ କରିବାର ନିଷ୍ପତ୍ତି ନେଲି। ମୋର ପାରିବାରିକ ପରିସ୍ଥିତି ହେତୁ ମୁଁ କଲେଜରେ ପଢ଼ି ପାରିଲି ନାହିଁ। ତେଣୁ ଆପଣ ଗ୍ରାମ-ପୁନର୍ଗଠନ କାମ ଆରମ୍ଭ କଲାରୁ ତାହା ମୋତେ ଗ୍ରାମ-ଜୀବନ ଗ୍ରହଣ କରିବା ପାଇଁ ଉତ୍ସାହିତ କଲା। ମୋର କିଛି ଜମି ଅଛି। ମୋ ଗାଁର ଘର ସଂଖ୍ୟା ପ୍ରାୟ ୨୫୦୦। କିନ୍ତୁ ନିଜ ଗାଁ ସହିତ ନିକଟ ସମ୍ପର୍କରେ ଆସିବା ପରେ ବାରଅଣାରୁ ଅଧିକ ଲୋକଙ୍କ ଭିତରେ ମୁଁ ନିମ୍ନଲିଖିତ କଥାଗୁଡ଼ିକ ଦେଖୁଛି। ୧—ଦଳାଦଳି ଓ କଳି-ଝଗଡ଼ା ୨—ଈର୍ଷ୍ୟା-ଦ୍ୱେଷ ୩—ନିରକ୍ଷରତା ୪—ବଦମାସୀ ୫—ମକଦ୍ଦମା ୬—ବେପରୁଆସ୍ୱଭାବ ୭—ଅସାଧୁ କାରବାର ୮—ପୁରୁଣା ନିରର୍ଥକ ବିଧିବିଧାନକୁ ଧରି ବସିବା ୯—ନିର୍ଦ୍ଦୟତା

"ଏହି ସ୍ଥାନଟି ଦୂର ଓ ଗୋଟିଏ କୋଣରେ ଅବସ୍ଥିତ, ସେଠାକୁ ସାଧାରଣତଃ କେହି ଯାଆସ କରନ୍ତି ନାହିଁ। କୌଣସି ବଡ଼ଲୋକ ଏପରି ଦୂର ଗାଁକୁ କେବେହେଁ ଯାଆନ୍ତି ନାହିଁ। କିନ୍ତୁ ଉନ୍ନତି ପାଇଁ ବଡ଼ଲୋକଙ୍କ ସଂସର୍ଗ ଦରକାର ହୋଇଥାଏ। ସେଥିପାଇଁ ଏ ଗାଁରେ ରହିକରି ମୁଁ ଡରୁଛି। ମୁଁ ଏ ଗାଁକୁ ଛାଡ଼ି ଦେବି କି? ଆପଣ ମୋତେ କି ଆଦେଶ ଓ ପରାମର୍ଶ ଦେବେ?"

ଏହି ଯୁବକ ଗ୍ରାମ-ଜୀବନର ଯେଉଁ ଚିତ୍ର ଦେଇଛନ୍ତି ତାହା ଯେ ଅତିଶୟୋକ୍ତିପୂର୍ଣ୍ଣ ଏଥିରେ କୌଣସି ସନ୍ଦେହ ନାହିଁ। କିନ୍ତୁ ସେ ଯାହା କହିଛନ୍ତି ତାକୁ ଯେ ମୋଟାମୋଟି ମାନି ନେବାକୁ ପଡ଼ିବ, ଓ ଗାଁମାନଙ୍କରେ ଏ ପ୍ରକାର ଦୁରବସ୍ଥା କାହିଁକି ହୋଇଛି ତାହାର କାରଣ ଜାଣିବା ପାଇଁ ଦୂରକୁ ଯିବା ଦରକାର ନାହିଁ। କାରଣ ଯେଉଁମାନେ ଶିକ୍ଷାଲାଭ କରିବାର ସୌଭାଗ୍ୟ ଲାଭ କରିଛନ୍ତି ସେମାନେ ଗାଁକୁ ବହୁତ ଉପେକ୍ଷା କରିଛନ୍ତି, ସେମାନେ ନିଜପାଇଁ ସହର-ଜୀବନ ବାଛି ନେଇଛନ୍ତି। ଯେଉଁମାନଙ୍କ ମଧ୍ୟରେ ସେବା-ଭାବନା ରହିଛି ସେମାନଙ୍କୁ ଗାଁରେ ରହି ଗ୍ରାମବାସୀଙ୍କ ସେବାରେ ଲାଗି ପଡ଼ିବା ପାଇଁ ପ୍ରରୋଚିତ କରି ଗାଁ ସହିତ ସ୍ୱାସ୍ଥ୍ୟପ୍ରଦ ସମ୍ପର୍କ ସ୍ଥାପିତ କରିବା ପାଇଁ ଏ ଗ୍ରାମ-ଆନ୍ଦୋଳନ ଏକ ପ୍ରୟାସ ମାତ୍ର। ପତ୍ରପ୍ରେରକ ଯୁବକ ଯେଉଁ ମନ୍ଦଗୁଣଗୁଡ଼ିକ ଦେଖିଛନ୍ତି ତାହା ଗ୍ରାମ-ଜୀବନରେ ବଦ୍ଧମୂଳ ହୋଇ ନାହିଁ। ପୁଣି ଯେଉଁମାନେ ସେବା ଭାବନା ନେଇ ଗାଁରେ ରହିଛନ୍ତି ସେମାନେ ନିଜ ଆଗରେ ବାଧାବିଘ୍ନ ଦେଖି ହତୋତ୍ସାହ ହେବା କଥା ନୁହେଁ। ସେମାନେ ତ ଏ କଥା ଜାଣିକରି ସେଠାକୁ ଯାଇଛନ୍ତି ଯେ ଅନେକ ବାଧାବିଘ୍ନ ମଧ୍ୟରେ ଏପରି କି ଗାଁ ଲୋକଙ୍କ ଉଦାସୀନତା ସତ୍ତ୍ୱେ ସେମାନଙ୍କୁ ସେଠାରେ କାମ କରିବାକୁ ହେବ। ଯେଉଁମାନଙ୍କର ନିଜର ମିଶନ୍ ଉପରେ ଓ ନିଜ ଉପରେ ବିଶ୍ୱାସ ଅଛି,

Digitized by srujanika@gmail.com

ସେହିମାନେ ଗାଁଲୋକଙ୍କ ସେବା କରି ସେମାନଙ୍କ ଜୀବନ ଉପରେ କିଛି ପ୍ରଭାବ ପକାଇ ପାରିବେ । ସଚ୍ଚୋଟ ଭାବରେ ଜୀବନ କଟାଇବାଟା ହିଁ ଏପରି ଏକ ବ୍ୟବହାରିକ ପାଠ ଯେ ଆଖପାଖ ଲୋକଙ୍କ ଉପରେ ତାହାର ପ୍ରଭାବ ନିଶ୍ଚିତ ଭାବରେ ପଡ଼ିଥାଏ । କିନ୍ତୁ ଏ ଯୁବକର ସମ୍ଭବତଃ ଏହି ଅସୁବିଧା ହେଉଛି ଯେ ସେ କୌଣସି ସେବାଭାବନା ଘେନି ନୁହେଁ, କେବଳ ନିଜର ଜୀବିକା ନିର୍ବାହ ସକାଶେ ଗାଁକୁ ଯାଇଛି । କେବଳ ପଇସା କମେଇବା ପାଇଁ ଯେ ଗାଁକୁ ଯିବ ତାହାର ଗ୍ରାମ-ଜୀବନ ପ୍ରତି କୌଣସି ଆକର୍ଷଣ ଯେ ରହିବ ନାହିଁ, ଏହା ମୁଁ ମାନୁଛି । ସେବା-ଭାବନା ନ ଥାଇ ଯେ ଗାଁକୁ ଯାଆନ୍ତି ସେଠାର ନୂତନତ୍ୱ ସରିଯିବା ମାତ୍ରେ ସେମାନଙ୍କ ପାଇଁ ଗ୍ରାମ-ଜୀବନ ନୀରସ ହୋଇଯିବ, ତେଣୁ ଗାଁକୁ ଯାଇଥିବା ଯୁବକଙ୍କର ଏ ସବୁ ଅସୁବିଧାରେ ଧାବରା ହୋଇ ନିଜର ବାଟ ଛାଡ଼ିଦେବା ଆଦୌ ଉଚିତ ନୁହେଁ । ଧୈର୍ଯ୍ୟର ସହିତ ଉଦ୍ୟମ କରି ଲାଗିଲେ ଜାଣିହେବ ଯେ ଗାଁଲୋକେ ମଧ୍ୟ ସହରର ଲୋକଙ୍କଠାରୁ ବିଶେଷ ଭିନ୍ନ ନୁହନ୍ତି ଏବଂ ସେମାନଙ୍କୁ ଦୟା କଲେ ଓ ସେମାନଙ୍କ ପ୍ରତି ଦୃଷ୍ଟି ଦେଲେ ସେମାନେ ମଧ୍ୟ ସହଯୋଗ କରିବେ । ଏହା ନିଃସନ୍ଦେହରେ ସତ୍ୟ ଯେ ଗାଁରେ ଦେଶର ବଡ଼ଲୋକଙ୍କ ସମ୍ପର୍କକୁ ଆସିବାର ସୁଯୋଗ ମିଳେ ନାହିଁ । ଗ୍ରାମ ମନୋବୃତ୍ତି ବଢ଼ିଲେ ନେତାମାନଙ୍କ ପାଇଁ ଗାଁ ଗହଳରେ ବୁଲି ଗାଁ ଲୋକଙ୍କ ସାଙ୍ଗରେ ଜୀବନ୍ତ ସମ୍ପର୍କ ସ୍ଥାପନ କରିବା ଅତ୍ୟାବଶ୍ୟକ ହୋଇଯିବ । କିନ୍ତୁ ଚୈତନ୍ୟ, ରାମକୃଷ୍ଣ, ତୁଳସୀଦାସ, କବୀର, ନାନକ, ଦାଦୂ, ତୁକାରାମ, ତିରୁବଲ୍ଲୁବରଙ୍କଭଳି ସାଧୁସନ୍ଥଙ୍କର ଗ୍ରନ୍ଥରୂପୀ ମହାନ୍ ଓ ଶ୍ରେଷ୍ଠଜନଙ୍କ ସତ୍ସଙ୍ଗ ତ ସମସ୍ତଙ୍କୁ ବର୍ତ୍ତମାନ ସୁଦ୍ଧା ମିଳୁଛି । ଅସୁବିଧା କେବଳ ଏତିକି ଯେ ଏହି ସ୍ଥାୟୀ ଗୁରୁତ୍ୱପୂର୍ଣ୍ଣ କଥାଗୁଡ଼ିକ ଗ୍ରହଣ କରିବା ପାଇଁ ମନକୁ କିପରି ଉପଯୁକ୍ତ କରି ତିଆରି କରିବାକୁ ହେବ । ଆଧୁନିକ ବିଶ୍ୱର ରାଜନୈତିକ, ସାମାଜିକ, ଆର୍ଥିକ, ବୈଜ୍ଞାନିକ, ସାହିତ୍ୟ ପାଇବାର ଇଚ୍ଛା ଥିଲେ ସେଥିପାଇଁ ସାହିତ୍ୟ ମିଳି ପାରିବ । କିନ୍ତୁ ଏହା ମୁଁ ସ୍ୱୀକାର କରୁଛି ଯେ ଧାର୍ମିକ ସାହିତ୍ୟ ଯେତେ ସହଜରେ ମିଳିଯାଏ ଏ ସାହିତ୍ୟ ସେପରି ମିଳେ ନାହିଁ । ସାଧୁସନ୍ଥମାନେ ତ ସାଧାରଣ ଲୋକଙ୍କ ପାଇଁ ଲେଖିଛନ୍ତି ଓ କହିଛନ୍ତି । ମାତ୍ର ଆଧୁନିକ ବିଶ୍ୱରକୁ ସର୍ବସାଧାରଣ ଗ୍ରହଣ କରିପାରିବା ଭଳି ଭାଷାରେ ଅନୁବାଦ କରିବାର ସଉକ ଏପର୍ଯ୍ୟନ୍ତ ପୁରାପୁରି ଆଖିରେ ପଡୁନାହିଁ । ବେଳ ଥାଉଥାଉ ଏହା ହେବା ଆବଶ୍ୟକ ଏବଂ ହେବ ମଧ୍ୟ । ଅତଏବ ଏ ପତ୍ରଲେଖକଙ୍କ ଭଳି ଯୁବକମାନଙ୍କୁ ମୋର ପରାମର୍ଶ ହେଉଛି ସେମାନେ ନିଜର ଚେଷ୍ଟାରୁ ବିରତ ହୁଅନ୍ତୁ ନାହିଁ ବରଂ ସେହିଥିରେ ଲାଗି ରହନ୍ତୁ ଏବଂ ନିଜର ପରିଷ୍କୃତି ଦ୍ୱାରା ଗାଁକୁ ଅଧିକ ପ୍ରିୟ ଓ ରହିବା ପାଇଁ ଉପଯୁକ୍ତ କରି ଗଢ଼ନ୍ତୁ । କିନ୍ତୁ ଯେଉଁ ସେବା ପାଇଁ ଗ୍ରାମବାସୀ

Digitized by srujanika@gmail.com

ଅନୁକୂଳ ହେବେ, ସେହି ସେବା ଦ୍ୱାରା ହିଁ ସେମାନେ ଏହା କରିବେ । ନିଜ ପରିଶ୍ରମ ଦ୍ୱାରା ଗାଁକୁ ସେମାନେ ଅଧିକ ପରିଚ୍ଛନ୍ନ କରିବା ଏବଂ ନିଜର ଯୋଗ୍ୟତା ଅନୁସାରେ ଗାଁକୁ ନିରକ୍ଷରତା ଦୂର କରିବା ଦ୍ୱାରା ପ୍ରତ୍ୟେକ ଲୋକ ଏ କାମ ଆରମ୍ଭ କରି ଦେଇ ପାରେ । ସେ ଯଦି ପରିଚ୍ଛନ୍ନ, ସୁବ୍ୟବସ୍ଥିତ ଓ ପରିଶ୍ରମୀ ହୋଇଥିବେ ତେବେ ସେ ଯେଉଁ ଗାଁରେ କାମ କରୁଥିବେ ସେ ଗାଁରେ ସେ ଗୁଣଗୁଡ଼ିକ ଯେ ସଂକ୍ରମିତ ହେବ ଓ ଗାଁଲୋକେ ମଧ୍ୟ ସଫାସୁତୁରା ଓ ପରିଶ୍ରମୀ ହେବେ, ଏଥିରେ କୌଣସି ସନ୍ଦେହ ନାହିଁ ।

—ହରିଜନ-ସେବକ (ହିନ୍ଦୀ), ସ୍ୱାଗ ୫, ତା ୨୦ ଫେବୃୟାରୀ ୧୯୪୭

ଦ୍ୱିତୀୟ ସଭା

(ଦେଶର ବହୁ ଖଦୀକର୍ମୀଙ୍କ ପାଖରୁ ଆସିଥିବା ପତ୍ର ଜଣେ ପଢ଼ି ଶୁଣାଇଲେ । ସେ ସବୁରୁ ଗାନ୍ଧୀଜୀ ନିଜ ବକ୍ତବ୍ୟ ଅଧିକ ସ୍ପଷ୍ଟ ଓ ଦୃଢ଼ କଲେ । ତାଙ୍କର ଏହି ନିଶ୍ଚିତ ବକ୍ତବ୍ୟକୁ ପ୍ରଭାବଶାଳୀ ଭାଷାରେ ଡିସେମ୍ବର ୧, ୨, ଓ ୩ ତାରିଖ ୧୯୪୪ରେ ସଂଘର ବିଶେଷ ବୈଠକରେ ଟ୍ରଷ୍ଟିମଣ୍ଡଳ ଓ କେତେକ ବିଶିଷ୍ଟ ଖଦୀ-କର୍ମୀଙ୍କ ଆଗରେ ପ୍ରକାଶ କଲେ । ତା ୧।୧୨। ୧୯୪୪ର ଭାଷଣର ସାରାଂଶ ପ୍ରଦତ୍ତ ହେଲା ।)

ଗ୍ରାମ-ସଂସ୍କୃତି ବନାମ ସହରୀ-ସଭ୍ୟତା

ବିଶ୍ୱରେ ଆଜି ଦୁଇଟି ବିଚାର ଧାରା ଚାଲୁଛି । ଗୋଟିଏ ଧାରା ସହରରେ ବାନ୍ଧି ଦେବାକୁ ଚାହୁଁଛି, ଅନ୍ୟଟି ଗାଁରେ । ଗ୍ରାମ ସଂସ୍କୃତି ଓ ସହରୀ ସଭ୍ୟତା ଦୁଇଟି ଭିନ୍ନ ଭିନ୍ନ ବସ୍ତୁ । ସହରୀ ସଭ୍ୟତା ଯାନ୍ତ୍ରିକ ଶିଳ୍ପୀକରଣ ଉପରେ ନିର୍ଭର କରୁଥିବା ସ୍ଥଳେ ଗ୍ରାମ୍ୟ ସଭ୍ୟତା ହସ୍ତଶିଳ୍ପ ଉପରେ ଛିଡ଼ା ହୋଇଛି । ଆମେ ଗ୍ରାମ-ସଂସ୍କୃତିକୁ ପସନ୍ଦ କରିଛୁ । ବୃହତ୍ ପରିମାଣରେ ଉତ୍ପାଦନ—ଏ ଶିଳ୍ପୀକରଣ ଏବେ ଏବେ ବଢ଼ିଛି । ଏଥିରେ ଆମର କେତେ ଦୂର ବିକାଶ ହୋଇଛି ବା ଏହା ଆମ ସୁଖ କେତେ ବଢ଼ାଇଛି, ତାହା ଆମେ ନିଜେ ଜାଣୁ ନାହିଁ । କିନ୍ତୁ ଆମେ ଏହା ଭଲ ଭାବରେ ଜାଣୁଁ ଯେ ବର୍ତ୍ତମାନ ବିଶ୍ୱ ଯୁଦ୍ଧକୁ ଏହି ଶିଳ୍ପୀ କରଣ ହିଁ ଜନ୍ମ ଦେଇଛି । ବର୍ତ୍ତମାନ ଏ ଯେଉଁ ଦ୍ୱିତୀୟ ମହାଯୁଦ୍ଧ ଚାଲିଛି ଏବଂ ତାହା ଶେଷ ହେବା ପୂର୍ବରୁ ତୃତୀୟ ମହାଯୁଦ୍ଧ କଥା ବର୍ତ୍ତମାନଠାରୁ ଆମେ ଶୁଣୁଛୁ । ଆମ ରାଷ୍ଟ୍ର ଆଜି ଯେଉଁପରି ଦୀନ ହୋଇଛି ଓ ଦୁଃଖରେ ଆହତ ହୋଇଛି, ସେପରି ପୂର୍ବେ କେବେ ହେଁ ହୋଇ ନ ଥିଲା । ସହରରେ ଲୋକଙ୍କୁ ଭଲବେଳେ ପ୍ରଚୁର ଲାଭ ମିଳୁଥିଲେହେଁ ସେ ସବୁ ଗାଁ ଗୁଡ଼ିକର ରକ୍ତ ଶୋଷଣରେ ହିଁ ହୋଇ ପାରିଛି ।

Digitized by srujanika@gmail.com

ଆମେ ନିଜେ ସତ୍ ହେବା

ଆମେ କୋଟି କୋଟି ଟଙ୍କା ଏକତ୍ର କରିବାକୁ ଚାହୁଁ ନାହୁଁ । ଆମେ ଆମ କାମକୁ ପଇସା ଉପରେ ଅବଲମ୍ବିତ ରଖିବାକୁ କେବେହେଁ ଚାହୁଁ ନାହିଁ । ଯଦି ଆମର କର୍ତ୍ତବ୍ୟ ପାଳନରେ ଆମ ଜୀବନକୁ ହୋମ କରିଦେବା ପାଇଁ ଆମେ ସିଦ୍ଧ ହୋଇ ପାରିବା, ତେବେ ପଇସା କିଛି ଦରକାର ହେବ ନାହିଁ । ଆମ ମଧ୍ୟରେ ବିଶ୍ୱାସ ରହିବା ଦରକାର । ଆମେ ନିଜେ ସତ୍ୟ ହେବା ଦରକାର । ଆମେ ଯଦି ଏହିପରି ହୋଇ ପାରିବା ତେବେ ତିରିଶ ଲକ୍ଷ ଟଙ୍କାର ମୂଳଧନକୁ ଗାଁରେ ଖେଳେଇ ଦେଇ ଆମେ ତିନିଶହ କୋଟି ଟଙ୍କାର ରାଷ୍ଟ୍ରୀୟ ସମ୍ପତ୍ତି ଉତ୍ପାଦନ କରି ପାରିବା । ଏଥିପାଇଁ ଗାଁ ଲୋକେ ସ୍ୱାବଲମ୍ବୀ ହେବା ଓ ନିଜ ଉପରେ ଭରସା ରଖିବା ଦରକାର । କିନ୍ତୁ ଏହା ମନେ ରଖନ୍ତୁ ଯେ ମୁଁ ସଙ୍କୁଚିତ ଅର୍ଥରେ ସ୍ୱାବଲମ୍ବନ ଶବ୍ଦଟି ପ୍ରୟୋଗ କରୁ ନାହିଁ । ଗାଁଗୁଡ଼ିକ ଅଲଗା ହୋଇଯିବା ପାଇଁ, ସେମାନଙ୍କର ପରସ୍ପର ସମ୍ବନ୍ଧ ନ ରଖିବା ପାଇଁ ମୁଁ ଉପଦେଶ ଦେଉ ନାହିଁ । ଲକ୍ଷ ପୂରଣ ପାଇଁ ଆମେ ଗୋଟିଏ କ୍ଷୁଦ୍ର ଧୂଳିକଣା ପରି ନମ୍ର ହେବା ଉଚିତ । ଦୁଧରେ ମିଶ୍ରି ଭଳି ଆମେ ଲୋକଙ୍କ ସହିତ ମିଶି ଯିବା ଉଚିତ । ଗ୍ରାମବାସୀ ଯଥାଶକ୍ତି ସ୍ୱାବଲମ୍ବୀ ହେଲେ ହେଁ ନିଜର ବୌଦ୍ଧିକ ବିକାଶ ପାଇଁ ମଧ୍ୟ ସେମାନେ ପର୍ଯ୍ୟାପ୍ତ ସମୟ ଦେବେ ଏବଂ ଏହିରୂପେ ଭବିଷ୍ୟତରେ ଯେଉଁ ଅହିଂସକ ସମାଜ ରଚନା କରିବାକୁ ଚାହୁଁଛୁ, ସେଥିପାଇଁ ଆପଣା ମଧ୍ୟରେ ଜାଗରଣ ଆଣିବେ ।

ବସ୍ତ୍ର ସ୍ୱାବଲମ୍ବନ ଆମର ଲକ୍ଷ୍ୟ

ଆମର ପ୍ରାଥମିକ ଆବଶ୍ୟକତାଗୁଡ଼ିକ ମଧ୍ୟରେ ଅନ୍ନ ପରେ ବସ୍ତ୍ରର ସ୍ଥାନ ରହିଛି । ପ୍ରତ୍ୟେକ ଗାଁ ନିଜ ଲୁଗା ନିଜେ ଉତ୍ପାଦନ କରିବା ଆରମ୍ଭ କରନ୍ତୁ । ତଦ୍ୱାରା ସେମାନଙ୍କ ଶକ୍ତି ବହୁଗୁଣ ବଢ଼ିଯିବ । କିନ୍ତୁ ଏଥିପାଇଁ ଆମେ ଆଇନ୍ ବଳରେ ଲୁଗାକଳ ସବୁ ବନ୍ଦ କରିବାକୁ ଚାହୁଁ ନାହୁଁ । ଲୋକଙ୍କ ମନୋବୃତ୍ତିରେ ବିପ୍ଳବ ଆଣି ଆମେ ଆମ ଉଦ୍ଦେଶ୍ୟ ସଫଳ କରିବାକୁ ଚାହୁଁଛୁ । ବିକେନ୍ଦ୍ରୀକରଣ ଦ୍ୱାରା ଯେଉଁ ସ୍ଥାନ ମାନଙ୍କରେ କପା ଉତ୍ପାଦନ ହେଉଛି, ସେହି ସ୍ଥାନରେ ଆମକୁ ଲୁଗା ତିଆରି କରିବାକୁ ହେବ । କିନ୍ତୁ ଆପଣ ପଚାରିବେ ଯେ ସହରରେ ଯେଉଁମାନେ ଖଦୀ ପିନ୍ଧୁଛନ୍ତି, ସେମାନଙ୍କ କଥା କଅଣ ହେବ ? ସେମାନେ ନିଜ ସୂତା ନିଜେ କାଟିବେ ଓ ସେଥିରେ ଲୁଗା ବୁଣାଇବା ପାଇଁ ନିଜେ ତନ୍ତୀର ବ୍ୟବସ୍ଥା କରିବେ ।

ବମ୍ବେ ଲୋକଙ୍କ ପାଇଁ ଯେଉଁମାନେ ଖଦୀ ତିଆରି କରୁଛନ୍ତି, ସେମାନଙ୍କ ପାଇଁ ମ୍ୟାଞ୍ଚେଷ୍ଟରରୁ ଲୁଗା ଆସିବାଟା ନିର୍ଲଜ୍ଜତାର ପରସୀମା ହେବ । ପୁଣି

Digitized by srujanika@gmail.com

ମଜୁରିର କିଛି ଅଂଶ ଖଦୀ ରୂପେ ନେବା ପାଇଁ ଶରିବଙ୍କୁ ବାଧ କରିବାଟା ମଧ୍ୟ ନ୍ୟାଯ୍ୟ-ସଙ୍ଗତ ହେବ ନାହିଁ । ସେମାନଙ୍କୁ ଏପରି ଶିକ୍ଷିତ କରିବା ଆମର ଉଚିତ, ଯଦ୍ଵାରା ସେମାନେ ସ୍ଵେଚ୍ଛାରେ ପ୍ରେମପୂର୍ବକ ଓ ଜ୍ଞାନପୂର୍ବକ ସୂତା କାଟିବେ ଓ ନିଜେ ତିଆରି କରିବା ଲୁଗା ପିନ୍ଧିବାରେ ଗର୍ବ ଅନୁଭବ କରିବେ । ବମ୍ବେର ଲୋକେ ଯଦି ଖଦୀ ପିନ୍ଧିବେ, ତେବେ ସେମାନେ ନିଜେ କାଟିବେ କିମ୍ବା ନିଜର ଆଶ୍ରିତ ଓ ପିଲାଙ୍କଦ୍ଵାରା ସୂତା କଟାଇବେ । ଖଦୀ-ବ୍ରତ ନେଇଥିବା ଲୋକେ ନିଜେ କାଟିଲେ ସୂତା କାଟିବାର ଚଳଣି ହେବ ଏବଂ ତାହା ଫଳପ୍ରଦ ହେବ । ବର୍ତ୍ତମାନ ଆମେ କୋଟିଏ ଟଙ୍କାର ଖଦୀ ଉତ୍ପାଦନ କରୁଛୁଁ । ତାହା ପରିବର୍ତ୍ତେ ଆମେ ଦଶ କୋଟି ଟଙ୍କାର ଖଦୀ ଉତ୍ପାଦନ କରିବାକୁ ସମର୍ଥ ହେଲେ ସୁଦ୍ଧା ସମସ୍ତ ଭାରତବର୍ଷରେ ବ୍ୟାପିଯିବାର ଉଦ୍ଦେଶ୍ୟ ସଫଳ ହେବ ନାହିଁ ।

ତାହାହିଁ ପ୍ରକୃତ ସ୍ଵରାଜ୍ୟ

ରଚନାତ୍ମକ କାମ କରୁଥିବା ଆମ କର୍ମୀମାନଙ୍କୁ ଏପରି ଢଙ୍ଗରେ ନିଜର ଜ୍ଞାନ ବଢ଼ାଇବାକୁ ହେବ, ଯଦ୍ଵାରା ସେମାନେ ସମଗ୍ର ଭାରତବର୍ଷର ରାଜନୀତିକୁ ବାଟ ଦେଖାଇ ପାରିବେ । ଆଜି ଆମେ ଭାବୁଛୁଁ ଯେ ରାଜାଜୀ ମାନ୍ଦ୍ରାଜର ପ୍ରଧାନମନ୍ତ୍ରୀ ହେଲେ ଆମ କାମ ଆଗେଇ ପାରିବ । ଏହା କଅଣ ଠିକ୍ ? ଆଶାପୂର୍ଣ୍ଣ ନୟନରେ ବଡ଼ଲାଟଙ୍କ ରାଜପ୍ରାସାଦ ଆଡ଼କୁ ଆମର ବର୍ତ୍ତମାନ ରାଜନୀତି ପାଇଁ ଅମେ ଚାହିଁ ରହିବା କି ? ଆମ କାମ ଯଦି ଅମେ ଯୋଗ୍ୟତା ସହକାରେ କରିବା, ତେବେ ବଡ଼ଲାଟଙ୍କୁ ଆମ ପାଖକୁ ଅସିବାକୁ ପଡ଼ିବ । ସେ ଆମ କାମ ଦେଖିବେ ଏବଂ ଜାଣିବେ ଯେ ଏମାନଙ୍କ ଉପରେ ସ୍ଵାମୀତ୍ଵ ଜାରି କରିବା ବା ଏମାନଙ୍କୁ ଗୋଲାମ କରି ରଖିବା ଅସମ୍ଭବ ଅଟେ । ନୂଆ ଉତ୍ସାହରେ ଯେତେବେଳେ ସାତ ଲକ୍ଷ ଗାଁରେ କର୍ମୀମାନେ କାମ କରିବାରେ ଲାଗିବେ, ସେତେବେଳେ ଆମର ଦାସତ୍ଵ ନଷ୍ଟ ହୋଇଯିବ । ସେତେବେଳେ ଆମର ପ୍ରତ୍ୟେକ ଗାଁ ସ୍ଵତନ୍ତ୍ର ଓ ସ୍ଵାବଲମ୍ବୀ ହେବ । ତାହାହିଁ ହେବ ଯଥାର୍ଥରେ ସ୍ଵରାଜ୍ୟ, ତାହାହିଁ ହେବ ଅସଲ ଲୋକତନ୍ତ୍ର ।

କେତେକ ଗୁରୁତର ପ୍ରଶ୍ନ

(ଫେବ୍ରୁଆରି ୯ ତାରିଖ ଦିନ ଗାନ୍ଧୀଜୀଙ୍କ ଠାକୁ ଯେଉଁ କେତେକ ପ୍ରଶ୍ନ ପଠାଯାଇଥିଲା, ଗାନ୍ଧୀଜୀ ତାହା ଆଲୋଚନା କଲେ । ସେ ଦିନଟା ତାଙ୍କର ମୌନ ଦିବସ ଥିବାରୁ ସେ ଉତ୍ତରଗୁଡ଼ିକ ଲେଖି ଦେଇଥିଲେ ଏବଂ ତାହା ପ୍ରାର୍ଥନା ସଭାରେ ପଢ଼ି ଦିଆଗଲା । ସମସ୍ତ ନିଷ୍ଠାପର କର୍ମୀଙ୍କ ପକ୍ଷେ ଏହି ଉତ୍ତର ଅନୁଧ୍ୟାନଯୋଗ୍ୟ । —ସମ୍ପାଦକ ।)

Digitized by srujanika@gmail.com

ପ୍ରଶ୍ନ—ଏହା ଆମର ଅନୁଭୂତ ଯେ କୌଣସି କର୍ମୀ କିଛି ସମୟ ପରେ କ୍ଷମତାପ୍ରିୟ ହୋଇଯାଏ । ତାହାର ସହକର୍ମୀମାନଙ୍କ ମଧ୍ୟରୁ ବାକିମାନେ ତାହାକୁ ସଂଯତ କରିବେ କିପରି ? ଅନ୍ୟ ଉପାୟରେ କହିବାକୁ ଗଲେ ସଂସ୍ଥାର ଗଣତାନ୍ତ୍ରିକ ଢଙ୍ଗକୁ ବଜାୟ ରଖାଯିବ କିପରି ? ଆମେ ଦେଖିଛୁ ଯେ ସଂପୃକ୍ତ ଦଳ ସହିତ ଅସହଯୋଗ ଏଥିରେ ସହାୟକ ହୁଏ ନାହିଁ । ସଂସ୍ଥାର କାର୍ଯ୍ୟ ହିଁ ବାଧାପ୍ରାପ୍ତ ହୁଏ ।

ଉତ୍ତର—ଏହା କେବଳ ତୁମ୍ଭମାନଙ୍କର ଅନୁଭୂତ ନୁହେଁ । ଏ ଅନୁଭୂତ ପ୍ରାୟ ସାର୍ବଜନୀନ । କ୍ଷମତା-ଲାଳସା ମଣିଷ-ପ୍ରକୃତିର ଏକ ସାଧାରଣ ଲକ୍ଷଣ ଅଟେ । ମଣିଷର ମୃତ୍ୟୁ ହେଲେ କେବଳ ଏହାର ଅବସାନ ଘଟେ । ତେଣୁ ସହକର୍ମୀଙ୍କ ପକ୍ଷେ ତାହାକୁ ସଂଯତ କରିବା କଷ୍ଟକର ଅଟେ । କାରଣ, ଏମାନଙ୍କର ମଧ୍ୟ ସେହିରୂପ ମାନବିକ ଦୁର୍ବଳତା ପରିପୁଷ୍ଟ ନ ହେବା ବେଶୀ ସମ୍ଭବ । ଯେ ପର୍ଯ୍ୟନ୍ତ ପୃଥିବୀରେ ଗୋଟିଏ ହେଲେ ସଂପୂର୍ଣ୍ଣ ଅହିଂସକ ସଂସ୍ଥା ଆମେ ନ ଜାଣିବୁଁ ସେ ପର୍ଯ୍ୟନ୍ତ ଗୋଟିଏ ସଂସ୍ଥାର ସଂପୂର୍ଣ୍ଣ ଗଣତାନ୍ତ୍ରିକ ପ୍ରକୃତି ଜାଣିବୁଁ ବୋଲି ଆମେ ଦାବି କରି ନ ପାରୁଁ । ଏହାର କାରଣ ହେଉଛି, ଏହା ନିର୍ଦ୍ଦିଷ୍ଟ ଭାବରେ ପ୍ରମାଣିତ ହୋଇ ପାରିବ ଯେ ପୂର୍ଣ୍ଣ ଅହିଂସାର ପୃଷ୍ଠପୋଷକତା ନ ଥାଇ, କୌଣସି ଗଣତନ୍ତ୍ର ଏକାବେଳେକେ ନିର୍ଦ୍ଦୋଷ ହେବା ସମ୍ଭବ ନୁହେଁ । ଅସହଯୋଗ ଯଦି ହିଂସାତ୍ମକ ହୁଏ—ଯାହା କି ଏହା ନିଶ୍ଚିତ ଭାବରେ ସବୁବେଳେ ନ ହୋଇ ମଧ୍ୟ, ବହୁ ସମୟରେ ହୋଇଛି—ତାହା ହେଲେ ଏ ପ୍ରଶ୍ନ ଏକ ଉଚିତ ପ୍ରଶ୍ନ ହେବ । ଅସହଯୋଗର 'ଅହିଂସାତ୍ମକ ଗୁଣ ସମ୍ବନ୍ଧରେ ମୋର ନିଜ ଅଭିଜ୍ଞତାରୁ କିଛି ଜ୍ଞାନ ଥିବାର ଦାବୀ କରୁଥିବା ଯୋଗୁଁ ମୁଁ ଏହା କହୁଛି ଯେ କାର୍ଯ୍ୟଟି ଯଦି ଭଲ ଥାଏ, ତେବେ ଅହିଂସାତ୍ମକ ଅସହଯୋଗ ନିଶ୍ଚିତ ଭାବରେ ସଫଳତା ଲାଭ କରିବ ଏବଂ ଅହିଂସାତ୍ମକ ଅସହଯୋଗର ପ୍ରୟୋଗ ହେଉ କୌଣସି ସଂସ୍ଥାର କିଛି ବିପର୍ଯ୍ୟୟ ଘଟିବ ନାହିଁ । ପ୍ରଶ୍ନକର୍ତ୍ତା ଏକ ଅସୁବିଧାରେ ପଡ଼ିଛନ୍ତି ଏବଂ ତାହା ହେଉଛି ତାଙ୍କର ସେହି ଅସହଯୋଗ ବିଷୟରେ ଅନୁଭୂତ ରହିଛି, ତାହା ଖୁବ୍ ଅନୁକୂଳ ଅବସ୍ଥାରେ କେବଳ ଆଂଶିକ ଭାବରେ ଅହିଂସାତ୍ମକ ଥାଇ, ଅତି ପ୍ରତିକୂଳ ଅବସ୍ଥାରେ ଖୋଲାଖୋଲି ଭାବରେ ହିଂସାତ୍ମକ ହୋଇଛି । କିନ୍ତୁ, ସେହି ହିଂସାତ୍ମକ ଢଙ୍ଗଟା ଅହିଂସାତ୍ମକ ନାମ ଧରି ଚାଲିଛି । ତଥାକଥିତ ଅପରିପକ୍ୱ ଅସହଯୋଗ, ଏହି ଦୁଇଟି ଗୁରୁତର ଦୋଷଯୁକ୍ତ ଅସହଯୋଗର ଦୃଷ୍ଟାନ୍ତରେ "ହରିଜନ" ଓ "ୟଙ୍ଗ୍ ଇଣ୍ଡିଆ"ର ପୃଷ୍ଠା ଭରିଯାଇଛି । ଏଗୁଡ଼ିକର ଅହିଂସା ଆଂଶିକ ଭାବରେ ରହିଛି କିମ୍ବା ଏକାବେଳେକେ ନାହିଁ । ମୋର ଦୀର୍ଘ ଅଭିଜ୍ଞତାରୁ ମୁଁ ଏହା ମଧ୍ୟ ଲକ୍ଷ କରିଛି

Digitized by srujanika@gmail.com

ଯେ ସେହିମାନେ ଅନ୍ୟମାନଙ୍କର କ୍ଷମତା-ଲାଳସା ଥିବାର ଅଭିଯୋଗ କରି ଆନ୍ତି, ସେମାନଙ୍କ ନିଜର କ୍ଷମତା-ଲାଳସା କିଛି କମ୍ ନୁହେଁ । ଅଧି ଉଜନ୍ ଏବଂ ଛଅ ମଧ୍ୟରେ ପାର୍ଥକ୍ୟ ବାହାର କରିବାର ଦାୟିତ୍ୱ ଯେତେବେଳେ ଆସେ ସେତେବେଳେ ତାହା ଏକ ଅପ୍ରୀତିକର କାର୍ଯ୍ୟ ହୋଇଯାଏ ।

ପ୍ରଶ୍ନ—ପ୍ରାୟ ସବୁ ଗାଁରେ ଦଳ ଓ କନ୍ଦଳ ରହିଛି । ଯେତେବେଳେ ସେ ଗାଁରେ କୌଣସି ସାହାଯ୍ୟ-ବଣ୍ଟନର ପ୍ରଶ୍ନ ଉଠେ, ଆମେ ଇଚ୍ଛା କରୁଁ ବା ନ କରୁଁ, ସ୍ଥାନୀୟ କ୍ଷମତା- ରାଜନୀତିରେ ଆମେ ଜଡ଼ିତ ହୋଇଯାଉଁ । ଏହି ଅଡୁଆ ପରିସ୍ଥିତିକୁ କିପରି ଏଡ଼ାଇ ଦେଇ ପାରିବୁଁ ? ଆମେ କ'ଣ ଉଭୟ ଦଳଙ୍କୁ ଛାଡ଼ିଦେଇ ବାହାର କର୍ମୀଙ୍କ ସାହାଯ୍ୟରେ ସେଠାରେ କାମ କରିବା ? ଆମର ଅନୁଭୂତି ହୋଇଛି ଯେ ସେହି କ୍ଷେତ୍ରରେ କାର୍ଯ୍ୟ ଏକାବେଳେକେ ବାହାର ସାହାଯ୍ୟ ଉପରେ ନିର୍ଭର କରେ ଏବଂ ବାହାର ସାହାଯ୍ୟ ବନ୍ଦ୍ ହୋଇଗଲେ ସେଠାର କାର୍ଯ୍ୟ ଅଚଳ ଅବସ୍ଥାକୁ ଆସିଯାଏ । ସ୍ଥାନୀୟ ଉତ୍ସାହ ଓ ସ୍ଥାନୀୟ ସହଯୋଗ ଲାଭ ଓ ବିକାଶ ପାଇବା ପାଇଁ ଆମେ ତାହାହେଲେ କରିବୁଁ କ'ଣ ?

ଉତ୍ତର—ଭାରତର ଦୁର୍ଭାଗ୍ୟ ଯେ ଦଳ ଓ କନ୍ଦଳ ଗାଁମାନଙ୍କରେ ଦେଖିବାକୁ ମିଳେ ଏବଂ ଆମ ସହରମାନଙ୍କରେ ମଧ୍ୟ ଦେଖିବାକୁ ମିଳେ । ଏବେ ଯେତେବେଳେ କ୍ଷମତା-ରାଜନୀତି ଗାଁମାନଙ୍କରେ ପଶିଯାଏ ଏବଂ ଗ୍ରାମବାସୀଙ୍କ କଲ୍ୟାଣ ଅପେକ୍ଷା ନିଜ ନିଜ ଦଳର କ୍ଷମତା କିପରି ବୃଦ୍ଧି ପାଇବ, ସେ ଦିଗରେ ଲୋକେ ପ୍ରବୃତ୍ତ ହୁଅନ୍ତି, ସେତେବେଳେ ତାହା ଗ୍ରାମୋନ୍ନତିର ପଥରେ ସାହାଯ୍ୟ ପରିବର୍ତ୍ତେ ବାଧା ସୃଷ୍ଟି କରେ ।

ମୁଁ କହିବି ଯେ ଫଳ ଯାହା ହେଉ ପଛକେ, ଆମେ ଯଥାସମ୍ଭବ ସ୍ଥାନୀୟ ସାହାଯ୍ୟର ବ୍ୟବହାର କରିବା ଓ ଆମେ ନିଜେ ଯଦି କ୍ଷମତା-ରାଜନୀତିରୁ ମୁକ୍ତ ଥିବା ତାହା ହେଲେ ଖୁବ୍ ସମ୍ଭବ ଯେ ଆମର କିଛି ଅନିଷ୍ଟ ହେବ ନାହିଁ । ଆମକୁ ସ୍ମରଣ ରଖିବାକୁ ହେବ ଯେ ସହରରୁ ଆସିଥିବା ଇଂରାଜୀ ପଢ଼ୁଆ ସ୍ତ୍ରୀ-ପୁରୁଷମାନେ ଆମ ଦେଶର ମେରୁଦଣ୍ଡ ସ୍ୱରୂପ ଗ୍ରାମାଞ୍ଚଳଗୁଡ଼ିକୁ ଅନ୍ୟାୟ ଭାବରେ ଅବହେଳା କରିଛନ୍ତି । ଏହି ଅବହେଳାକୁ ପୂରଣ କରି କାମରେ ଲାଗିଲେ ତାହା ସ୍ୱାବଲମ୍ବନ ଦିଗରେ ସହାୟକ ହେବ । ମୁଁ ଗୋଟିଏ ହେଲେ ଗାଁକୁ ଯାଇ ନାହିଁ, ଯେଉଁଠାରେ ସାଧୁ ସଚ୍ଚୋଟ କର୍ମୀଙ୍କର ଅଭାବ ରହିଛି । କିନ୍ତୁ ଆମ ଗାଁରେ ଯେ ସାଧୁତା ଓ ସଚ୍ଚରିତ୍ରତା ରହିଛି, ଏକଥା ସ୍ୱୀକାର କରିବାର ନମ୍ରତା ଯଦି ଆମଠାରେ ନ ଥିବ, ତେବେ ଆମେ ସେ ସାଧୁତାକୁ ରକ୍ଷା କରିପାରିବୁ ନାହିଁ । ଏହା ନିଶ୍ଚିତ କଥା ଯେ ସ୍ଥାନୀୟ ଦଳଗତ ରାଜନୀତିରୁ ସମ୍ପୂର୍ଣ୍ଣରୂପେ ଅଲଗା ରହିବା ଏବଂ ସମସ୍ତଙ୍କଠାରୁ ଆମେ ଯଦି ସାହାଯ୍ୟ ଗ୍ରହଣ କରିବୁଁ ତେବେ

Digitized by srujanika@gmail.com

ଏହିପରି ଅଲଗା ରହିବା ଶିକ୍ଷା କରିବୁଁ । ଭଲଗୁଣ ଯାହାଙ୍କଠାରେ ଦେଖିବୁଁ, ସେହି ଗ୍ରାମବାସୀଙ୍କର ସାହାଯ୍ୟ ପ୍ରତ୍ୟାଖ୍ୟାନ କରିବାଟାକୁ ମୁଁ ସଫଳତାର ପରିପନ୍ଥୀ ବୋଲି ମନେକରିବି । ଏହି ଅସୁବିଧାଟାକୁ ମୁଁ ଜାଣିଥିଲି ବୋଲି, ମୁଁ ଏହି ନିୟମକୁ କଠୋର ଭାବରେ ପାଳନ କରିବାକୁ ଚେଷ୍ଟା କରିଛି । ଗୋଟିଏ ଗାଁରେ ଜଣେ କର୍ମୀ କାମ କରିବେ । କର୍ମୀ ଜଣକ ପୁରୁଷ ହେଉ ବା ସ୍ତ୍ରୀ ହେଉ ଯଦି ବଙ୍ଗଳା ଭାଷା ଜାଣି ନ ଥିବେ, ତାହା ହେଲେ ତାହାଙ୍କୁ ବଙ୍ଗଳା ଭାଷା ଜାଣିଥିବା ଜଣେ କର୍ମୀଙ୍କୁ ସାହାଯ୍ୟକାରୀ ଭାବରେ ଦିଆଯିବ । ମୁଁ କେବଳ ଏତିକି କହିପାରିବି ଯେ ଏହି ପ୍ରଥା ଏପର୍ଯ୍ୟନ୍ତ ଭଲରୂପେ ଫଳପ୍ରଦ ହୋଇଛି । ତେଣୁ ତୁମ୍ଭମାନଙ୍କର ଅଭିଜ୍ଞତାକୁ ମୁଁ ଗ୍ରହଣ କରୁନାହିଁ । ମୁଁ ପୁଣି ଏହା କହୁଛି, ଆମର ଏକ ମନ୍ଦ ଅଭ୍ୟାସ ହୋଇଛି ଯେ ଆମେ କିଛି ନ ଭାବି ନ ଚିନ୍ତି ହଠାତ୍ ଏକ ସିଦ୍ଧାନ୍ତରେ ପହଞ୍ଚି ଯାଉଁ । "ବାହାର ସାହାଯ୍ୟ ଉପରେ କାର୍ଯ୍ୟଟା ପୁରାପୁରି ନିର୍ଭର କରେ ଏବଂ ସେ ସାହାଯ୍ୟ ବନ୍ଦ ହୋଇଗଲେ କାର୍ଯ୍ୟଟା ଅଚଳ ହୋଇ-ଯାଏ"—ଏହି ଉକ୍ତିରୁ ସୂଚିତ ହେଉଥିବା ଅବିମିଶ୍ରିତ ନିନ୍ଦାବାଦ କରିବା ପୂର୍ବରୁ ମୁଁ ବରଂ ସାହସ କରି କହିପାରେ ଯେ ଗୋଟିଏ ଗାଁରେ ମାତ୍ର କେତୋଟି ବର୍ଷ ରହିବା ଏବଂ ସ୍ଥାନୀୟ କର୍ମୀଙ୍କ ଜରିଆରେ କାର୍ଯ୍ୟ କରିବା ପାଇଁ ଚେଷ୍ଟାର ଅନୁଭୂତିରୁ ନିର୍ଦ୍ଦିଷ୍ଟ ଭାବରେ ଏହା ପ୍ରମାଣ କରାଯାଇ ନ ପାରେ ଯେ ସ୍ଥାନୀୟ କର୍ମୀଙ୍କ ଦ୍ୱାରା ଏବଂ ସ୍ଥାନୀୟ କର୍ମୀଙ୍କ ଜରିଆରେ କାର୍ଯ୍ୟ କରାଯାଇ ପାରିବ ନାହିଁ । ଏହାର ବିପରୀତ କଥାଟା ପରିଷ୍କାର ଭାବରେ ସତ୍ୟ ଅଟେ । ପ୍ରଶ୍ନକର୍ତ୍ତାଙ୍କ ଶେଷ ବାକ୍ୟଟିକୁ ପୁଙ୍ଖାନୁପୁଙ୍ଖ ଭାବରେ ପରୀକ୍ଷା କରିବା ଏବେ ମୋ ପକ୍ଷେ ଅନାବଶ୍ୟକ ଅଟେ । ମୁଁ ସ୍ପଷ୍ଟ ଭାବରେ ଏହା ମୁଖ୍ୟ କର୍ମୀମାନଙ୍କୁ କହିପାରେଁ, "ତୁମକୁ ବାହାରୁ ଯଦି କିଛି ସାହାଯ୍ୟ ମିଳୁଥାଏ, ତାହାକୁ ଛାଡ଼ିଦିଅ । ଏକୁଟିଆ କାମ କର, ଯାହାକିଛି ସ୍ଥାନୀୟ ସାହାଯ୍ୟ ମିଳୁଛି, ତାହାକୁ ସମ୍ବଳ କରି ସାହସ ଓ ବୁଦ୍ଧିର ସହିତ କାର୍ଯ୍ୟ କର । ଯଦି କାର୍ଯ୍ୟରେ ସଫଳତା ଅର୍ଜନ ନ କର, ତେବେ କେବଳ ନିଜକୁ ଦୋଷ ଦିଅ ଅନ୍ୟ କାହାରିକୁ, ଅନ୍ୟ କୌଣସି କଥାକୁ ଦୋଷ ଦିଅ ନାହିଁ ।"

ହରିଜନ, ତା ୨-୩-୧୯୪୭

ଗ୍ରାମରେ ବେକାର ସମସ୍ୟାର ସମାଧାନ

("ଗ୍ରାମବାସୀଙ୍କ ପ୍ରତି ଆମର କର୍ତ୍ତବ୍ୟ" ଶିରୋନାମାରେ ପ୍ରଥମେ ବାହାରି ଥିଲା । ଇନ୍ଦୋରଠାରେ ଏକ ସାଧାରଣ ସଭାରେ ଗାନ୍ଧୀଜୀଙ୍କ ଅଭିଭାଷଣର ଏହା ସଂକ୍ଷିପ୍ତ ସାରାଂଶ ଅଟେ । ମହାଦେବ ଦେଶାଇଙ୍କ ଦ୍ୱାରା ଏହି ସାରାଂଶ ପ୍ରସ୍ତୁତ)

Digitized by srujanika@gmail.com

ଗ୍ରାମବାସୀମାନଙ୍କ ପ୍ରତି କର୍ତ୍ତବ୍ୟ

ଏଠାକୁ ଆସିଥିବା ବ୍ୟକ୍ତିଙ୍କ ମଧ୍ୟରୁ ବହୁସଂଖ୍ୟକ ଇନ୍ଦୋରର ଅଧିବାସୀ ଅଟନ୍ତି । ଗ୍ରାମାଞ୍ଚଳରୁ ମଧ୍ୟ ଲୋକେ ଏଠାକୁ ଆସିଛନ୍ତି । କିନ୍ତୁ ଅଧିକ ସଂଖ୍ୟକ ଇନ୍ଦୋର ସହରରୁ ଆସିଛନ୍ତି । ଆପଣମାନେ ପ୍ରଦର୍ଶନୀ ଅବଶ୍ୟ ଦେଖିଥିବେ । ଦୁର୍ଭାଗ୍ୟବଶତଃ ଅଧିକ ବର୍ଷା ପ୍ରଦର୍ଶନୀକୁ ନଷ୍ଟ କରିଦେଇଛି । ସହରବାସୀଙ୍କର ଗ୍ରାମବାସୀପ୍ରତି କର୍ତ୍ତବ୍ୟ କ'ଣ ତାହା ମନେ ପକାଇଦେବା ଉଦ୍ଦେଶ୍ୟରେ ଏ ପ୍ରଦର୍ଶନୀର ବ୍ୟବସ୍ଥା କରାଯାଇଥିଲା । ସେ କର୍ତ୍ତବ୍ୟ ଆମେ ଏହି କେତେବର୍ଷ ହେବ ଭୁଲିଯାଇଛୁ କିନ୍ତୁ ଏବେ ଆଉ ଭୁଲି ଗଲେ ଚଳିବ ନାହିଁ । ଆମେ ଜାଣି-ପାରୁନାହୁଁ ସିନା କିନ୍ତୁ ଏହା ଏକ ନଗ୍ନ ସତ୍ୟ ଯେ ଆମେ ବ୍ୟକ୍ତିଗତ ଭାବରେ ଏବଂ ଏକ ରାଷ୍ଟ୍ର ହିସାବରେ ଧୀରେ ଧୀରେ ନଷ୍ଟ ହେଉଅଛୁ । ଅନ୍ୟ ଉପରେ ସରକାର ରାଷ୍ଟ୍ର କମ୍ବା ଜମିଦାରଙ୍କ ଉପରେ ଦୋଷ ଲଦି ଦେଲେ କିଛି ଲାଭ ନାହିଁ । ଆମର ଦୁର୍ଦ୍ଦଶା ପାଇଁ ସେମାନେ ନିଶ୍ଚିତ ଭାବରେ ଦାୟୀ କିନ୍ତୁ ଆମେ ନିଜେ ଏଥିପାଇଁ କମ୍ ଦାୟୀ ନୋହୁଁ । ଏଣିକି ଭଲ ହେବ ଆମେ ଯଦି ନିଜ ଦାୟିତ୍ୱ ବିଷୟ ଭାବୁ ଆମର ହାରହାର ଜୀବନକାଳ (ଆୟୁ) କାହିଁକି ଏତେ ଦୁଃଖଦାୟକ ଭାବରେ ଊଣା ଏବଂ ଆମେ କାହିଁକି କ୍ରମଶଃ ଦରିଦ୍ରରୁ ଦରିଦ୍ରତର ହୋଇଯାଉଛୁ, ତାହାର କାରଣ ହେଉଛି ଆମେ ଆମର ସାତଲକ୍ଷ ଗ୍ରାମ [ଭାରତ-ବିଭାଜନ ପୂର୍ବ ଗ୍ରାମସଂଖ୍ୟା]କୁ ଅବହେଳା କରିଛୁଁ । ଗ୍ରାମ ବିଷୟରେ ଆମର ପ୍ରକୃତ ଚିନ୍ତା ହେଉଛି କିପରି ସେ ସବୁକୁ ଆମେ ଶୋଷଣ କରିବା । ଭାରତର ଅତୀତ ଗୌରବ ଏବଂ ସିଏ ମଧ୍ୟରେ ଭାରତ କିପରି ଉଜ୍ଜ୍ୱଳ ପଡ଼ୁଥିଲା—ଏହି ରୋମାଞ୍ଚକର ବିବରଣୀ ଆମେ ପଢ଼ୁଁ, କିନ୍ତୁ ଆଜି ଏହା କାଙ୍ଗାଳର ଦେଶ । ଆମେ ଏହି ମଞ୍ଚଉପରେ ଆଖିକୁ ଝଲସାଇ ଦେଉଥିବା ବିଦ୍ୟୁତ୍ ଆଲୁଅର ତଳେ ବସିଛୁଁ । କିନ୍ତୁ ଆମେ ଜାଣୁନାହୁଁ ଯେ ଗରିବ ଲୋକଙ୍କ ଖର୍ଚ୍ଚରେ ଆମେ ଆଲୁଅ ଜଳାଉଛୁଁ । ଏହି ଆଲୁଅ ସକାଶେ ଆମେ ସେମାନଙ୍କ-ଠାରେ ଋଣୀ ଏହା ଯଦି ଭୁଲିଯାଉଁ, ଆମର ସେ ଆଲୁଅ ବ୍ୟବହାର କରିବାର କୌଣସି ଅଧିକାର ନାହିଁ ।

ଯୋଡ଼ଏ ସଭ୍ୟତା

ପ୍ରାଚ୍ୟ ଦେଶର ସଭ୍ୟତା ବା ଭାରତର ସଭ୍ୟତା ଏବଂ ପାଶ୍ଚାତ୍ୟ ଦେଶର ସଭ୍ୟତା ମଧ୍ୟରେ ଏକ ବ୍ୟବଧାନ ରହିଛି, ଏ ବ୍ୟବଧାନ କେଉଁଥିରେ ରହିଛି, ତାହା ସାଧାରଣ ଭାବରେ ବୁଝାପଡ଼େ ନାହିଁ । ଆମର ଭୂଗୋଳ ପୃଥକ, ଆମର ଇତିହାସ ପୃଥକ୍, ଆମର ଚାଲିଚଳଣ ପୃଥକ । ଆମର ମହାଦେଶ ବିରାଟ ହେଲେ ସୁଦ୍ଧା, ପୃଥିବୀ ମାନଚିତ୍ରରେ ଏହା ଏକ ବିନ୍ଦୁ ମାତ୍ର । କିନ୍ତୁ ଏହାର

Digitized by srujanika@gmail.com

ଲୋକସଂଖ୍ୟା ଚୀନକୁ ଛାଡ଼ିଦେଲେ ସବୁଠାରୁ ଘଞ୍ଚ । ଏ'ଟା ବୁଝିବାକୁ ହେବ ଯେଉଁ ଦେଶର ଲୋକେ ଜମିଉପରେ ସବୁଠାରୁ ବେଶୀ ନିର୍ଭରଶୀଳ, ସେ ଦେଶର ଅର୍ଥନୀତି ଓ ସଭ୍ୟତା ଜମି ଉପରେ ସବୁଠାରୁ କମ୍ ନିର୍ଭରଶୀଳ ଦେଶର ଅର୍ଥନୀତି ଓ ସଭ୍ୟତା ଅପେକ୍ଷା ଭିନ୍ନ ଅଟେ ଓ ଭିନ୍ନ ହେବ ହିଁ ହେବ । ଅଳ୍ପ ଲୋକସଂଖ୍ୟା-ବିଶିଷ୍ଟ ଆମେରିକାର ଯନ୍ତ୍ର ଆବଶ୍ୟକ ହୋଇପାରେ, ଭାରତରେ ଏହାର ଆବଶ୍ୟକତା ଆଦୌ ନାହିଁ । କର୍ମହୀନ ଅଳସୁଆ ଲୋକଙ୍କର ସଂଖ୍ୟା ଯେଉଁଠାରେ ଲକ୍ଷ ଲକ୍ଷ, ସେଠାରେ ଶ୍ରମ ବଞ୍ଚାଇବାର ଉପାୟ ଉଦ୍ଭାବନ କରିବାରେ କିଛି ଲାଭ ନାହିଁ । ଯଦି କେହି ଜଣେ ଗୋଟିଏ ଯନ୍ତ୍ର ଉଦ୍ଭାବନ କରେ, ଯଦ୍ୱାରା ଖାଇବା ପାଇଁ ହାତ ବ୍ୟବହାର କରିବାର ଶ୍ରମରୁ ଆମେ ରକ୍ଷା-ପାଇଯିବୁ, ତେବେ ଖାଇବାରେ ଯେଉଁ ଆନନ୍ଦ ମିଳୁଛି, ତାହା ହରାଇବୁଁ । ଖାଇବା ଏକ କଷ୍ଟଦାୟକ ବିଷୟ ହେବ । ଆମ ଦାରିଦ୍ର୍ୟର କାରଣ ହେଉଛି ଆମ ଗ୍ରାମୋଦ୍ୟୋଗର ବିଲୋପ ଓ ତହିଁରୁ ଉପୁଜିଥିବା ଆମର କର୍ମହୀନ ଅବସ୍ଥା । କିଛି ବର୍ଷ ତଳେ ଭାରତର କୃଷି ନିର୍ଭରଶୀଳ ଲୋକଙ୍କ ସଂଖ୍ୟା ଶତକଡ଼ା ସତୁରି ଭାଗଥିଲା ବୋଲି କୁହାଯାଉଥିଲା, ଆଜି ଶତକଡ଼ା ନବେ ଭାଗ ହେଲାଣି ବୋଲି କୁହାଯାଉଛି । ଏହାର ଅର୍ଥ ନୁହେଁ ଯେ ଶତକଡ଼ା ନବେ ଭାଗ କୃଷୀ ହୋଇ-ଗଲେଣି । କିନ୍ତୁ ଏହାର ଅର୍ଥ ହେଉଛି ଆଗେ ଶତକଡ଼ା ସତୁରି ଭାଗ ଲୋକେ ଜମି ଉପରେ ନିର୍ଭର କରୁଥିଲେ ଏବଂ ଏବେ ନବେ ଭାଗ ଲୋକେ କୃଷି ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି । ଅନ୍ୟ ଭାଷାରେ କହିବାକୁ ଗଲେ, କିଛି ବର୍ଷ ତଳେ ନାନା ଉଦ୍ୟୋଗ ଓ ଧନ୍ଦା ଶତକଡ଼ା ତିରିଶ ଭାଗ ଲୋକଙ୍କୁ ଖାଇବାପାଇଁ ଖାଦ୍ୟ ଦେଉଥିଲାବେଳେ ଏବେ ସେଗୁଡ଼ିକ ଆଉ ନାହିଁ, ଏବଂ ଲୋକେ ବାଧ୍ୟ ହୋଇ କ୍ଷେତ ଉପରେ ନିର୍ଭର କଲେଣି । କିନ୍ତୁ ଯେହେତୁ ସମସ୍ତଙ୍କ ପାଇଁ ଜମି ନାହିଁ, କେତେକ କିଛି ବୃତ୍ତି ନ ପାଇ ସତେ ଯେପରି କି ଚୋରି କରି ବଞ୍ଚିଛନ୍ତି; ଅଥଚ ଚୋରିକରି ବଞ୍ଚିବା ତାଙ୍କ ଇଚ୍ଛା ନୁହେଁ ।

ଆମର ୩୫ କୋଟି ଲୋକଙ୍କୁ ଖାଦ୍ୟ ଯୋଗାଇବା ପାଇଁ ଯଥେଷ୍ଟ ଜମି ଯେ ନାହିଁ, ତାହା ନୁହେଁ । ଭାରତର ଲୋକ ସଂଖ୍ୟା ଅତ୍ୟଧିକ ହୋଇଗଲାଣି ଏବଂ ବଳକା ଲୋକେ ମରିଯିବା ଆବଶ୍ୟକ—ଏହା ଏକ ଅଦ୍ଭୁତ କଥା । ମୁଁ ଏ ବିଷୟରେ ନିଶ୍ଚିତ ଯେ, ଯେତେ ଜମି ଆମର ଅଛି, ସେଗୁଡ଼ିକ ଉପଯୁକ୍ତ ଭାବରେ ଚାଷ ହେଲେ ଓ ସେ ଜମିରୁ ଯେତେ ପୂରା ମାତ୍ରାରେ ଉତ୍ପନ୍ନ ହେବାର କଥା ସେତେ ଉତ୍ପନ୍ନ ହେଲେ, ଆମର ସମସ୍ତ ଲୋକସଂଖ୍ୟା ନିଶ୍ଚିତ ଭାବରେ ସେଥିରୁ ଚଳିଯିବେ । କେବଳ ଆମକୁ କଠିନ ଶ୍ରମ କରିବାକୁ ହେବ ଏବଂ ଆଜି ଯେଉଁଠି ଗୋଟିଏ କେଣ୍ଡା ଶସ୍ୟ ହେଉଛି, ସେଠାରେ ଦୁଇ କେଣ୍ଡା ଉତ୍ପାଦନ କରିବାକୁ ହେବ ।

ହରିଜନ, ୧୧-୫-୧୯୩୫

Digitized by srujanika@gmail.com

ଗ୍ରାମୋଦ୍ୟୋଗ ଆନ୍ଦୋଳନ

ଗ୍ରାମ ପୁନର୍ଗଠନ କାର୍ଯ୍ୟ

(ମହାଦେବ ଦେସାଇଙ୍କ ଦ୍ୱାରା)

କଲିକତାଠାରେ ୟଙ୍ଗ୍ ମ୍ୟାନ୍ସ ଖ୍ରୀଷ୍ଟିୟାନ ଏସୋସିଏସନର କଲେଜ ଶାଖାର ଏକ ବୈଠକରେ ଗାନ୍ଧୀଜୀଙ୍କୁ ଗତ ମାସରେ ଗୋଟିଏ ବିଷୟରେ କହି-ବାକୁ ଅନୁରୋଧ କରାଗଲା—ସେ ବିଷୟରେ ସେ ଆଗରୁ କିଛି ଭାବି ନ ଥିଲେ । ପରିଷ୍କାର ଭାବରେ ଗୋଟିଏ ଭୁଲ ବୁଝାମଣା ହୋଇଗଲା । ତାଙ୍କର ଧାରଣା ଥିଲା ସେ ଗ୍ରାମସଙ୍ଗଠନ ବିଷୟରେ କହିବେ । କିନ୍ତୁ "ବ୍ୟକ୍ତିତ୍ୱର ମୂଲ୍ୟ ଏବଂ ସମ୍ଭାବନା" ବିଷୟରେ କହିବାକୁ ତାଙ୍କୁ ଅନୁରୋଧ କରାଗଲା । ବିଷୟଟି ତାଙ୍କୁ ଟିକିଏ ଅଡୁଆ ଲାଗିଲା । କିନ୍ତୁ ସେ ଗୋଟିଏ ସମାଧାନରେ ପହଞ୍ଚିଗଲେ ଏବଂ ସେହି ସନ୍ଧ୍ୟାରେ ନିର୍ଦ୍ଧାରିତ ବିଷୟରେ ସେ କହିଲେ ଏବଂ ପ୍ରସଙ୍ଗ କ୍ରମେ ଗ୍ରାମ ସଙ୍ଗଠନ ସମ୍ପର୍କରେ ମଧ୍ୟ କିଛି ସୂଚନା ଦେଲେ । ବ୍ୟକ୍ତିତ୍ୱର ଅର୍ଥ ଯଦି ଚରିତ୍ର ହୁଏ, ତାହାହେଲେ ଯେ କୌଣସି ବ୍ୟକ୍ତିଙ୍କ ଚରିତ୍ରର ମୂଲ୍ୟ ବିଷୟରେ ଭାଷଣ ଦେବା ପାଇଁ ବୁଝାଯାଇପାରେ । (ବ୍ୟକ୍ତିତ୍ୱର ଅର୍ଥ ଯେ ଚରିତ୍ର, ଏଥିରେ ଗାନ୍ଧୀଜୀଙ୍କର ଆଦୌ ସନ୍ଦେହ ନ ଥିଲା ।) ଭର୍ତ୍ତୃହରି ଯେ କି ଏକାଧାରରେ ଜଣେ ଦାର୍ଶନିକ, ରାଜା ଓ କବି ଥିଲେ, ସେ ଚରିତ୍ରର ପ୍ରଭାବ ସମ୍ବନ୍ଧେ ସଂକ୍ଷେପରେ କହିଥିଲେ, "ସତ୍ସଙ୍ଗ ଜଣେ ବ୍ୟକ୍ତିର କ'ଣ କରି ନ ପାରେ ?"

ଚରିତ୍ର ପ୍ରତ୍ୟେକଙ୍କ ନିଜ ଜୀବନରେ ପ୍ରତିଫଳିତ ହେବା ଉଚିତ । ଅନ୍ୟ କିଛି ଅପେକ୍ଷା ସାଧାରଣ ଜୀବନର ନିର୍ମଳତାକୁ ସେ ଅଧିକ ଶ୍ରେୟସ୍କର ମନେ କରନ୍ତି ଏବଂ କହିବାକୁ ବୁଝାନ୍ତି ଯେ ଯେଉଁ ରାଷ୍ଟ୍ର ସାଧାରଣ ଜୀବନର ନିର୍ମଳତାକୁ ଅବଜ୍ଞା କରେ ସେ ରାଷ୍ଟ୍ର ନିଶ୍ଚିତ ଭାବରେ ନରକଗାମୀ ହେବ । ଗ୍ରାମ ସଙ୍ଗଠନ ଏକ ସରଳ ଶବ୍ଦ, କିନ୍ତୁ, ଏହାର ଅର୍ଥ ହେଉଛି ସମଗ୍ର ଭାରତର ସଙ୍ଗଠନ, ଯେହେତୁ ଭାରତ ପ୍ରଧାନତଃ ଏକ ଗ୍ରାମାଞ୍ଚଳ ଦେଶ । ଗ୍ରାମ ସମ୍ପ୍ରଦାୟ ସମ୍ବନ୍ଧରେ ସାର୍ ହେନ୍‌ରି ମ୍ୟାନ୍ ଏକ ପୁସ୍ତକ ଲେଖି ରଖିଛନ୍ତି । ପୁସ୍ତକଟି ପ୍ରତ୍ୟେକ ବ୍ୟକ୍ତିଙ୍କ ପକ୍ଷେ ଏକ ମୂଲ୍ୟବାନ୍ ଜିନିଷ । ସେ ଭାରତବାସୀଙ୍କୁ ଓ ବିଶ୍ୱବାସୀଙ୍କୁ ଦେଖାଇ ଦେଇଛନ୍ତି ଯେ ପାଞ୍ଚ ହଜାର ବର୍ଷ ପୂର୍ବେ ଭାରତର ଗ୍ରାମ୍ୟ ଜୀବନ ଯାହା ଥିଲା, ଆଜି ତାହା ହିଁ ରହିଛି । ସେଥିରୁ ଜଣାଯାଇ ନାହିଁ ଯେ ଗ୍ରାମବାସୀ-ମାନେ ଅସଭ୍ୟ ଥିଲେ । ପକ୍ଷାନ୍ତରେ, ଲେଖକ ପରିଷ୍କାର ଭାବରେ ଉଲ୍ଲେଖ

Digitized by srujanika@gmail.com

କରିଛନ୍ତି ଯେ ଭାରତୀୟ ଗ୍ରାମ୍ୟ ଜୀବନର ଏତେ ଅଧିକ ଜୀବନୀଶକ୍ତି ଓ ଚରିତ୍ରବଳ ଥିଲା, ଯାହାଯୋଗୁଁ ତାହାର ସ୍ୱାତନ୍ତ୍ର୍ୟ ଏତେ ଦୀର୍ଘକାଳ ବଜାୟ ରହିଛି ଓ ବହୁ ଝଡ଼ ଝଞ୍ଜା ଅତିକ୍ରମ କରିଛି । ଏହି ଗ୍ରାମଗୁଡ଼ିକୁ ସେ କେତେଗୁଡ଼ିଏ ପୂର୍ଣ୍ଣପୂର ସ୍ୱାଶ୍ରୟୀ ଗଣତାନ୍ତ୍ରିକ ଗ୍ରାମ ହିସାବରେ ବର୍ଣ୍ଣନା କରିଅଛନ୍ତି । ଯାହାକିଛି ଲୋଡ଼ା, ତାହା ସମସ୍ତ ଏ ଗ୍ରାମରେ ଥିଲା—ଯଥା ସ୍କୁଲ, ପଞ୍ଚାୟତ ଓ ସ୍ୱାସ୍ଥ୍ୟରକ୍ଷା ସଂସ୍ଥା । ଗରିବଲୋକଙ୍କ ପାଇଁ ସ୍ୱତନ୍ତ୍ର ଆଇନ ବ୍ୟବସ୍ଥା ନ ଥିଲା । କିନ୍ତୁ ଗରିବଲୋକଙ୍କ ପ୍ରତି ପୋଷଣାର୍ଥେ ଯଥେଷ୍ଟ ଖାଦ୍ୟଶସ୍ୟ ଥିଲା ।

ସେ ଆହୁରି ମଧ୍ୟ ଦେଖାଇ ଦେଇଛନ୍ତି ଯେ ଭାରତୀୟ ଗ୍ରାମୀଣଙ୍କ ପ୍ରତିଭା ଓ କଳା କି ଉଚ୍ଚକୋଟୀର ଥିଲା ଏବଂ କି ମୂଲ୍ୟବାନ୍ ଜିନିଷ ସେ ତିଆରି କରୁଥିଲେ । ସେତେବେଳେ ଗ୍ରାମବାସୀ ନିଜ ପିତାମାତାଙ୍କ ମୁହଁର କଥାରୁ ଆବଶ୍ୟକ ଜ୍ଞାନ ଆହରଣ କରୁଥିଲେ । ଲୋକଙ୍କ ସହିତ ଦୈନିକ ସମ୍ପର୍କ ଫଳରେ ସେ ବ୍ୟକ୍ତିତ୍ୱର ମୂଲ୍ୟ ଓ ପ୍ରଭାବ ବୁଝିବାକୁ ସମର୍ଥ ହେଉଥିଲେ । ତା'ର ଆଖିରେ ଗ୍ରାମର ଯେ ମୁଖ୍ୟ ବା ମୁଣ୍ଡିଆଳ ତାହାର ବ୍ୟକ୍ତିତ୍ୱ ପରିସ୍ଫୁଟ ଥିଲା । ଆଜି ଗାଁ'ର ମୁଣ୍ଡିଆଳ ଯେଉଁଳି ଜଣେ ଠକ ବା ଅବାଞ୍ଛିତ ଲୋକ, ଆଗେ ତାହା ନ ଥିଲା । ସେ ଲୋକଙ୍କର ସଚ୍ଚା ସେବକ ଥିଲା ଓ ଲୋକେ ନିଜର ଦୁଃଖ, କଷ୍ଟ ଓ ଅସୁବିଧା ତାକୁ ଜଣାଇ ପ୍ରତିକାର ପାଉଥିଲେ । ଗାଁର ମୁଖ୍ୟ ବ୍ୟକ୍ତିଙ୍କୁ ଗ୍ରାମର ପ୍ରତ୍ୟେକ ଶିଶୁ ଜାଣୁଥିଲେ ଏବଂ ଭଲପାଉଥିଲେ । ସେ ଜଣେ ଅତି ସାଧୁ ସନ୍ଥ ବ୍ୟକ୍ତି ଥିଲେ ଏବଂ ଭଦ୍ର ଥିଲେ । ବକ୍ତା (ଗାନ୍ଧୀଜୀ) ଏକ ଦୀର୍ଘ ନିଶ୍ୱାସ ପକାଇ ପଚାରିଲେ, "ଏ ରାଜ୍ୟ ଉପରେ କି ଦୁର୍ଯୋଗ ଆସିଲା ଯେ ଆଜି ଗ୍ରାମରେ ଏ ସବୁ ଭଲ କଥା କୁହାପି ଦେଖାଯାଉ ନାହିଁ ଏବଂ କେତେ ଶହ ବର୍ଷ ପୂର୍ବର ଏହିସବୁ ବିଷୟରେ ସ୍ୱୟଂ ନିର୍ଭରଶୀଳ ଗ୍ରାମ ସ୍ଥାନରେ ଆମେ ଆଜି ଏପରି ଗାଁ ଦେଖୁଛୁ ଯାହା ନିଜର ଅତ୍ୟାବଶ୍ୟକୀୟ ସାମଗ୍ରୀ ପାଇଁ ଲଙ୍କାଶାୟାର୍ ଏବଂ ଜାପାନ ଉପରେ ନିର୍ଭର କରୁଛି ? ସମସ୍ତ ଗ୍ରାମ୍ୟଜୀବନ ଭାଙ୍ଗି ଯାଇଛି ମେଲେରିଆ, କ୍ରିମି ଓ ଅନ୍ୟାନ୍ୟ ରୋଗରେ ଲକ୍ଷ ଲକ୍ଷ ସଂଖ୍ୟାରେ ଲୋକ ମରୁଛନ୍ତି ଏବଂ ଏହି ସବୁ ରୋଗ ଅପରିଷ୍କାର ଅପରିଚ୍ଛନ୍ନତା, ଘୋର ଦାରିଦ୍ର୍ୟ ଓ ଆଳସ୍ୟ ଯୋଗୁଁ ଘଟୁଛି । ଏହି ଅଧଃପତନ ଓ ଗଣ୍ଡଗୋଳ କେଉଁ କାରଣରୁ ଘଟିଲା ? ଇଷ୍ଟ ଇଣ୍ଡିଆ କମ୍ପାନୀର କାଗଜପତ୍ର ଖୋଜି ଦେଖିଲେ ଜଣାଯିବ କି ନିର୍ମମ ଉପାୟରେ ପୂର୍ବକାଳର ଗ୍ରାମଜୀବନ ସବୁ ନଷ୍ଟ କରି ଦିଆଯାଇଛି । ଇଷ୍ଟ ଇଣ୍ଡିଆ କମ୍ପାନୀରେ ଯେଉଁମାନେ ଚାକିରି କରିଥିଲେ ସେମାନେ ଏପରି ସ୍ପଷ୍ଟ ଭାବରେ ଲେଖା କାଗଜପତ୍ର ରଖି ଦେଇ ଯାଇଛନ୍ତି, ଯେଉଁଥିରୁ କେତେ ଦୂର ଅନ୍ୟାୟ ଲାଞ୍ଛିତ ଓ ଦୁର୍ନୀତି ସେ ସମୟରେ ପ୍ରୟୋଗ କରାଯାଉଥିଲା, ଓ କି ନିର୍ମମ ଭାବରେ ଭାରତର ଧନ୍ଦା ଓ

Digitized by srujanika@gmail.com

ହସ୍ତଶିଳ୍ପଗୁଡ଼ିକୁ ନଷ୍ଟ କରିଦିଆଗଲା, ତାହା ଜଣାଯିବ । ଦୁର୍ଭିକ୍ଷ ଓ ବନ୍ୟାବିପତ୍ତି ଘଟିଲେ ଗ୍ରାମବାସୀମାନେ ଏକାବେଳେକେ ଅସହାୟ ହୋଇ ପଡ଼ୁଥିଲେ । ବନ୍ୟା ବୃଷ୍ଟି ଘଟିଲେ କାହିଁକି ଗ୍ରାମ ସହାୟଶୂନ୍ୟ ହେବ ଓ ଶିଳ୍ପ ଉପରେ ନିର୍ଭର କରିବାକୁ ବାଧ୍ୟ ହେବ ? ଦକ୍ଷିଣ ଆଫ୍ରିକାରେ ବନ୍ୟାର ଫଳ ବକ୍ତା (ଗାନ୍ଧୀଜୀ) ଜାଣନ୍ତି । ସେଠାରେ ରିଲିଫ୍‌ର ଆବଶ୍ୟକତା ନ ଥିଲା । ସର୍କାର ତରଫରୁ ଲୋକଙ୍କୁ ଖୁଆଇବାର ବ୍ୟବସ୍ଥା ନଥିଲା । ସେମାନଙ୍କର କୁଟୀରଶିଳ୍ପ ଥିଲା । ସେମାନେ ଶ୍ରମ କରୁଥିଲେ । ସେମାନଙ୍କର କିଛି ସଞ୍ଚିତ ଧନଥିଲା, ଯାହା ଉପରେ ସେମାନେ ଆପଦ ବିପଦ୍ ବେଳେ ନିର୍ଭର କରୁଥିଲେ । ଏଠାରେ କୃଷି ଛଡ଼ା ଆଉ କିଛି ଧନ୍ଦା ନାହିଁ, କାମ ନାହିଁ, ସଞ୍ଚିତ ଧନ ନାହିଁ । ବର୍ଷର ଚାରିମାସ ଏପରିକି ବଙ୍ଗଦେଶର ଗାଁମାନଙ୍କରେ ବର୍ଷକୁ ଛ ମାସ ଲୋକେ ବେକାର ରହନ୍ତି । ଗ୍ରାମ ସଙ୍ଗଠକଙ୍କ ସାମନାରେ ଏହା ହିଁ ହେଉଛି ସମସ୍ୟା ଏବଂ ଏହି ସମସ୍ୟା ସମାଧାନରେ, ବକ୍ତା (ଗାନ୍ଧୀଜୀ) କହିଲେ ଯେ ବ୍ୟକ୍ତିତ୍ୱର ପ୍ରଭାବ ଏପରି ହେବା ଉଚିତ, ଯାହା କି ଲୋକେ ଅନୁଭବ କରିବେ । ବକ୍ତା ଉପସଂହାରରେ କହିଲେ, ମୁଁ କହୁଛି—ଚରିତ୍ରବଳକୁ ନେଇ ଗାଁକୁ ଯାଆନ୍ତୁ ଏବଂ କୌଣସି ସେବାମୂଳକ ବା ଅନୁକମ୍ପାର କାର୍ଯ୍ୟ ଜରିଆରେ ତାହା ପ୍ରକାଶ କରନ୍ତୁ । ଲୋକେ ଆପଣାଛାଏଁ ବୁଝିବେ ଓ ଆଗଭର ହୋଇ କାର୍ଯ୍ୟ କରିବେ । ଯଦି ଚରିତ୍ରବାନ କେହି ଯୁବକ ସାହାସ ସହକାରେ ଗ୍ରାମାଞ୍ଚଳକୁ ଯାନ୍ତି, ତେବେ ଲୋକେ ତାଙ୍କର ଅନୁଗାମୀ ହେବେ । କିନ୍ତୁ ସେ ଯୁବକଙ୍କୁ ଧୈର୍ଯ୍ୟବାନ୍ ଓ ସତ୍ୟନିଷ୍ଠ ହେବାକୁ ପଡ଼ିବ । ଯାହାଙ୍କର ଧୈର୍ଯ୍ୟ ନାହିଁ, ସତ୍ୟନିଷ୍ଠା ନାହିଁ, ଭଦ୍ରତା ନାହିଁ ଏବଂ ନମ୍ରତା ନାହିଁ, ତାଙ୍କର ଚରିତ୍ର ନାହିଁ । ସେ ଗ୍ରାମଗୁଡ଼ିକର ପୃଷ୍ଠପୋଷକତା କରିବା ପାଇଁ ସେଠାକୁ ଯିବେ ନାହିଁ । ସେ ଅତି ନମ୍ର ଭାବରେ ହାତରେ ଝାଡ଼ୁ ନେଇ ଯିବେ । ତାଙ୍କୁ ଅପରିଚ୍ଛନ୍ନତା, ଦାରିଦ୍ର୍ୟ ଏବଂ ଆଳସ୍ୟ ଏହି ତିନି ଦୋଷର ସମାହାରର ସମ୍ମୁଖୀନ ହେବାକୁ ପଡ଼ିବ ଏବଂ ଝାଡ଼ୁ, କୁଇନାଇନ ଓ କଡ଼ାତେଲ ଦ୍ୱାରା ଏବଂ ମୋତେ ଯଦି ବିଶ୍ୱାସ କରୁଛନ୍ତି, ତେବେ ଅରଟ ଦ୍ୱାରା ଏବଂ ତିନି ଦୋଷ ସଙ୍ଗେ ଲଢ଼େଇ କରିବାକୁ ହେବ । କିନ୍ତୁ ଚରିତ୍ରବଳ ଏସବୁ କିଛି କାମରେ ଆସିବ ନାହିଁ ଆପଣଙ୍କର ଦଣ୍ଡପଣିଆରୁ ତଳକୁ ଖସି ଆସିବାକୁ ହେବ । ବିଜୟୀ ହେବାକୁ ହେଲେ ଆପଣଙ୍କୁ ନଇଁବାକୁ ହେବ ଏବଂ ନିଜେ ମେଲେରିଆ ଦ୍ୱାରା ଆକ୍ରାନ୍ତ ହେବାର ବିପଦକୁ ମୁଣ୍ଡେଇ ଯିବାକୁ ହେବ । ନିଜର ଆତ୍ମା ଯେଉଁ ସନ୍ତୋଷ ଇଚ୍ଛା କରିବ, ତାହା ଏହି କାର୍ଯ୍ୟରୁ ମିଳିବ । ଏହା ଗ୍ରାମୀଣ ଲୋକଙ୍କର ଓ ଆପଣଙ୍କର ଜୀବନକୁ ରୁଚିମୟ କରିବ ।

ୟଙ୍ଗ୍ ଇଣ୍ଡିଆ, ତା ୧୬-୯-୧୯୨୫

Digitized by srujanika@gmail.com

ଗ୍ରାମ ଶିଳ୍ପ

ଗ୍ରାମ୍ୟ ଶିଳ୍ପ ସମ୍ବନ୍ଧୀୟ କଂଗ୍ରେସ ପ୍ରସ୍ତାବର କର୍ତ୍ତା ହିସାବରେ ଓ ସେହି ଶିଳ୍ପଗୁଡ଼ିକର ବିକାଶ ଉଦ୍ଦେଶ୍ୟରେ ଯେଉଁ ସଙ୍ଘ ଗଠିତ ହେଉଛି ତାହାର ମାର୍ଗ ଦର୍ଶକ ହିସାବରେ ମୋର ଉଚିତ ହେଉଛି ଯେ ଏହି ଶିଳ୍ପ ସମ୍ବନ୍ଧେ ଯେଉଁ ଚିନ୍ତାଧାରା ମୋ ମନରେ ପ୍ରବଳ ହୋଇ ଉଠିଛି ଏବଂ ସେହି ଚିନ୍ତାଧାରା ସହିତ ଯେଉଁ ନୈତିକ ଓ ସ୍ୱାସ୍ଥ୍ୟଗତ ବିକାଶ ଆଂଶିକତା ଭାବେ ଜଡ଼ିତ, ତାହା ଯଥାସମ୍ଭବ ରୂପେ ସର୍ବସାଧାରଣଙ୍କ ସମ୍ମୁଖରେ ଉପସ୍ଥାପିତ କରିବି ।

ମାଲବାରରେ ହରିଜନ ଯାତ୍ରା କାର୍ଯ୍ୟକ୍ରମ ଆରମ୍ଭକଲା ବେଳୁ ହିଁ ଏହିପରି ଏକ ଏସୋସିଏସନ୍ ବା ସଂସ୍ଥା ଗଠନ କରିବାର ଭାବନା ମୋ ମନରେ ଏକ ନିର୍ଦ୍ଦିଷ୍ଟ ରୂପରେଖ ନେଇଥିଲା । ଜଣେ ହରିଜନ କର୍ମୀଙ୍କ ସହିତ ହୋଇଥିବା କଥାବାର୍ତ୍ତା ଫଳରେ ମୋତେ ଦେଖାଗଲା ଏପରି ଏକ ସଂସ୍ଥା ଗଢ଼ିବାର ଯଥେଷ୍ଟ ଆବଶ୍ୟକତା ରହିଛି । ଏହି ସଂସ୍ଥା ସହରବାସୀଙ୍କ ଦ୍ୱାରା ଗାଁ ଗହଳରୁ ଯେଉଁ ସୁଖ, ସ୍ୱାଚ୍ଛନ୍ଦ୍ୟ ନିର୍ମମ ଓ ଚିନ୍ତାହୀନ ଭାବରେ ଛଡ଼ାଇ ନିଆଯାଇଛି ସେଗୁଡ଼ିକୁ ପୁଣି ଗାଁକୁ ଫେରାଇ ଦେବାର ପ୍ରୟାସ କରିବେ । ଗ୍ରାମବାସୀଙ୍କ ମଧ୍ୟରେ ହରିଜନମାନେ ହିଁ ସବୁଠାରୁ ବେଶି ଦୁଃଖଦୁର୍ଦ୍ଦଶା ଭୋଗୁଛନ୍ତି । ଗ୍ରାମବାସୀଙ୍କ ଦ୍ୱାରା ସାଧାରଣ ଭାବରେ ଯେଉଁସବୁ ଧନ୍ଦା ଅବଲମ୍ବନ କରିବାର ଅବକାଶ ରହିଛି ସେଗୁଡ଼ିକ ମଧ୍ୟରୁ ହରିଜନମାନେ ଯେଉଁ ଧନ୍ଦା କରିବେ ତାହାର ସଂଖ୍ୟା ଅତି ସୀମିତ ମାତ୍ର । ହରିଜନମାନଙ୍କ ହାତରୁ ଏହିସବୁ ଧନ୍ଦା ଚାଲିଗଲା ପରେ ସେମାନେ ଭାରବାହୀ ପଶୁବତ୍ ପାଲଟି ଯାଆନ୍ତି ।

ସାଧାରଣ ଭାବରେ ଗ୍ରାମବାସୀଙ୍କ ଅବସ୍ଥା ଆଜ ଖୁବ୍ ଭଲ ନୁହେଁ । ଭୂଇଁଆଁ ମୋଡ଼ ଯଥା ତଥା ଚଳିବା ଅବସ୍ଥାକୁ କ୍ରମେ କ୍ରମେ ସେମାନେ ଆସି ଯାଇଛନ୍ତି । ଆଜ ଭାରତରେ ଜମି ଗ୍ରେଟ ଗ୍ରେଟ ଓ ଅବାଗିଆ ଖଣ୍ଡରେ ବିଭକ୍ତ ହୋଇଯିବା ଫଳରେ କୃଷି ଯେ ଆଦୌ ଲାଭପ୍ରଦ ନୁହେଁ, ଏହା ଖୁବ୍ କମ୍ ଲୋକ ଜାଣନ୍ତି । ଗ୍ରାମବାସୀମାନେ ଏକ ନିର୍ଜୀବ ଜୀବନଯାପନ କରୁଛନ୍ତି । ସେମାନଙ୍କ ଜୀବନ ଧୀର ମନ୍ଥର ଅନାହାର ଦ୍ୱାରା ମୃତ୍ୟୁର ଏକ ପ୍ରକ୍ରିୟା ମାତ୍ର । ସେମାନେ ଋଣଗ୍ରସ୍ତ । ମହାଜନ ଧାରିଦିଏ, କାରଣ, ତାହାଛଡ଼ା ତାହାର ଅନ୍ୟ ଗତି ନାହିଁ । ଧାର ନ ଦେଲେ ତାହାର ବୃତ୍ତିକ ବୁଡ଼ିଯିବ । ଏହି ଋଣ ଶୁଝିବାର ଏତେ ଉତ୍କଟ ଯେ ଏ ସମ୍ପର୍କରେ ଅନୁସନ୍ଧାନ ମଧ୍ୟ କରିହେବ ନାହିଁ । ପୁଙ୍ଖାନୁପୁଙ୍ଖ ତଦନ୍ତ ସତ୍ତ୍ୱେ ଏହି ଋଣ ପଦ୍ଧତି ସମ୍ବନ୍ଧେ ଆମର ଜ୍ଞାନ କେବଳ ଉପର ଠାଉରିଆ ।

Digitized by srujanika@gmail.com

ଗ୍ରାମଧନ୍ଦାର ବିଲୋପ ଫଳରେ ଭାରତର ସାତଲକ୍ଷ ଗ୍ରାମର ବିଲୋପ ସାଧନ ସମ୍ପୂର୍ଣ୍ଣ ହୋଇଯିବ ।

ମୁଁ ଯେଉଁ ପ୍ରସ୍ତାବର ଉଲ୍ଲେଖ କରିଛି, ତାହାର ସମାଲୋଚନା ଦୈନିକ-ପତ୍ର ପତ୍ରିକାରେ ପଢ଼ିଛି । ମୋତେ ପରାମର୍ଶ ଦିଆଯାଇଛି ଯେ ମଣିଷର ଉର୍ବର ମସ୍ତିଷ୍କ ଯେଉଁ ପ୍ରାକୃତିକ ଶକ୍ତିଗୁଡ଼ିକୁ ଆୟତ୍ତ କରିଅଛି, ସେହି ଶକ୍ତିର ବିନିଯୋଗରେ ମୁକ୍ତିପଥ ମୁଁ ଲୋଡ଼ିବି । ସମାଲୋଚକମାନେ କହୁଛନ୍ତି ଯେ ଉନ୍ନତ ପଥଗାମୀ ପାଶ୍ଚାତ୍ୟ ଦେଶମାନଙ୍କରେ ପାଣି, ପବନ, ତେଲ ଓ ବିଦ୍ୟୁତ ଶକ୍ତିର ଯେପରି ବିନିଯୋଗ କରାଯାଉଛି, ଭାରତରେ ସେଗୁଡ଼ିକର ପୂର୍ଣ୍ଣ ବିନିଯୋଗ ସେହିପରି ଆବଶ୍ୟକ । ସେମାନେ କହନ୍ତି ପ୍ରକୃତିର ଏହି ସୁପ୍ତ ଶକ୍ତିର ପ୍ରୟୋଗ ଫଳରେ ପ୍ରତ୍ୟେକ ଆମେରିକାବାସୀ ତେତିଶ ଜଣ କ୍ରୀତଦାସ ରଖିବାକୁ ସମର୍ଥ ହୋଇଅଛନ୍ତି ।

ଏ ପଦ୍ଧତିକୁ ଭାରତରେ ଦୋହରାଇଲେ ମୁଁ ସ୍ପଷ୍ଟ ଭାବରେ କହିବାକୁ ଚାହେଁ ପ୍ରତ୍ୟେକ ଭାରତୀୟଙ୍କୁ ୩୩ ଜଣ କ୍ରୀତଦାସ ମିଳିବା ପରିବର୍ତ୍ତେ ପ୍ରତ୍ୟେକେ ୩୩ ଗୁଣ କ୍ରୀତଦାସ ପାଲଟି ଯିବେ ।

ଯେଉଁ କାର୍ଯ୍ୟ କରିବାପାଇଁ ହାତ ସଂଖ୍ୟା ଖୁବ୍ କମ୍ ଅଛି, ସେ କ୍ଷେତ୍ରରେ ଯନ୍ତ୍ର ପ୍ରୟୋଗ ଶ୍ରେୟସ୍କର ଅଟେ । ଭାରତରେ ଗୋଟିଏ କାର୍ଯ୍ୟ କରିବାପାଇଁ ଯେତିକି ହାତ ଲୋଡ଼ା ତାହା ଅପେକ୍ଷା ଅଧିକ ହାତଥିବାରୁ ଏଠାରେ ଯନ୍ତ୍ର ନିର୍ଭରତା ଏକ ଅନ୍ୟାୟ । ଅଳ୍ପ କେତେ ବର୍ଗଗଜ ଜମିକୁ ଚଷିବାପାଇଁ ହଳ ଲଗାଯାଇ ପାରିବ ନାହିଁ । ଆମ ଗାଁ ଗହଳରେ ଯେଉଁ ଲକ୍ଷ ଲକ୍ଷ ଲୋକ ରହିଛନ୍ତି ସେମାନଙ୍କ ପାଇଁ ବିଶ୍ରାମ ବ୍ୟବସ୍ଥା କରିବା ଆମର ସମସ୍ୟା ନୁହେଁ । ଏଠାରେ ସମସ୍ୟା ହେଉଛି ସେମାନଙ୍କର କର୍ମହୀନ ସମୟକୁ କିପରି ବିନିଯୋଗ କରିବା ଏବଂ ସେ ସମସ୍ତ ବର୍ଷକ ଭିତରେ ଛମାସ । ପ୍ରତ୍ୟେକ ମିଲ୍ ଗ୍ରାମବାସୀଙ୍କ ପକ୍ଷେ ଏକ ଖାତର କାରଣ ଏ କଥା ଆଶ୍ଚର୍ଯ୍ୟଜନକ ଜଣାଯାଇପାରେ । ମୁଁ ହିସାବ କିତାବ୍ କରି ନାହିଁ । କିନ୍ତୁ ସାହସର ସହିତ ଏହା ମୁଁ କହିପାରେ ଯେ ଗାଁରେ-ଅନ୍ତତଃ ଦଶଜଣ ଶ୍ରମିକ ଯେତିକି କାମ କରନ୍ତି କଳରେ କାମ କରୁଥିବା ଜଣେ ଶ୍ରମିକ ସେତିକି କାମ କରେ ।

ସେ ଗାଁରେ ଯାହା ରୋଜଗାର କରୁଥିଲା ଅନ୍ୟ ଗ୍ରାମବାସୀମାନଙ୍କର ରୋଜଗାରକୁ ମାରି, ଏଠାରେ ତାହା ଅପେକ୍ଷା ଅଧିକ ରୋଜଗାର କରୁଛି । ଏହି ରୂପେ ସୂତାକଟା କଳ ଓ ଲୁଗାବୁଣା କଳ ଗ୍ରାମବାସୀମାନଙ୍କୁ ଜୀବିକା ଅର୍ଜନ କରିବାର ଗୋଟିଏ ଭଲ ପନ୍ଥାରୁ ବଞ୍ଚିତ କରିଛି । ଏହାର ଜବାବ୍‌ରେ ଯଦି କୁହାଯାଏ ଯେ ସେମାନେ ଅଧିକ ଭଲ ଓ ଶସ୍ତାଲୁଗା ତିଆରି କରୁଛନ୍ତି,

Digitized by srujanika@gmail.com

ତାହା ହେଲେ ଏହା ଆଦୌ ଜବାବ୍ ନୁହେଁ । ସେମାନେ ଭଲ ଓ ଶସ୍ତାଲୁଗା ଉତ୍ପାଦନ କରୁଛନ୍ତି, ଏଥିରେ ମୋର ସନ୍ଦେହ ଅଛି । କାରଣ, ଯଦି ସେମାନେ ହଜାର ହଜାର ଶ୍ରମିକଙ୍କୁ କାର୍ଯ୍ୟଚ୍ୟୁତ କରିଛନ୍ତି, ତେବେ ବୁଝିବାକୁ ହେବ ଯେ ସବୁଠାରୁ ଶସ୍ତା କଳଲୁଗା ଗାଁରେ ବୁଣା ହୋଇଥିବା ସବୁଠାରୁ ମହଙ୍ଗା ଖଦଡ଼ଲୁଗା ଅପେକ୍ଷା ମହଙ୍ଗା । କୋଇଲା-ଖଣିରେ କାମ କରୁଥିବା ଶ୍ରମିକଙ୍କ ପକ୍ଷେ କୋଇଲା ମହଙ୍ଗା ନୁହେଁ । କାରଣ, କୋଇଲା ସବୁବେଳେ ତା' ଆଗରେ ରହିଛି । ତାକୁ ସେ ଇଚ୍ଛାନୁରୂପ ବ୍ୟବହାର କରିପାରିବ । ସେହିପରି ଯେଉଁ ଗ୍ରାମବାସୀ ନିଜ ଖଦୀ ନିଜେ ଉତ୍ପାଦନ କରୁଛି, ତାହା ପକ୍ଷେ ଖଦୀ ମହଙ୍ଗା ନୁହେଁ । ମିଲ୍‌ରେ ଉତ୍ପନ୍ନ ହେଉଥିବା ଲୁଗା ଯେପରି ଗାଁ ଲୋକଙ୍କ ହାତ ବନ୍ଦ କରିଦିଏ, ସେହିପରି ଧାନକୁଟା କଳ ଓ ଅଟାକଳଗୁଡ଼ିକ ହଜାର ହଜାର ଗରିବ ସ୍ତ୍ରୀଙ୍କୁ କେବଳ ଯେ ବେକାର କରିଦିଏ, ତାହା ନୁହେଁ, ଅଧିକନ୍ତୁ ସମସ୍ତ ଲୋକଙ୍କ ସ୍ୱାସ୍ଥ୍ୟ ମଧ୍ୟ ନଷ୍ଟ କରିଦିଏ । ଯେଉଁଠାରେ ଲୋକଙ୍କର ମାଂସଜାତୀୟ ଖାଦ୍ୟ ଖାଇବାରେ ଆପତ୍ତି ନାହିଁ ଏବଂ ତାହା କିଣି ଖାଇବାପାଇଁ ଅର୍ଥର ଅଭାବ ନାହିଁ, ମଇଦା ଓ ସଫା ଚକ୍‌କଣ ଚାଉଳ କିଛି କ୍ଷତି କରି ନପାରେ । କିନ୍ତୁ ଯେଉଁ ଭାରତ ବର୍ଷରେ ଲକ୍ଷ ଲକ୍ଷ ଲୋକ ମାଂସଜାତୀୟ ଖାଦ୍ୟ ପାଇପାରନ୍ତି ନାହିଁ ଏବଂ ପାଇଲେ ଖାଇବାକୁ ଆପତ୍ତି ନଥିବା ସତ୍ତ୍ୱେ ପାଆନ୍ତି ନାହିଁ, ସେଠାରେ ଅଧିବାସୀମାନଙ୍କୁ ମୋଟା ଗହମର ଖାଦ୍ୟରେ ଓ ଅକାଣ୍ଡିଆ ଚାଉଳରେ ଥିବା ପୁଷ୍ଟିକର ଓ ଜୀବନୀଶକ୍ତି ଦାୟକ ଖାଦ୍ୟରୁ ସେମାନଙ୍କୁ ବଞ୍ଚିତ କରିବା ପାପ ଅଟେ । କଳପେଷା ମଇଦା ଏବଂ ଚକ୍‌କଣ ପାଲିସ ଚାଉଳ ବ୍ୟବହାରରେ ଯେଉଁ ବିପଦ ରହିଛି, ତାହା ଡାକ୍ତର ଓ ଅନ୍ୟମାନେ ମିଳିତ ଭାବରେ ଲୋକସାଧାରଣଙ୍କୁ ବୁଝାଇବା ନିଜର ସମସ୍ତ ଏବେ ଆସିଛି ।

କେତେକ ସ୍ପଷ୍ଟ ବିଷୟ ପ୍ରତି ସ୍ଥୂଳ ଭାବରେ ମୁଁ ଦୃଷ୍ଟି ଆକର୍ଷଣ କରିଛି । ଉଦ୍ଦେଶ୍ୟ ହେଉଛି ଯେ ଗାଁ ଲୋକଙ୍କୁ କାମ ଯୋଗାଇବାର ପନ୍ଥା ଯନ୍ତ୍ର ମାଧ୍ୟମରେ ନାହିଁ । କିନ୍ତୁ ଯେଉଁ ଶିଳ୍ପଗୁଡ଼ିକ ସେମାନେ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରି ଆସୁଥିଲେ ଏବଂ ପରେ ଛାଡ଼ି ଦେଇଛନ୍ତି, ସେହି ଶିଳ୍ପଗୁଡ଼ିକର ପୁନରୁଦ୍ଧାର ମାଧ୍ୟମରେ ଲୋକଙ୍କୁ କାମ ଯୋଗାଇ ହେବ ।

ତେଣୁ ମୋ ମତରେ ଅଖିଳ ଭାରତ ଗ୍ରାମୋଦ୍ୟୋଗ ସଂଘର କାର୍ଯ୍ୟ ହେଉଛି ବର୍ତ୍ତମାନ ଚଳୁଥିବା ଶିଳ୍ପଗୁଡ଼ିକୁ ପ୍ରୋତ୍ସାହନ ଦେବା ଏବଂ ଯେଉଁ ଉଦ୍ୟୋଗଗୁଡ଼ିକ ମୃତପ୍ରାୟ ଅବସ୍ଥାକୁ ଆସିଯାଇଛି କିମ୍ବା ମରିଯାଇଛି, ସେଗୁଡ଼ିକର ଯେଉଁ କ୍ଷେତ୍ରରେ ସମ୍ଭବ ଏବଂ ବାଞ୍ଛନୀୟ, ସେହି ଗ୍ରାମ୍ୟଢଙ୍ଗରେ ପୁନରୁତ୍‌ଥାନ କରିବା ଅର୍ଥାତ୍, ବହୁପୂର୍ବକାଳରୁ ଯେଉଁ ପ୍ରଣାଳୀରେ ସେମାନେ ନିଜ

Digitized by srujanika@gmail.com

କୁଟୀରରେ ବସି କାର୍ଯ୍ୟ କରୁଥିଲେ, ସେକ୍ଷେତ୍ରେ କଣବେ । ଏହି ଗାଁ ଉନ୍ନତିକଳଣ ବହୁତ ଉତ୍କୃଷ୍ଟ ସାଧନ କରାଯାଇପାରେ । ହାତରେ ଋଳାରୁ ମଞ୍ଜି ବାହାର କରିବା, ହାତରେ ଭଣିବା, ହାତରେ ସୂତାକାଟିବା ଓ ହାତରେ ବୁଣିବାରେ ବହୁ ଉନ୍ନତି, ଏହା ମଧ୍ୟରେ କରାଯାଇଛି ।

ଜଣେ ସମାଲୋଚକଙ୍କର ଆପତ୍ତି ହେଉଛି ଏହି ପୁରୁଣାଢଙ୍ଗ ପୂର୍ଣ୍ଣରୂପେ ବ୍ୟକ୍ତି ଭିତ୍ତିକ ଏବଂ ସମୂହ ବା ଗୋଷ୍ଠୀଗତ ଚେଷ୍ଟା ଦ୍ୱାରା ଏହା ସମ୍ଭବ ନୁହେଁ । ଏହି ମତ ମୋତେ ଅତ୍ୟନ୍ତ ଉପରଠାଉରିଆ ଜଣାଯାଇଛି । ଯଦ୍ୟପି ଗ୍ରାମବାସୀ-ମାନେ ନିଜ କୁଡ଼ିଆଘରେ ବସି ଜିନିଷମାନ ଉତ୍ପାଦନ କରିପାରନ୍ତି, ତଥାପି ଏହି ବ୍ୟକ୍ତିଗତ ଉତ୍ପାଦନକୁ ଏକାଠି ମିଶାଇ ହୁଅମାଇପାରିବ ଏବଂ ଲାଭକୁ ପରସ୍ପର ମଧ୍ୟରେ ବଣ୍ଟନ କରାଯାଇପାରିବ । ଗ୍ରାମବାସୀମାନେ ନିର୍ଦ୍ଦିଷ୍ଟ ଯୋଜନା ଅନୁଯାୟୀ କାହାର ତତ୍ତ୍ୱାବଧାନରେ ଏକତ୍ର କାର୍ଯ୍ୟ କରିପାରନ୍ତି । ସେମାନଙ୍କୁ କଞ୍ଚାମାଲ ଗୋଟିଏ ସାଧାରଣ ଭଣ୍ଡାରରୁ ଯୋଗାଇ ଦିଆଯାଇପାରେ । ସହଯୋଗ-ମୂଳକ କାର୍ଯ୍ୟର ମନୋବୃତ୍ତି ସୃଷ୍ଟି କରାଗଲେ ଏକାଠି କାର୍ଯ୍ୟକରିବାର, ପରସ୍ପର ମଧ୍ୟରେ କାର୍ଯ୍ୟବଣ୍ଟନ କରିବାର, ସମୟ ବଞ୍ଚାଇବାର ଏବଂ କାର୍ଯ୍ୟ-କୁଶଳତା ବଢ଼ାଇବାର ଯଥେଷ୍ଟ ସୁଯୋଗ ରହିଛି । ଆଜି ପାଞ୍ଚ ହଜାରରୁ ଅଧିକ ଗ୍ରାମରେ ଅଖିଳ ଭାରତ ଗ୍ରାମୋଦ୍ୟୋଗ ସଂଘ ତରଫରୁ ଏହିସବୁ କାର୍ଯ୍ୟ କରା-ଯାଉଛି ।

କିନ୍ତୁ ଖଦୀ ହେଉଛି ଗ୍ରାମ ସୌର ମଣ୍ଡଳର ସୂର୍ଯ୍ୟ । ବିଭିନ୍ନ ଶିଳ୍ପ ହେଉଛନ୍ତି ଗ୍ରହ । ଖଦୀରୂପକ ସୂର୍ଯ୍ୟରୁ ଏମାନେ ଯେଉଁ ଉତ୍ତାପ ଏବଂ ପରିପୁଷ୍ଟି ଲାଭ କରନ୍ତି, ତାହା ବଦଳରେ ଖଦୀକୁ ସାହାଯ୍ୟ ପ୍ରଦାନ କରନ୍ତି । ଖଦୀବିନା, ଅନ୍ୟାନ୍ୟ ଶିଳ୍ପ ଉଠିଇ ପାରିବେ ନାହିଁ । କିନ୍ତୁ ମୋର ଗତ ଯାତ୍ରା ମଧ୍ୟରେ ମୁଁ ସ୍ପଷ୍ଟ ଜାଣିପାରିଲି ଯେ ଅନ୍ୟ ଶିଳ୍ପ ସମୂହର ପୁନରୁତ୍ଥାନ ବିନା, ଖଦୀ ଅଧିକ ପ୍ରଗତି କରିପାରିବ ନାହିଁ । ଗ୍ରାମ୍ୟଜୀବନକୁ ସବୁ ସ୍ତରରେ ସଜାଡ଼ିବାକୁ ହେବ ଯେପରି ଗ୍ରାମବାସୀମାନେ ସେମାନଙ୍କର ବୃଥା ସମୟକୁ ଲାଭଜନକ କାର୍ଯ୍ୟରେ ବିନିଯୋଗ କରିବାକୁ ଷମ ହୋଇପାରିବେ । ଯେଉଁ ଦୁଇଟି ସଂସ୍ଥା ଗଢ଼ାଯାଇଛି, ସେମାନେ ଏହି କାର୍ଯ୍ୟ କରିବାର ଆଶା କରାଯାଏ ।

ସ୍ୱଭାବତଃ ରାଜନୀତି ସହିତ କିମ୍ବା ରାଜନୈତିକ ଦଳ ସହିତ ସେମାନଙ୍କର କୌଣସି ସମ୍ପର୍କ ରହିବ ନାହିଁ । ମୋ ମତରେ ଏହି ଦୁଇଟି ସଂସ୍ଥାକୁ ସ୍ୱୟଂ ଚାଳିତ ଏବଂ ସମ୍ପୂର୍ଣ୍ଣରୂପେ ରାଜନୈତିକ-ସମ୍ପର୍କ ଶୂନ୍ୟ ଭାବରେ ଗଢ଼ିବା ଦ୍ୱାରା କଂଗ୍ରେସ ଉଚିତ କାର୍ଯ୍ୟ କରିଛି । ସବୁ ଦଳ ଓ ସବୁ ସଂପ୍ରଦାୟ ମିଳିମିଶି ଗ୍ରାମଗୁଡ଼ିକର ଆର୍ଥିକ, ନୈତିକ ଓ ସ୍ୱାସ୍ଥ୍ୟଗତ ବିକାଶ କରି ପାରିବେ ।

Digitized by srujanika@gmail.com

ମୁଁ ଜାଣେ, ଗୋଟିଏ ମତବାଦର ବ୍ୟକ୍ତି ଅଛନ୍ତି, ଯେଉଁମାନେ ମନେ-କରନ୍ତି ଯେ ଖଦୀ ଦ୍ୱାରା ଆର୍ଥିକ ସମସ୍ୟା ଆଦୌ ସମାଧାନ ହେବ ନାହିଁ । ମୁଁ ଆଶା କରୁଛି ଯେ ଖଦୀକୁ ଗ୍ରାମର କାର୍ଯ୍ୟ ଧନ୍ଦାର ମଧ୍ୟବିନ୍ଦୁ ବୋଲି ମୁଁ ଉଲ୍ଲେଖ କରିବା ଦ୍ୱାରା ସେମାନେ ଆତଙ୍କିତ ହେବେ ନାହିଁ । ଖଦୀ ଓ ଗ୍ରାମୋଦ୍ୟୋଗ ମଧ୍ୟରେ ଯେଉଁ ସମ୍ବନ୍ଧ ଅଛି ତାହା ନ ଦେଖାଇଥିଲେ ମୁଁ ମନରେ ଥିବା ଶୂନ୍ୟକୁ ପୂରା କରିଇପାରି ନଥାନ୍ତି । ଯେଉଁମାନଙ୍କର ଦୃଷ୍ଟିକୋଣ ଭିନ୍ନ ସେମାନେ ଅନ୍ୟାନ୍ୟ ଶିଳ୍ପ ଉପରେ ସେମାନଙ୍କର ସମସ୍ତ ଶକ୍ତିକୁ କେନ୍ଦ୍ରୀଭୂତ କରନ୍ତୁ । କିନ୍ତୁ ମୁଁ ଏହି ପ୍ରବନ୍ଧରେ ଯେଉଁ ପୃଷ୍ଠଭୂମି ଦେବାକୁ ଚେଷ୍ଟା କରିଛି ତାହା ସେମାନଙ୍କର ମନଃପୂତ ହେଲେ, ସେମାନେ ଏହି ସଂସ୍ଥା ଜରିଆରେ ସେମାନଙ୍କର କାର୍ଯ୍ୟ କରିବାକୁ ସକ୍ଷମ ହେବେ ।

ହରିଜନ, ତା ୧୬-୧୧-୧୯୩୪

ସ୍ୱାଧୀନତା

ପ୍ରଶ୍ନ : ହରିଜନ ପତ୍ରିକାର ଜୁଲାଇ ୧୫, ୧୯୪୬ର ସଂଖ୍ୟାରେ "ପ୍ରକୃତ ବିପଦ" ଶୀର୍ଷକ ପ୍ରବନ୍ଧରେ ଆପଣ କହିଛନ୍ତି ଯେ, ସାଧାରଣତଃ କଂଗ୍ରେସ ଲୋକେ ସେମାନେ କେଉଁ ଧରଣର ସ୍ୱାଧୀନତା ଚାହାନ୍ତି ତାହା ନିର୍ଣ୍ଣିତ ରୂପେ ଜାଣିନାହାନ୍ତି । ଦୟାକରି ଆପଣ ସେମାନଙ୍କୁ ଆପଣଙ୍କ ଅବଧାରଣାରେ ଥିବା ସ୍ୱାଧୀନ ଭାରତର ଏକ ପରିପୂର୍ଣ୍ଣ ଏବଂ ବ୍ୟାପକ ଚିତ୍ର ଦେଇ ପାରିବେ କି ?

ଗାନ୍ଧୀଜୀ : ବିଭିନ୍ନ ସମୟରେ ଭାରତର ସ୍ୱାଧୀନତା ସମ୍ବନ୍ଧରେ ମୋର ବିଚାର ପ୍ରକଟ କରିନାହିଁ ବୋଲି ମୋର ମନେ ହେଉନାହିଁ । ଏହି ପ୍ରଶ୍ନ ପର୍ଯ୍ୟାୟକ୍ରମେ ଆଲୋଚିତ ଏକ ବିଷୟର ଅଂଶବିଶେଷ ହୋଇଥିବାରୁ ଏହାର ଉତ୍ତର ଦେବା ଅଧିକ ଭଲ ହେବ ଯଦ୍ୟପି ଏହାଦ୍ୱାରା ପୁନରାବୃତ୍ତି ହେବ ବୋଲି ଆଶଙ୍କା ହେଉଛି ।

ଭାରତର ସ୍ୱାଧୀନତାକୁ ସମଗ୍ର ଭାରତର ସ୍ୱାଧୀନତା ଅର୍ଥରେ ବୁଝିବାକୁ ହେବ । ଯାହା ଭିତରେ ଦେଶୀୟ ରାଜା ରାଜୁଡ଼ାଙ୍କ ଅଧୀନରେ ଥିବା ଭାରତ ଏବଂ ଅନ୍ୟାନ୍ୟ ବିଦେଶୀ ଶକ୍ତି ଯଥା—ଫରାସୀ ଓ ପର୍ତ୍ତୁଗୀଜମାନଙ୍କ କବଳରେ ଥିବା ଭାରତ ମଧ୍ୟ ଅନ୍ତର୍ଗତ ! ମୁଁ ମାନୁଛି ଯେ ସେମାନେ ବ୍ରିଟେନ୍‌ର ମୌନ ସମ୍ମତି ଯୋଗୁ ଏଠାରେ ଅଛନ୍ତି । ସ୍ୱାଧୀନତାକୁ ଭାରତର ଜନସାଧାରଣଙ୍କର୍ ସ୍ୱାଧୀନତା ଅର୍ଥରେ ଦେଖିବାକୁ ହେବ, ଯେଉଁମାନେ ଆଜି ସେମାନଙ୍କ ଉପରେ ଶାସନ କରୁଛନ୍ତି ସେମାନଙ୍କ ଅର୍ଥରେ ନୁହେଁ । ଯେଉଁମାନଙ୍କୁ ସେମାନେ ପଦ-ଦଳିତ କରି ରଖିଛନ୍ତି ଏବେ ଶାସକମାନଙ୍କୁ ସେମାନଙ୍କ ଉପରେ ନିର୍ଭର

Digitized by srujanika@gmail.com

କରିବାକୁ ହେବ । ସେଥି ନିମନ୍ତେ ସେମାନଙ୍କୁ ଜନସାଧାରଣଙ୍କର ସେବକ ହେବାକୁ ପଡ଼ିବ ଏବଂ ଲୋକମାନଙ୍କର ଅଭିଳାଷା ପୂରଣ ପାଇଁ ତତ୍ପର ହେବାକୁ ହେବ ।

ସ୍ୱାଧୀନତା ନିଶ୍ଚିତ ରୂପେ ତଳରୁ ଆରମ୍ଭ ହେବ । ସେଥିପାଇଁ ପ୍ରତ୍ୟେକ ଗ୍ରାମ ଏକ ସଂପୂର୍ଣ୍ଣ ଅଧିକାର ସମ୍ପନ୍ନ ଗଣରାଜ୍ୟ କିମ୍ବା ପଞ୍ଚାୟତ ରୂପେ ଗଢ଼ିଉଠିବ । ଏହାର ଅର୍ଥ ହେଲା ଯେ ପ୍ରତ୍ୟେକ ଗ୍ରାମ ଆତ୍ମନିର୍ଭରଶୀଳ ହେବ ଓ ନିଜର ସମସ୍ତ ଦାୟିତ୍ୱ ତୁଲାଇବାକୁ ସମର୍ଥ ହେବ ଓ ଏପରିକି ଆବଶ୍ୟକ ପଡ଼ିଲେ ନିଜର ସୁରକ୍ଷା ପାଇଁ ସାରା ସଂସାର ବିରୋଧରେ ଦୃଢ଼ଭାବେ ଛିଡ଼ା ହୋଇପାରିବ । ଏହି ଗ୍ରାମଗୁଡ଼ିକୁ ଏପରି ପ୍ରଶିକ୍ଷିତ କରାଯିବ ଯେପରିକି ଯେ କୌଣସି ପ୍ରକାରର ବାହ୍ୟ ହସ୍ତକ୍ଷେପ ଅଥବା ଆକ୍ରମଣରୁ ନିଜକୁ ରକ୍ଷା କରିବାର ଉଦ୍ୟମରେ ଧ୍ୱଂସ ହୋଇଯିବା ପାଇଁ ମଧ୍ୟ ସେମାନେ ପ୍ରସ୍ତୁତ ରହିବେ । ତେଣୁ ସ୍ୱାଭାବିକ ରୂପେ ଏଭଳି ସମ୍ପୂର୍ଣ୍ଣ ଅଧିକାର ସମ୍ପନ୍ନ ଗ୍ରାମ ଗଣରାଜ୍ୟରେ ବ୍ୟକ୍ତି ହେବ ପ୍ରାଥମିକ ଏକକ । ପ୍ରତିବେଶୀ, ଗ୍ରାମରାଜ୍ୟମାନଙ୍କଠାରୁ କିମ୍ବା ପୃଥିବୀର ଯେକୌଣସି ଅଞ୍ଚଳରୁ ସାହାଯ୍ୟ ଓ ସହଯୋଗ ଗ୍ରହଣ କରିବାକୁ ଏଠାରେ ବାରଣ ରହିବ ନାହିଁ । ଏହାକୁ ମୁକ୍ତ ଏବଂ ପାରସ୍ପରିକ ବୁଝାମଣା ଭିତ୍ତିରେ ଶକ୍ତି କେନ୍ଦ୍ରମାନଙ୍କ ଭିତରେ ସ୍ଥାପିତ ସମ୍ବନ୍ଧ ରୂପେ ବିବେଚନା କରାଯାଇ ପାରେ । ସେଭଳି ଏକ ସମାଜ ନିଶ୍ଚିତ ଭାବରେ ଉଚ୍ଚ ସଂସ୍କୃତି ସମ୍ପନ୍ନ ହେବ ଯେଉଁଥିରେ ପ୍ରତ୍ୟେକ ନରନାରୀ ସେମାନଙ୍କର ଆବଶ୍ୟକତା କଣ ତାହା ଭଲ ରୂପେ ଜାଣିଥିବେ ଏବଂ ଅଧିକନ୍ତୁ ସେମାନଙ୍କ ଭିତରୁ କେହି ବି ଏଭଳି ଦ୍ରବ୍ୟ ପାଇବାର ଆଶା କରୁ ନଥିବେ ଯାହା ଅନ୍ୟ ବ୍ୟକ୍ତି ସମାନ ପରିମାଣର ଶାରୀରିକ ଶ୍ରମ କରି ପାଇ ନ ପାରିବେ ।

ସ୍ୱଭାବତଃ ଏହି ସମାଜ ନିଶ୍ଚିତ ରୂପେ ସତ୍ୟ ଏବଂ ଅହିଂସାର ଭିତ୍ତିଭୂମି ଉପରେ ହିଁ ଛିଡ଼ା ହେବ । ମୋ ମତରେ ତାହା ଈଶ୍ୱରଙ୍କଠାରେ ଜୀବନ୍ତ ବିଶ୍ୱାସ ବିନା ଅସମ୍ଭବ । ଅର୍ଥାତ୍ ଏକ ସ୍ୱୟଂ ସର୍ବଜ୍ଞ, ଜୀବନ୍ତ ଶକ୍ତି ଉପରେ ବିଶ୍ୱାସ, ଯାହାକି ବିଶ୍ୱର ସମସ୍ତ ପ୍ରକାର ଶକ୍ତିର ମୂଳାଧାର, ଯାହା କାହାରି ଉପରେ ଆଶ୍ରା କରିନଥାଏ ଏବଂ ଯେତେବେଳେ କି ଅନ୍ୟ ସମସ୍ତ ସଂଭବ୍ୟ ଶକ୍ତି ଅକ୍ଷମ ଓ ନଷ୍ଟ ଭ୍ରଷ୍ଟ ହୋଇଯାନ୍ତି ସେତେବେଳେ ମଧ୍ୟ ତାହା ଅମର-ଅକ୍ଷତ ରହିଥାଏ ।

ଆଉ ବିଶ୍ୱର ଅଙ୍ଗେ ଘେରି ରହିଥିବା ଏହି ଜୀବନ୍ତ ଜ୍ୟୋତି ଉପରୁ ବିଶ୍ୱାସ ହରାଇଲେ ମୁଁ ମୋର ବଞ୍ଚି ରହିବାର କାରଣ ଦର୍ଶାଇ ପାରିବି ନାହିଁ ।

ଅସଂଖ୍ୟ ଗ୍ରାମ ଦ୍ୱାରା ଗଠିତ ଏହି ରଚନାରେ କ୍ରମାଗତ ପ୍ରସାରିତ ହେଉଥିବା ବୃତ୍ତ କେବେ ବି ପ୍ରଭୁତ୍ୱ ଜାହିର କରୁ ନଥିବା ବୃତ୍ତ ରହିବେ ।

Digitized by srujanika@gmail.com

ଏଠାକାର ଜୀବନ ଯାହା ଏକ ପିରାମିଡ଼ ସଦୃଶ ହେବ ନାହିଁ । ଯାହାର ଶୀର୍ଷ ଭାଗର ଭାରକୁ ନିମ୍ନଭାଗ ବହନ କରିଥାଏ । କିନ୍ତୁ ଏହା ଏକ ଅତି ବ୍ୟାପକ ମହାସାଗରୀୟ ବୃତ୍ତର ରୂପ ଧାରଣ କରିବ ଯାହାର କେନ୍ଦ୍ର ହେବ ବ୍ୟକ୍ତି ଯିଏକି ଗ୍ରାମ ପାଇଁ ଆତ୍ମ ବଳି ଦେବା ପାଇଁ ସର୍ବଦା ପ୍ରସ୍ତୁତ ରହିବ । ସେହିପରି ପ୍ରତ୍ୟେକ ଗ୍ରାମ ଗ୍ରାମସମୂହ ପାଇଁ ଆତ୍ମବଳି ଦେବା ପାଇଁ ପ୍ରସ୍ତୁତ ରହିବ ଓ ଏହିପରି ଏହି ସମଗ୍ର ସମୂହଟି ବ୍ୟକ୍ତିମାନଙ୍କୁ ନେଇ ଗଠିତ ଏକ ଜୀବନ୍ତ ଏକକରେ ପରିଣତ ହେବ । ଏମାନଙ୍କ ମଧ୍ୟରୁ କେହି କଦାପି ଗର୍ବିତ ହୋଇ ଆକ୍ରାମକ ହେବ ନାହିଁ କିନ୍ତୁ ସଦୈବ ବିନମ୍ର ରହି ସେହି ମହାସାଗରୀୟ ବୃତ୍ତର ଐଶ୍ୱର୍ଯ୍ୟରେ ସହଭାଗୀ ହେବେ ଯାହାର କି ସେମାନେ ଅଭିନ୍ନ ଅଙ୍ଗ ।

ତେଣୁ ଏହାର ସବୁଠାରୁ ବାହାରେ ଥିବା ବୃତ୍ତଟି କେବେଁ ବି ଭିତରର ବୃତ୍ତଗୁଡ଼ିକୁ ପଦଦଳିତ କରି ରଖିବା ପାଇଁ ଦମନମୂଳକ କ୍ଷମତାର ଅଧିକାରୀ ହେବ ନାହିଁ । ଅପରନ୍ତୁ ସେ ସମସ୍ତ ଆଭ୍ୟନ୍ତରୀଣ ବୃତ୍ତଗୁଡ଼ିକୁ ଶକ୍ତି ପ୍ରଦାନ କରିବ ଏବଂ ସେମାନଙ୍କଠାରୁ ହିଁ ନିଜର ଶକ୍ତି ସଂଗ୍ରହ କରିବ ।

ମୋତେ ବିଦ୍ରୂପ କରି କୁହାଯାଇପାରେ ଯେ, ଏସବୁ ମୋର କଳ୍ପନା-ବିଳାସ ଓ ତେଣୁ ଏହାକୁ ନେଇ ମୁଣ୍ଡ ଘୁରେଇବା ଆଦୌ ଆବଶ୍ୟକ ନାହିଁ । ଇୟୁକ୍ଲିଡ଼ (Euclied)ଙ୍କ ବିନ୍ଦୁକୁ ନିର୍ଭୁଲ ଭାବରେ ଆଙ୍କିବା କଦାପି ସମ୍ଭବ ନ ଥିଲେ ମଧ୍ୟ ତାର ଯେପରି ଚିରସ୍ଥାୟୀ ମୂଲ୍ୟ ରହିଛି, ସେହିପରି ମାନବ ସମାଜ ଯଦି ବଞ୍ଚି ରହିବାକୁ ଚାହେଁ, ତେବେ ମୋର ଏହି ଚିତ୍ରପଟର ମଧ୍ୟ ନିଜସ୍ୱ ମୂଲ୍ୟ ରହିଛି । ଏହାକୁ ପରିପୂର୍ଣ୍ଣ ରୂପେ କାର୍ଯ୍ୟକାରୀ କରିବା ସମ୍ଭବ ନୁହେଁ ବୋଲି ମନେ ହେଉଥିଲେ ମଧ୍ୟ ଏହି ଆଦର୍ଶକୁ ହୃଦୟରେ ଧରି ଭାରତ ବଞ୍ଚି ରହୁ । ଆମେ ଯାହା ଚାହୁଁଛେ ତାକୁ ପାଇବା ପୂର୍ବରୁ ତାର ପ୍ରକୃତ ଚିତ୍ର ଆମ ନିକଟରେ ସୁସ୍ପଷ୍ଟ ହେବା ଦରକାର । କେବେ ଭାରତର ପ୍ରତ୍ୟେକ ଗ୍ରାମ ଗୋଟିଏ ଗୋଟିଏ ଗଣରାଜ୍ୟ ରୂପେ ଗଢ଼ି ଉଠିବାକୁ ହେଲେ ମୋ ପ୍ରଦତ୍ତ ଚିତ୍ର ଯେ ଯଥାର୍ଥ ତାହା ମୁଁ ଦାବି କରୁଛି । ଏଥିରେ ସବା ତଳେ ଥିବା ବ୍ୟକ୍ତି ସବା ଉପରେ ଥିବା ସର୍ବପ୍ରଥମ ବ୍ୟକ୍ତିର ସମକକ୍ଷ ବୋଲାଇବ ଅଥବା ଏହାକୁ ଅନ୍ୟ ଭାବରେ କୁହାଯାଇପାରେ ଯେ, ଯେଉଁଠାରେ କେହି ସର୍ବ ପ୍ରଥମ ହେବେ ନାହିଁ କି କେହି ସର୍ବଶେଷ ମଧ୍ୟ ହେବେ ନାହିଁ ।

ଏହି ଚିତ୍ରପଟରେ ସବୁ ଧର୍ମ ପୂର୍ଣ୍ଣମାତ୍ରାରେ ସମାନ ସ୍ଥାନ ପାଇବେ, ସମାନ ଦୃଷ୍ଟିରେ ବିବେଚିତ ହେବେ । ଆମେ ସଭିଏଁ ଏପରି ଏକ ମହାନ ବୃକ୍ଷର ଗୋଟିଏ ଗୋଟିଏ ପତ୍ର ସଦୃଶ ଯାହାର ମୂଳଗଣ୍ଡିକୁ ଦୋହଲାଇ କେହି ଉପାଡ଼ି ପାରିବେ ନାହିଁ କାହିଁକିନା ଏହାର ଚେର ଧରିତ୍ରୀର ଗଭୀରତମ ସ୍ଥଳକୁ

Digitized by srujanika@gmail.com

ପ୍ରବେଶ କରିଛି । ଅତି ପ୍ରବଳ ଝଡ଼—ତୋଫାନ ମଧ୍ୟ ଏହାକୁ ଓପାଡ଼ି ପାରିବ ନାହିଁ । × × ×

ଏ ଚିତ୍ରପଟରେ ସେଭଳି ଯନ୍ତ୍ରଗୁଡ଼ିକର କୌଣସି ସ୍ଥାନ ରହିବ ନାହିଁ ଯେଉଁ ଯନ୍ତ୍ରଗୁଡ଼ିକ ମନୁଷ୍ୟର ଶ୍ରମକରି ବଞ୍ଚିବାର ଅଧିକାରକୁ ଅପହରଣ କରି ଅଳ୍ପ କେତେକ ବ୍ୟକ୍ତି ବିଶେଷଙ୍କୁ ଶକ୍ତିଶାଳୀ କରିଥାଏ । ଏକ ସୁସଂସ୍କୃତ ମାନବ ପରିବାର ଭିତରେ ଶ୍ରମର ନିଜସ୍ୱ ବିଶିଷ୍ଟ ସ୍ଥାନ ରହିଛି । ପ୍ରତ୍ୟେକ ବ୍ୟକ୍ତିଙ୍କୁ ସାହାଯ୍ୟ କରୁଥିବା ଯନ୍ତ୍ରର ମଧ୍ୟ ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ମାତ୍ର ମୁଁ ଏହା ସ୍ୱୀକାର କରିବି ଯେ, ଏ ଯନ୍ତ୍ରଟି କି ପ୍ରକାରର ହେବ ତାହା ମୁଁ ଚିନ୍ତା କରିବାକୁ ସମୟ ପାଇଁ ନାହିଁ । ମୋ ମନରେ "ସିଙ୍ଗର"ଙ୍କ ସିଲେଇ କଳ ରହିଛି । କିନ୍ତୁ ତାହା ମଧ୍ୟ ମୋର ତରବରିଆ ମତ । ମୋର ଚିତ୍ରପଟକୁ ସମ୍ପୂର୍ଣ୍ଣ କରିବା ପାଇଁ ଏହାକୁ (ଏଭଳି ଯନ୍ତ୍ରର ବିଶଦ ବିବେଚନାକୁ)ମୁଁ ଆବଶ୍ୟକ ମନେ କରୁନାହିଁ ।

ହରିଜନ—୨୮-୭-୧୯୪୬

ନେହେରୁଙ୍କୁ ଗାନ୍ଧୀଜୀଙ୍କ ପତ୍ର

ପୁନା

ପ୍ରିୟ ଜବାହରଲାଲ, ତା ୫-୧୦-୧୯୪୫

କିଛି ଦିନ ହେଲା ତୁମ ପାଖକୁ ଲେଖିବାକୁ ଇଚ୍ଛା କରିଛି କିନ୍ତୁ ଆଜି ପୂର୍ବରୁ ତାହା କରିବାକୁ ସକ୍ଷମ ହୋଇ ନ ଥିଲି । ତୁମକୁ ଇଂରାଜୀରେ ଲେଖିବି କି ହିନ୍ଦୁସ୍ଥାନୀରେ ସେହି ପ୍ରଶ୍ନ ମଧ୍ୟ ମୋ ମନରେ ଥିଲା । ଶେଷରେ ହିନ୍ଦୁସ୍ଥାନୀରେ ଲେଖିବାକୁ ହିଁ ସ୍ଥିର କଲି ।

ପ୍ରଥମେ ମୁଁ ଆମ ଦୁହିଁଙ୍କ ମଧ୍ୟରେ ଥିବା ଦୃଷ୍ଟିକୋଣର ପ୍ରଭେଦ ବିଷୟରେ ଲେଖିବାକୁ ଚାହେଁ । ଯଦି ପ୍ରଭେଦ ମୌଳିକ ଅଟେ, ତେବେ ମୁଁ ଅନୁଭବ କରେଁ ଯେ ଲୋକମାନେ ମଧ୍ୟ ତାହା ଜାଣିବା ଉଚିତ । ସେମାନଙ୍କୁ ଅନ୍ଧକାରରେ ରଖିବା ସ୍ୱରାଜ୍ୟ ପାଇଁ କ୍ଷତିକାରକ ହେବ । ମୁଁ କହି ସାରିଛି ଯେ 'ହିନ୍ଦ ସ୍ୱରାଜ'ରେ କଳ୍ପିତ ଶାସନ ବ୍ୟବସ୍ଥାକୁ ମୁଁ ଏବେ ମଧ୍ୟ ବିଶ୍ୱାସ କରେଁ । ଏହା କେବଳ କଥାରେ ନୁହେଁ । ୧୯୦୯ରେ ମୁଁ ସେହି ପୁସ୍ତକ ଲେଖିବା ଦିନଠାରୁ ମୋର ସମସ୍ତ ଅନୁଭୂତି ମୋର ବିଶ୍ୱାସର ସତ୍ୟତାକୁ ଦୃଢ଼ୀଭୂତ କରିଛି । ତେଣୁକରି ମୁଁ ଏଥିରେ ଏକାକୀ ପଡ଼ିଗଲେ ମଧ୍ୟ ବିବ୍ରତ ହେବି ନାହିଁ । କାରଣ କେବଳ ମୁଁ ହିଁ ମୋର ସତ୍ୟର ସାକ୍ଷୀ ଅଟେ । ମୁଁ ଏ ଚିଠି ଲେଖିଲା ବେଳେ 'ହିନ୍ଦ୍ ସ୍ୱରାଜ' ପୁସ୍ତକଟି ମୋ ସମ୍ମୁଖରେ ନାହିଁ । ବାସ୍ତବରେ ପୁଣିଥରେ ନୂଆ

Digitized by srujanika@gmail.com

ଭିନ୍ନ ଭିନ୍ନ ଭାଷାରେ ଲେଖିବା ମୋ ପାଇଁ ବେଶୀ ଭଲ ହେବ । ବର୍ତ୍ତମାନର ଲେଖା ସାଙ୍ଗରେ ହିନ୍ଦ୍ ସ୍ୱରାଜର ସାମଞ୍ଜସ୍ୟ ଅଛି କି ନାହିଁ ତାହା ଅପ୍ରାସଙ୍ଗିକ ତୁମ ପାଇଁ ଏବଂ ମୋ ପାଇଁ ମଧ୍ୟ । ମୁଁ ସେତେବେଳେ ଯାହା କହିଥିଲି ତାର ଯଥାର୍ଥତା ପ୍ରତିପାଦନ କରିବା ଅନାବଶ୍ୟକ ଅଟେ । ମୁଁ ଏବେ ଯାହା ଅନୁଭବ କରୁଛି ତାହାହିଁ ଜାଣିବା ଦରକାର । ମୋର ହୃଦ୍‌ବୋଧ ହୋଇଛି ଯେ, ଯଦି ଭାରତ ପ୍ରକୃତ ସ୍ୱାଧୀନତା ହାସଲ କରିବ ଏବଂ ଭାରତ ମାଧ୍ୟମରେ ପୃଥିବୀ ମଧ୍ୟ, ତେବେ ଆଜି ହେଉ ବା କାଲି ହେଉ ଏ କଥା ସ୍ୱୀକାର କରିବାକୁ ପଡ଼ିବ ଯେ ଲୋକମାନଙ୍କୁ ସହରମାନଙ୍କରେ ନୁହେଁ ଗାଁମାନଙ୍କରେ, ପ୍ରାସାଦମାନଙ୍କରେ ନୁହେଁ କୁଟୀରମାନଙ୍କରେ ହିଁ ରହିବାକୁ ହେବ । କୋଟି କୋଟି ଲୋକ ସହର ଓ ପ୍ରାସାଦମାନଙ୍କରେ କଦାପି ପରସ୍ପର ମଧ୍ୟରେ ଶାନ୍ତିରେ ରହି ପାରିବେ ନାହିଁ । ସେପରି ଅବସ୍ଥାରେ ସେମାନଙ୍କ ପାଖରେ ହିଂସା ଓ ଅସତ୍ୟର ଆଶ୍ରୟ ନେବା ଛଡ଼ା ଅନ୍ୟ ପନ୍ଥା ରହିବ ନାହିଁ । ମୋର ମତ ଯେ, ସତ୍ୟ ଓ ଅହିଂସାକୁ ଛାଡ଼ି ଦେଲେ ମାନବ ସମାଜର ଧ୍ୱଂସ ଛଡ଼ା ଅନ୍ୟ ଗତି ନାହିଁ । ଗ୍ରାମ୍ୟ ଜୀବନର ସରଳତା ମଧ୍ୟରେ ଆମେ ସତ୍ୟ ଓ ଅହିଂସାକୁ ଉପଲବ୍ଧି କରି ପାରିବା ଏବଂ ଏହି ସରଳତା ଚରଖାରେ ଓ ଚରଖା ଯାହା ସବୁ ସୂଚାଏ ସେଥିରେ ମିଳି ପାରିବ । ସାରା ପୃଥିବୀ ଯଦି ଭୁଲ ବାଟରେ ଯାଉଛି ମୁଁ ସେଥିରେ ବିଚଳିତ ହେବି ନାହିଁ । କୀଟମାନେ ଅଗ୍ନି ଶିଖା ଚାରିପଟେ ଖୁବ୍ ଜୋରରେ ନାଚି ନାଚି ଝାସ ଦେଇ ମଲାପରି ଭାରତ ମଧ୍ୟ ସେହି ବାଟରେ ଯାଇପାରେ । କିନ୍ତୁ ଏହା ମୋର ପରମ କର୍ତ୍ତବ୍ୟ ଯେ ମୋର ଶେଷ ନିଶ୍ୱାସ ଥିବା ଯାଏ ମୁଁ ଭାରତକୁ ଏବଂ ଭାରତ ମାଧ୍ୟମରେ ସାରା ପୃଥିବୀକୁ ଏହି ସର୍ବନାଶରୁ ରକ୍ଷା କରିବା ପାଇଁ ଚେଷ୍ଟା କରିବି । ମୁଁ ଯାହା କହୁଛି ତାର ସାରତତ୍ତ୍ୱ ଏହି ଯେ ମଣିଷ ତାହାର ପ୍ରକୃତ ଆବଶ୍ୟକତା ଗୁଡ଼ିକରେ ସ୍ୱାବଲମ୍ବୀ ହୋଇ ସେଥିରେ ସନ୍ତୁଷ୍ଟ ହେବା ଉଚିତ । ଯଦି ନିଜ ଉପରେ ଏହି ନିୟନ୍ତ୍ରଣ ନ ରହିବ ତେବେ ସେ ନିଜକୁ ରକ୍ଷା କରି ପାରିବ ନାହିଁ । ବିନ୍ଦୁ ବିନ୍ଦୁ ଜଳର ସମଷ୍ଟିରେ ସମୁଦ୍ର ହେଲାପରି ବ୍ୟକ୍ତିମାନଙ୍କୁ ନେଇ ପୃଥିବୀ ଗଠିତ । ମୁଁ କିଛି ନୂଆ କଥା କହୁନାହିଁ । ଏହା ହେଉଛି ଏକ ସର୍ବଜନ ବିଦିତ ସତ୍ୟ ।

କିନ୍ତୁ 'ହିନ୍ଦ୍ ସ୍ୱରାଜ'ରେ ଏକଥା କହିଛି ବୋଲି ମୁଁ ଭାବୁନାହିଁ । ଯେତେବେଳେ ମୁଁ ଆଧୁନିକ ବିଜ୍ଞାନର ପ୍ରଶଂସା କରେ ସେତେବେଳେ ଭାବେ ଯେ ପୁରାତନ ସତ୍ୟ ନୂତନ ଜ୍ଞାନରେ ଆଲୋକିତ ହୋଇଛି; ଏପରି ହେବା ବାଞ୍ଛନୀୟ ମଧ୍ୟ । ତୁମେ କେବେ ହେଲେ ଭାବିବ ନାହିଁ ଯେ ଆଜିର ଗ୍ରାମ୍ୟ ଜୀବନକୁ ମୁଁ ମୋର ଆଦର୍ଶ କରିଛି । ମୋର ଆଦର୍ଶ ଗ୍ରାମ ଏବେ ମଧ୍ୟ ମୋର ମାନସ ପଟରେ

Digitized by srujanika@gmail.com

ରହିଛି । ପ୍ରତ୍ୟେକ ଲୋକର ନିଜର ଗୋଟିଏ ସ୍ୱପ୍ନରାଜ୍ୟ ଥାଏ । ମୋର ଆଦର୍ଶ ଗ୍ରାମରେ ବୁଦ୍ଧିମାନ୍ ଲୋକମାନେ ରହିବେ । ପଶୁମାନଙ୍କ ପରି ଅନ୍ଧକାର ଓ ଆବର୍ଜନାରେ ସେମାନେ ରହିବେ ନାହିଁ । ପୁରୁଷ ଓ ସ୍ତ୍ରୀ ଉଭୟେ ସ୍ୱାଧୀନ ଭାବରେ ଜୀବନ ଅତିବାହିତ କରିବେ ଏବଂ ପୃଥିବୀର ଯେକୌଣସି ଶକ୍ତି ବିରୋଧରେ ଲଢ଼ିବା ପାଇଁ ସକ୍ଷମ ହେବେ । ହଇଜା, ଦସ୍ତ, ମହାମାରୀ ରହିବ ନାହିଁ; କେହି ଆଳସ୍ୟରେ ରହିବେ ନାହିଁ କିମ୍ବା କେହି ବିଳାସରେ ବୁଡ଼ି ରହିବେ ନାହିଁ । ପ୍ରତ୍ୟେକଙ୍କୁ ନିଜର ଶକ୍ତି ଅନୁସାରେ ଶାରୀରିକ ଶ୍ରମ କରିବାକୁ ହେବ । ମୁଁ ଟିକିନିଖି ଭାବେ ଏକ ବଡ଼ ଚିତ୍ର ଦେବାକୁ ଚାହୁଁ ନାହିଁ । ରେଳଗାଡ଼ି, ଡାକ ଓ ଟେଲିଗ୍ରାଫ୍ ଅଫିସ ଇତ୍ୟାଦିର କଳ୍ପନା କରାଯାଇ ପାରେ । ପ୍ରକୃତ ଜନପଦର ପ୍ରାପ୍ତି ମୋ ପାଇଁ ପ୍ରାସଙ୍ଗିକ । ବାକି ସବୁ ପରେ ପରେ ବ୍ୟବସ୍ଥା ସହ ଖାପ୍ ଖାଇ ଯିବ । ପ୍ରକୃତ ଜନପଦଟି ନ ରହିଲେ ବାକି ସବୁ ଅପ୍ରାସଙ୍ଗିକ ହୋଇଯିବ ।

କାର୍ଯ୍ୟକାରୀ କମିଟୀ (କଂଗ୍ରେସ)ର ଶେଷ ଦିନରେ ସ୍ଥିରୀକୃତ ହୋଇଥିଲା ଯେ ଏକ ଦୁଇ କିମ୍ବା ତିନି ଦିନିଆ ଅଧିବେଶନ କରି ଏହି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବା ଉଚିତ ଏବଂ ଏକ ସ୍ପଷ୍ଟ ଦୃଷ୍ଟିକୋଣ ପ୍ରସ୍ତୁତ ହେବା ଦରକାର ହେଲେ ମୋତେ ଭଲ ଲାଗନ୍ତା । କାର୍ଯ୍ୟକାରୀ କମିଟୀ ବସୁ ବା ନ ବସୁ ଆମେ ଦୁହେଁ ପରସ୍ପର ସାମନାସାମନି ହୋଇ ଆମ ଉଭୟଙ୍କ ଦୃଷ୍ଟିକୋଣ ସ୍ପଷ୍ଟ କରିବା ଦରକାର । ଏହାର ଦୁଇଟି କାରଣ ଅଛି । ପ୍ରଥମତଃ, ଆମ ଦୁହିଁଙ୍କ ଭିତରେ ଯେଉଁ ବନ୍ଧନ ରହିଛି ତାହା କେବଳ ରାଜନୈତିକ କାମ ଭିତରେ ସୀମାବଦ୍ଧ ନୁହେଁ । ଏହା ଅପରିମେୟ ଭାବେ ଗଭୀର ଏବଂ ଅଚ୍ଛେଦ୍ୟ । ତେଣୁ ମୁଁ ଆନ୍ତରିକତାର ସହ ଚାହେଁ ଯେ ରାଜନୀତି କ୍ଷେତ୍ରରେ ମଧ୍ୟ ଆମେ ପରସ୍ପରକୁ ସ୍ପଷ୍ଟ ଭାବରେ ବୁଝିବା ଉଚିତ । ଦ୍ୱିତୀୟତଃ ଆମ ଦୁହିଙ୍କ ମଧ୍ୟରୁ କେହି ନିଜକୁ ମୂଲ୍ୟହୀନ ବୋଲି ଭାବୁନାହୁଁ । ଆମେ ଉଭୟେ ଭାରତର ସ୍ୱାଧୀନତା ପାଇଁ ବଞ୍ଚିଛୁ ଏବଂ ହସି ହସି ଏଥିପାଇଁ ଜୀବନ ଦେବୁ । ଜଗତର ପ୍ରଶଂସା ଆମର ଲୋଡ଼ା ନାହିଁ । ପ୍ରଶଂସା ପାଉ ବା ନିନ୍ଦା ପାଉ ତାହା ଆମ ପାଇଁ ଅପ୍ରାସଙ୍ଗିକ ଅଟେ । ସେବା କାର୍ଯ୍ୟରେ ପ୍ରଶଂସାର କୌଣସି ସ୍ଥାନ ନାହିଁ । ଭାରତର ସେବା କରିବା ପାଇଁ ମୁଁ ୧୨୫ ବର୍ଷର ଆୟୁଷ ଚାହେଁ । କିନ୍ତୁ ମୁଁ ଏହା ନିଶ୍ଚୟ ସ୍ୱୀକାର କରିବି ଯେ ବର୍ତ୍ତମାନ ମୁଁ ଜଣେ ବୃଦ୍ଧ ଲୋକ । ତୁମେ ବୟସରେ ମୋଠାରୁ ବହୁତ ସାନ । ତେଣୁ ମୁଁ ତୁମକୁ ମୋର ଉତ୍ତରାଧିକାରୀ ଭାବେ ନାମିତ କରିଛି । ଯେତେଦୂର ସମ୍ଭବ ମୁଁ ମୋର ଉତ୍ତରାଧିକାରୀକୁ ବୁଝିବା ଦରକାର ଓ ମୋର ଉତ୍ତରାଧିକାରୀ ମୋତେ ବୁଝିବା ଦରକାର । ତା ପରେ ଯାଇ ମୁଁ ସନ୍ତୁଷ୍ଟ ହେବି ! ....

ବାପୁର ଆଶୀର୍ବାଦ

Digitized by srujanika@gmail.com

ନେହେରୁଙ୍କର ଉତ୍ତର

ଆନନ୍ଦ ଭବନ, ଆହ୍ଲାବାଦ
ଅକ୍ଟୋବର ୯, ୧୯୪୫

ପ୍ରିୟ ବାପୁ,

ମୁଁ ଆଜ ଲକ୍ଷ୍ନୌରୁ ଫେରି ଆପଣଙ୍କର ଅକ୍ଟୋବର ୫ ତାରିଖର ପତ୍ର ପାଇଛି । ଆପଣ ବିଶଦ ଭାବରେ ଲେଖିଛନ୍ତି, ତେଣୁ ମୁଁ ଆନନ୍ଦିତ । ବିସ୍ତୃତ ଭାବରେ ଏହାର ଉତ୍ତର ଦେବାକୁ ଚେଷ୍ଟା କରିବି । କିନ୍ତୁ ଏହିକ୍ଷଣି ମୋର ଏତେ ବ୍ୟସ୍ତ କାର୍ଯ୍ୟକ୍ରମ ରହିଛି ଯେ ଏଥିରେ କିଛି ବିଳମ୍ବ ଘଟିପାରେ । ସେଥିପାଇଁ ମୁଁ କ୍ଷମା ଚାହୁଁଛି । ମୁଁ ଏଠାକୁ ମାତ୍ର ଦେଢ଼ ଦିନ ପାଇଁ ଆସିଛି । ଅନୌପଚାରିକ ଭାବରେ କଥାବାର୍ତ୍ତା କଲେ ବେଶୀ ଭଲ ହୁଅନ୍ତା । କିନ୍ତୁ କେବେ ଏହା ସମ୍ଭବ ହେବ ମୁଁ ସଠିକ୍ ଭାବରେ କହି ପାରୁନାହିଁ । ଚେଷ୍ଟା ନିଶ୍ଚୟ କରିବି ।

ସଂକ୍ଷେପରେ କହିଲେ, ମୋର ମତ ଏହି ଯେ ଆମ ଆଗରେ ଥିବା ପ୍ରଶ୍ନ ସତ୍ୟ ବନାମ ଅସତ୍ୟ କିମ୍ବା ଅହିଂସା ବନାମ ହିଂସା ନୁହେଁ । ପ୍ରକୃତ ସହଯୋଗ ଏବଂ ଶାନ୍ତିପୂର୍ଣ୍ଣ ପନ୍ଥା ଉପରେ ଆଧାରିତ ଏକ ସମାଜ ନିଶ୍ଚୟ ଆମର ଲକ୍ଷ୍ୟ ହେବ । ଅସଲ ପ୍ରଶ୍ନ ହେଉଛି ଯେ ଏହାକୁ ହାସଲ କରିବା କିପରି ଏବଂ ଏହାର ସାର ତତ୍ତ୍ୱ କଣ ହେବ ? ଗ୍ରାମ୍ୟ ଜୀବନରେ ହିଁ ସତ୍ୟ ଓ ଅହିଂସା ପ୍ରତିଫଳିତ ହେବ, ଆପଣଙ୍କର ଏହି କଥା ମୁଁ ବୁଝି ପାରେନାହିଁ । ସାଧାରଣତଃ ଏକ ଗ୍ରାମ ବୌଦ୍ଧିକ ଓ ସାଂସ୍କୃତିକ ଦୃଷ୍ଟିକୋଣରୁ ଅନଗ୍ରସର ରହିଥାଏ । ଅନଗ୍ରସରତାର ବାତାବରଣରେ ପ୍ରଗତି ସମ୍ଭବ ନୁହେଁ । ସଙ୍କୀର୍ଣ୍ଣମନା ଲୋକେ ସମ୍ଭବତଃ ବେଶୀ ମିଥ୍ୟାବାଦୀ ଏବଂ ହିଂସାପରାୟଣ ।

ତା'ପରେ ପୁଣି ଆମକୁ ନିର୍ଦ୍ଦିଷ୍ଟ କିଛି ଲକ୍ଷ୍ୟ ରଖିବାକୁ ହେବ । ଯଥା— ଯଥେଷ୍ଟ ପରିମାଣର ଖାଦ୍ୟ, ବାସଗୃହ, ଶିକ୍ଷା ଓ ସ୍ୱାସ୍ଥ୍ୟ, ଯାହାକି ଦେଶ ପାଇଁ ଓ ପ୍ରତ୍ୟେକଙ୍କ ପାଇଁ ସର୍ବନିମ୍ନ ଆବଶ୍ୟକତା ହେବା ଉଚିତ । ଏହି ସବୁ ଲକ୍ଷ୍ୟର ଆଶୁପୂରଣ ପାଇଁ ଆମକୁ ନିର୍ଦ୍ଦିଷ୍ଟ ପନ୍ଥା ବାଛି ନେବାକୁ ହେବ । ଏହାଛଡ଼ା ଯାତାୟତର ଆଧୁନିକ ସାଧନ ଓ ଆହୁରି ଅନ୍ୟାନ୍ୟ ଆଧୁନିକ ସୁବିଧାଗୁଡ଼ିକୁ ମୁଁ ଅପରିହାର୍ଯ୍ୟ ବୋଲି ମନେ କରେ । ଏସବୁକୁ ଆମେ ଛାଡ଼ି ପାରିବା ନାହିଁ । ତାହାହେଲେ କେତେ ପରିମାଣର ଗୁରୁ ଶିଳ୍ପ ମଧ୍ୟ ରହିବ । ଗୋଟିଏ ବିଶୁଦ୍ଧ ଗ୍ରାମ୍ୟ ବ୍ୟବସ୍ଥାରେ ଏହା ସମ୍ଭବ ହେବ କି ? ବ୍ୟକ୍ତିଗତ ଭାବରେ ମୁଁ ଚାହେଁ ଯେ ଉଭୟ ଗୁରୁ ଓ ଲଘୁ ଶିଳ୍ପର ଯଥାସମ୍ଭବ ବିକେନ୍ଦ୍ରୀକରଣ ହେବା ଉଚିତ । ବିଜୁଳି ଶକ୍ତିର ଆଧୁନିକ ବିକାଶ ଫଳରେ ଏହା ସମ୍ଭବ ଜଣାପଡୁଛି । ଯଦି ଦେଶରେ ଦୁଇପ୍ରକାରର ଅର୍ଥ ବ୍ୟବସ୍ଥା ପ୍ରଚଳିତ ହୁଏ, ତେବେ ଉଭୟଙ୍କ ମଧ୍ୟରେ ସଂଘର୍ଷ ଲାଗି ରହିବ କିମ୍ବା ଗୋଟିଏ ଅନ୍ୟଟିକୁ ସମ୍ପୂର୍ଣ୍ଣ ରୂପେ ହଟେଇ ଦେବ ।

Digitized by srujanika@gmail.com

ଏହି ପରିପ୍ରେକ୍ଷୀରେ ଉଭୟ ରାଜନୈତିକ ଓ ଆର୍ଥିକ ଦୃଷ୍ଟିରୁ ବୈଦେଶିକ ଆକ୍ରମଣରୁ ସୁରକ୍ଷା ଏବଂ ସ୍ୱାଧୀନତା ପ୍ରଶ୍ନ ଉପରେ ମଧ୍ୟ ବିଚାର କରିବା ଦରକାର ଭାରତ ବୈଷୟିକ ଦୃଷ୍ଟିରୁ ଏକ ଉନ୍ନତ ଦେଶ ନ ହେବାଯାଏ ଏହାର ପ୍ରକୃତ ସ୍ୱାଧୀନତା ସମ୍ଭବପର ହେବ ବୋଲି ମୁଁ ଭାବୁ ନାହିଁ। ଏଠାରେ ମୁଁ ଜୈନନୀତିର କଥା କହୁନାହିଁ, ବରଂ ବୈଜ୍ଞାନିକ ବିକାଶର ପ୍ରଶ୍ନ ଉଠାଉଛି । ବିଶ୍ୱର ବର୍ତ୍ତମାନ ପରିପ୍ରେକ୍ଷୀରେ ପ୍ରତ୍ୟେକ କ୍ଷେତ୍ରରେ ବୈଜ୍ଞାନିକ ଗବେଷଣାର ଏକ ଦୃଢ଼ ଭିତ୍ତିଭୂମି ବିନା ଆମର ସାଂସ୍କୃତିକ ପ୍ରଗତି ମଧ୍ୟ ହୋଇପାରିବ ନାହିଁ । ବର୍ତ୍ତମାନ ପୃଥିବୀରେ ପ୍ରତ୍ୟେକ ଗୋଷ୍ଠୀ ଓ ଜାତିମାନଙ୍କ ଭିତରେ ଏକ ପ୍ରବଳ ଆଚରଣ ପ୍ରବୃତ୍ତି ଲୋକମାନଙ୍କୁ ବିବାଦ ଓ ଯୁଦ୍ଧ ଆଡ଼କୁ ଟାଣି ନେଉଛି । ସମଗ୍ର ସମାଜ କିମ୍ବେଶୀ ଭାବରେ ଏହି ପ୍ରବୃତ୍ତି ଉପରେ ପ୍ରତିଷ୍ଠିତ । ଏହି ଆଧାରକୁ ବଦଳାଇବାକୁ ପଡ଼ିବ, କିନ୍ତୁ ଅଲଗା ରହି ଏହା କରାଯାଇ ପାରିବ ନାହିଁ । ଆର୍ଥିକ କ୍ଷେତ୍ରରେ ଦୁନିଆ ଠାରୁ ଅଲଗା ହୋଇ ନୁହେଁ, ପରସ୍ପର ସହଯୋଗ ବଳରେ ହିଁ ଏହା କରାଯାଇପାରେ । ଆର୍ଥିକ ଏବଂ ରାଜନୈତିକ ଦୃଷ୍ଟିରୁ ଭାରତ ଯଦି ଅଲଗା ରହେ, ତାହା ହେଲେ ଏହା ଏକ ଶୂନ୍ୟସ୍ଥାନ ପରି ଜଣାପଡ଼ିବ ଏବଂ ବାହ୍ୟଶକ୍ତି-ମାନେ ତାହାକୁ ଦଖଲ କରିବା ନିମନ୍ତେ ସଂଘର୍ଷ କରିବେ ।

ଅସଂଖ୍ୟ ସାଧାରଣ ଲୋକଙ୍କ ପାଇଁ ରାଜପ୍ରାସାଦର ପ୍ରଶ୍ନ ନାହିଁ । କିନ୍ତୁ କୋଟି କୋଟି ଲୋକଙ୍କ ପାଇଁ ଏକ ସଂସ୍କୃତି ସମ୍ପନ୍ନ ଜୀବନଧାରଣ ସକାଶେ ଆଧୁନିକ ଧରଣର ବାସଗୃହ କାହିଁକି ମିଳିପାରିବ ନାହିଁ, ତାହାର କାରଣ ମୁଁ ବୁଝିପାରୁ ନାହିଁ । ଏହା ଅବଶ୍ୟ ପରିତାପର ବିଷୟ ଯେ ଅନେକ ସହର ମାତ୍ରାଧିକ ଭାବରେ ବଡ଼ ହୋଇଯିବା ଫଳରେ ନାନା ପ୍ରକାରର ଖରାପ ପ୍ରବୃତ୍ତି ଦେଖିବାକୁ ମିଳୁଛି । ହୁଏତ, ଏହି ମାତ୍ରାଧିକ ବୃଦ୍ଧିକୁ ରୋକିବାକୁ ହେବ ଏବଂ ଗ୍ରାମମାନଙ୍କୁ ମଧ୍ୟ ବିକଶିତ କରିବାକୁ ପଡ଼ିବ, ଯା ଫଳରେ ଗ୍ରାମ୍ୟ ଜୀବନ ଉପରେ ସହରୀ ସଂସ୍କୃତିର ପ୍ରଭାବ ପଡ଼ିବ ।

ବହୁ ବର୍ଷ ତଳେ ମୁଁ ହିନ୍ଦ୍ ସ୍ୱରାଜ ପଢ଼ିଥିଲି ଏବଂ ତା'ର ଜୀବନର ଏକ ଅସ୍ପଷ୍ଟ ଚିତ୍ର ସ୍ମରଣ କରିପାରୁଛି । ପ୍ରାୟ କୋଡ଼ିଏ ବର୍ଷ ପୂର୍ବେ ।· ତା' ଆଗରୁ ମୁଁ ଯେତେବେଳେ ଏହି ବହିଟି ପଢ଼ିଥିଲି, ମୋତେ ଏହି ଯୁକ୍ତି ଅବାସ୍ତବ ଲାଗିଥିଲା । ପରବର୍ତ୍ତୀ କାଳରେ ମୁଁ ଲକ୍ଷ୍ୟ କରିଛି ଯେ, ଆପଣଙ୍କର ସେଇ ପୁରୁଣା ମତ ଗୁଡ଼ିକ ଯଥେଷ୍ଟ ବଦଳିଛି ଏବଂ ଅନେକ ଆଧୁନିକ ଧାରାକୁ ଆପଣ ଗ୍ରହଣ କରିଛନ୍ତି । ସେଥିପାଇଁ ଆପଣଙ୍କର ଚିଠିରେ ଏକଥା ପଢ଼ି ମୁଁ ବିସ୍ମିତ ହେଲି ଯେ ସେଇ ପୁରୁଣା ଚିତ୍ର ଏବେ ବି ଆପଣଙ୍କ ମନରେ ଅକ୍ଷୁର୍ଣ୍ଣ ରହିଛି । ଆପଣ ଜାଣନ୍ତି ଯେ କଂଗ୍ରେସ ଯେଉଁ ଚିତ୍ରକୁ ବିଚାର ମଧ୍ୟ କରିନାହିଁ,

Digitized by srujanika@gmail.com

ଗ୍ରହଣ କରିବା ତ' ଦୂରର କଥା । ଏହାର କେତୋଟି ଅପେକ୍ଷାକୃତ ଗୁରୁତ୍ୱପୂର୍ଣ୍ଣ ଦିଗ ବ୍ୟତୀତ ଏହାକୁ ଗ୍ରହଣ କରିବା ପାଇଁ ଆପଣ ନିଜେ ମଧ୍ୟ କେବେ କହିନାହାନ୍ତି । ଏହି ସବୁ ମୌଳିକ ପ୍ରଶ୍ନ ଉପରେ ବିଚାର କଲାବେଳେ ବିଭିନ୍ନ ଜୀବନ ଦର୍ଶନ ଉପରେ ମଧ୍ୟ ମତାମତ ଦେବାକୁ ପଡ଼ିବ । କଂଗ୍ରେସ ଭିତରେ ଏହିସବୁ ବିଷୟର ବିମର୍ଶ ଚଳାଇବା କେତେ ଉପଯୋଗୀ ହେବ, ତାହା ଆପଣ ବିଚାର କରିବେ । ମୋ ମତରେ କଂଗ୍ରେସ ପରି ଏକ ସଂଗଠନ ଏହିସବୁ ବୈଷୟିକ ଦ୍ୱନ୍ଦରେ ପଡ଼ିବା ଉଚିତ ନୁହେଁ । କାରଣ ତଦ୍ୱାରା ଲୋକଙ୍କର ମାନସିକ ଚିନ୍ତା ବଢ଼ିବ ଏବଂ କାର୍ଯ୍ୟକ୍ଷମତା ବାଧାପ୍ରାପ୍ତ ହେବ । କଂଗ୍ରେସ ଭିତରେ ଏବଂ ବାହାରେ ଥିବା ଲୋକମାନଙ୍କ ମଧ୍ୟରେ ଏହା ବିଭେଦ ସୃଷ୍ଟି କରିବ । ଏହିସବୁ ପ୍ରଶ୍ନର ଚୂଡ଼ାନ୍ତ ମୀମାଂସା ସେହିମାନେ କରିବେ, ଯେଉଁମାନେ ସ୍ୱାଧୀନ ଭାରତର ଜନପ୍ରତିନିଧି ହେବେ । × × × ×

'ହିନ୍ଦ୍ ସ୍ୱରାଜ' ଲେଖାହେବାର ୩୮ ବର୍ଷ ବିତିଗଲାଣି । ତା'ପରେ ଦୁନିଆ ଅନେକ ବଦଳି ଯାଇଛି । ହୁଏତ' ଦୁନିଆ ଭୁଲ୍ ବାଟରେ ଯାଉଛି । କିନ୍ତୁ ଏସବୁ ପ୍ରଶ୍ନର ବିଚାର କଲା ବେଳେ ବର୍ତ୍ତମାନର ତଥ୍ୟ, ଆଜିର ମଣିଷ ଏବଂ ପ୍ରଭାବକାରୀ ଶକ୍ତିମାନଙ୍କ ବିଷୟରେ ଆମକୁ ସଚେତନ ହେବାକୁ ପଡ଼ିବ, ନଚେତ୍ ଆମର ସମସ୍ତ ବିଚାର ବାସ୍ତବ ଦୁନିଆଠାରୁ ବିଚ୍ଛିନ୍ନ ହୋଇଯିବ । ଆପଣ ଠିକ୍ କହିଛନ୍ତି ଯେ ପୃଥିବୀ କିମ୍ବା ଏହାର ଗୋଟିଏ ବଡ଼ ଅଂଶ ଆତ୍ମହତ୍ୟା ଆଡ଼କୁ ମୁହାଁଇଛି । ଏହି ସଭ୍ୟତା ଭିତରେ ଯେଉଁ ଏକ ବିନାଶର ବୀଜ ଅଛି ଏହା ତାହାର ପରିଣାମ ବୋଲି ମୁଁ ଭାବେ । ଏହି ବିନାଶରୁ ରକ୍ଷା ପାଇବା ସଙ୍ଗେ ସଙ୍ଗେ ବର୍ତ୍ତମାନ ଯୁଗର ଭଲ କଥାଗୁଡିକୁ କିପରି ରଖିପାରିବା ଏବଂ ଅତୀତର ଭଲ କଥାଗୁଡ଼ିକ ସାଙ୍ଗରେ ତାହାର ସଂଯୋଗ ଘଟାଇ ପାରିବା, ଏହାହିଁ ଆମର ସମସ୍ୟା ।

ଉପରୋକ୍ତ କଥାଗୁଡ଼ିକୁ ମୁଁ ତରବରିଆ ଭାବରେ ଲେଖି ଦେଇଛି । ଯେଉଁ ଗମ୍ଭୀର ପ୍ରଶ୍ନଗୁଡ଼ିକର ଉତ୍ଥାପନ ହୋଇଥିଲା, ତାହା ପ୍ରତି ମୁଁ ଯଥେଷ୍ଟ ନ୍ୟାୟ ବିଚାର କରି ପାରିନାହିଁ ବୋଲି ମୋର ମନେ ହୁଏ । ବିସ୍ତୃତ ଭାବରେ ଉତ୍ତର ଦେଇ ପାରି ନ ଥିବାରୁ ମୁଁ କ୍ଷମା ଚାହେଁ ଏବଂ ଆଶା କରେ ଯେ ପରେ କେବେ ମୁଁ ଅଧିକ ସ୍ପଷ୍ଟ ଭାବରେ ଆପଣଙ୍କୁ ଲେଖିବି ।

ଆପଣଙ୍କ ସ୍ନେହର,

ଜବାହରଲାଲ